

୧୮ ବର୍ଷ ପରେ ଏକାଠି

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-127 •MONDAY •3 NOVEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୨୭ •ସୋମବାର •୩ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ବିଶ୍ୱବିଜୟିନୀ

## ଦ.ଆଫ୍ରିକାକୁ ହରାଇ ଭାରତର ପ୍ରଥମ ଟାଇଟଲ୍ ହାସଲ




■ **ନଭି ମୁମ୍ବଇ, ୨।୧୧ (ଏଜେନ୍ସି):** ଦୀର୍ଘ ୫୨ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷରେ ଭାରତୀୟ ମହିଳା କ୍ରିକେଟ୍ ଦଳର ବିଶ୍ୱକପ୍ ଜିତିବା ସ୍ୱପ୍ନ ସାକାର ହୋଇଛି। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ତ୍ରୟୋଦଶ ସଂସ୍କରଣର ଗ୍ରାଣ୍ଡ ଫାଇନାଲରେ ଘରୋଇ ଭାରତ ୫୨ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିଶ୍ୱ ମୁକୁଟ ପିନ୍ଧିଛି। ୨୯୯ ରନର ଟାର୍ଗେଟ୍‌କୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୪୬ତମ ଓଭର ବୋଲିଂ କରିଥିବା ଦୀପ୍ତି ଶର୍ମାଙ୍କ ୩ୟ ବଲ୍‌କୁ ବଡ଼ ଶଟ୍ ଖେଳିବାକୁ ଯାଇ ଦକ୍ଷିଣ ଆଫ୍ରିକାର ଶେଷ ବ୍ୟାଟର୍ ନାଦିନେ ଡି କ୍ଲେର୍କ କଭର୍ ଅଞ୍ଚଳରେ ଅଧିନାୟିକା ହରମନପ୍ରୀତ୍ କୌରଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଯାଇଥିଲେ। ହରମନପ୍ରୀତ୍ କ୍ୟାଚ୍ ଧରିବା ସହ ଆରମ୍ଭ ହୋଇଯାଇଥିଲା ଭାରତୀୟ ଦଳ ସେଲିବ୍ରେସନ। ଏଥିସହ ଝୁମିଉଠିଥିଲେ ଷ୍ଟାଡିୟମରେ ଉପସ୍ଥିତ ରହିଥିବା ୪୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ। ୧୯୭୩ରୁ ମହିଳା ଦିନିକିଆ ବିଶ୍ୱକପ୍ ଆରମ୍ଭ ହୋଇଥିବାବେଳେ ଭାରତ ପ୍ରଥମଥର ଚାମ୍ପିଅନ ହେବାର ସ୍ୱାଦ ଚାଖିଛି। ଅଷ୍ଟ୍ରେଲିଆ ରେକର୍ଡ ୭ଥର ଓ ଇଂଲଣ୍ଡ ୪ଥର ଓ ନ୍ୟୁଜିଲାଣ୍ଡ ଥରେ ଚାମ୍ପିଅନ ହୋଇଛନ୍ତି। ଭାରତ ଏଥର ଟାଇଟଲ୍ ଜିତିବା ସହ ନୂଆ ବିଶ୍ୱବିଜେତା ହୋଇଛି। ଚାମ୍ପିଅନ ହେବା ସହ ଭାରତୀୟ ମହିଳା ଦଳ ୪.୪୮ ମିଲିୟନ (ଭାରତୀୟ ମୁଦ୍ରାରେ ପ୍ରାୟ ୩୯.୫୫ କୋଟି) ଡଲାର ହାସଲ କରିଛି। ସେହିଭଳି ପ୍ରଥମଥର ଫାଇନାଲ ଖେଳି ରନର୍ସଅପ୍ ହୋଇଥିବା ଦକ୍ଷିଣ ଆଫ୍ରିକା ୨.୨୪ ମିଲିୟନ ଡଲାର (୧୯.୭୭ କୋଟି) ପୁରସ୍କାର ଜିତିଛି।

ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଶେଫାଳି ବର୍ମା (୮୭ ରନ) ଓ ଦୀପ୍ତି ଶର୍ମା (୫୮ ରନ)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୭ ୱିକେଟ୍ ହରାଇ ୨୯୮ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଅଧିନାୟିକା ତଥା ଓପନର୍ ଲୌରା ୱଲଭର୍ଟଙ୍କ ୧୦୧ ରନ ସତ୍ତ୍ୱେ ୪୫.୩ ଓଭରରେ ୨୪୬ ରନରେ ସୀମିତ ରହିଥିଲା। ବୋଲିଂରେ ମଧ୍ୟ ଦୀପ୍ତି ସର୍ବାଧିକ ୫ଟି ୱିକେଟ୍ ନେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶେଫାଳିଙ୍କୁ ମଧ୍ୟ ୨ଟି ୱିକେଟ୍ ମିଳିଥିଲା। ଦୀପ୍ତି ଶର୍ମା ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

## ଭାରତ ମାଟିରୁ ସବୁଠୁ ଓଜନିଆ ଉପଗ୍ରହର ସଫଳ ଉତ୍କ୍ଷେପଣ



■ **ଶ୍ରୀହରିକୋଟା, ୨।୧୧ (ଏଜେନ୍ସି): ଇତିହାସ ରଚିଲା** ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)। ରବିବାର ଦିନ ବାହୁବଳୀ ରକେଟ୍ ଦ୍ୱାରା ଦେଶର ସବୁଠାରୁ ଓଜନିଆ ଉପଗ୍ରହ ମହାକାଶରେ ଛାଡିଛି। ଭାରତ ମାଟିରୁ ଉତକ୍ଷେପଣ ହେବାରେ ଏହା ହେଉଛି ସବୁଠାରୁ ଓଜନିଆ ଉପଗ୍ରହ ବୋଲି କୁହାଯାଉଛି। ଏହି ଉପଗ୍ରହର ଓଜନ ୪,୪୦୦ କିଲୋଗ୍ରାମ। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ରବିବାର ସନ୍ଧ୍ୟା ୫ଟା ୨୬ ମିନିଟରେ ଏହି ଉପଗ୍ରହକୁ ଉତ୍କ୍ଷେପଣ କରାଯାଇଥିଲା। ଉତକ୍ଷେପଣର କିଛି ସମୟ ପରେ ଏହା ଉପଗ୍ରହକୁ ତାର କକ୍ଷ୍ୟପଥରେ ସଫଳତା ସହିତ ସ୍ଥାପିତ କରିଛି।

ଭାରତୀୟ ନୌସେନା ପାଇଁ ସ୍ୱଦେଶୀ କୌଶଳରେ ନିର୍ମିତ ଏହି ଅତ୍ୟାଧୁନିକ ଯୋଗାଯୋଗ ଉପଗ୍ରହର ନାମ ହେଉଛି ଜିସାଟ୍-୭ଆର (ସିଏମ୍‌ଏସ୍-୦୩)। ଇସ୍ରୋର ସବୁଠାରୁ ଶକ୍ତିଶାଳୀ ରକେଟ ଏଲଭିଏମ୍‌୩ ଜରିଆରେ ଏହି ଉପଗ୍ରହକୁ ତାର ନିର୍ଦ୍ଧାରିତ କକ୍ଷପଥରେ ସଫଳତାର ସହ ସ୍ଥାପିତ କରାଯାଇଛି। ▶ପୃଷ୍ଠା-୭

### ନୂଆପଡ଼ା ଉପନିର୍ବାଚନ

## ଆଜି ପ୍ରଚାରକୁ ଓହ୍ଲାଇବେ ନବୀନ



**ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ**

**ଅଙ୍କ କଷୁଛନ୍ତି ବିଜେପି ଓ କଂଗ୍ରେସ**

■ **ଭୁବନେଶ୍ୱର, ୨।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଆସନ୍ତାକାଲି ପ୍ରଚାର ମଇଦାନକୁ ଓହ୍ଲାଇବେ ବିଜେଡି ସଭାପତି ନବୀନ ପଟ୍ଟନାୟକ। କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଧାନମଣ୍ଡି ପଡ଼ିଆଠାରେ ଏକ ବିଶାଳ ନିର୍ବାଚନୀ ସଭାକୁ ନବୀନ ସମ୍ବୋଧନ କରିବେ। ଏଥିପାଇଁ ଦଳ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉଭୟ ରାଜନୈତିକ ତଥା ଭୌଗୋଳିକ ସମୀକରଣ ଦୃଷ୍ଟିରୁ ତରବୋଡ଼ ସମାବେଶ ବେଶ୍ ଗୁରୁତ୍ୱ ବହନ କରୁଛି। ନବୀନଙ୍କ ସଭାକୁ ନେଇ ବିଜେଡି କର୍ମୀଙ୍କ ଉତ୍ସାହ ଶୀର୍ଷରେ ପହଞ୍ଚିଥିବା ବେଳେ ବିଜେପି ଓ କଂଗ୍ରେସ ଏହାକୁ ବେଶ୍ ସତର୍କ ଦୃଷ୍ଟିରେ ଦେଖୁଛନ୍ତି। ନବୀନଙ୍କ ପ୍ରଚାର ସ୍ନେହାଙ୍ଗିନୀଙ୍କ ସପକ୍ଷରେ ବଡ଼ ପ୍ରଭାବ ପକାଇବ ବୋଲି ସ୍ଥାନୀୟ ରାଜନୈତିକ ବିଶେଷଜ୍ଞମାନେ ଆକଳନ କରୁଥିବା ବେଳେ ବିଜେପି ଓ କଂଗ୍ରେସ ଶିବିର ଏହାକୁ ନେଇ ଅଙ୍କ କଷିବାରେ ଲାଗିଛନ୍ତି। ପୂର୍ବରୁ ନବୀନଙ୍କ ସଭାକୁ ସଫଳ କରାଇ ନ ଦେବାକୁ ବିଜେପି ଉଦ୍ୟମ କରୁଥିବା ନେଇ ବିଜେଡି ଅଭିଯୋଗ କରିସାରିଛି। ଏପରିସ୍ଥଳେ ଆସନ୍ତାକାଲିର ସଭା ଉପନିର୍ବାଚନ ଫଳାଫଳକୁ ବେଶ୍ ପ୍ରଭାବିତ କରିବ ବୋଲି ରାଜନୈତିକ ସମୀକ୍ଷକ ମହଲରେ ଆକଳନ ପ୍ରକାଶ ପାଉଛି।

ସ୍ଥାନୀୟ ରାଜନୈତିକ ସମୀକ୍ଷକଙ୍କ ଅନୁଯାୟୀ ତରବୋଡ଼ରେ ସମାବେଶ ନିଷ୍ପତ୍ତି ପଛରେ ୨ଟି କାରଣ ରହିଛି। ଭୌଗୋଳିକ ଦୃଷ୍ଟିକୋଣରୁ ତରବୋଡ଼ ▶ପୃଷ୍ଠା-୭

**ପୁଲିସ ଚାକିରି ବେପାର**

## କ୍ରାଇମ୍‌ବ୍ରାଞ୍ଚକୁ ଧରା ପକାଇଦେଲା ଶଙ୍କର



**"ଗିରଫ ନୁହେଁ; ଆତ୍ମସମର୍ପଣ କରିଛି"**

**ମୁନ୍ନା-ଶଙ୍କରକୁ କ୍ରାଇମ୍‌ବ୍ରାଞ୍ଚର ଜେରା**

■ **ଭୁବନେଶ୍ୱର/କଟକ ୨।୧୧ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାର ତଥାକଥିତ ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଧରା ପଡ଼ିଛି। ଉତ୍ତରାଖଣ୍ଡ-ନେପାଳ ସୀମାନ୍ତବର୍ତ୍ତୀ ଅଞ୍ଚଳରୁ ତାକୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ଦାବି କରୁଥିବାବେଳେ ଶଙ୍କର ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ଗଣମାଧ୍ୟମକୁ କହିଛି। ସବୁଠାରୁ କୌତୂହଳ କଥା ହେଉଛି ଯେ ଆତ୍ମଗୋପନ ଓ ଫେରାର ଆଦି କଥାକୁ ଶଙ୍କର ଅସ୍ୱୀକାର କରି କ୍ରାଇମବ୍ରାଞ୍ଚର ଦାବିକୁ ପାଣିଚିଆ କରିଦେଇଛି। ଯାହାକୁ ନେଇ ସାଧାରଣରେ ସନ୍ଦେହ ଘନୀଭୂତ ହୋଇଛି। ତେଣୁ କ୍ରାଇମବ୍ରାଞ୍ଚ ସତ କହୁଛି ନା ଶଙ୍କର ସତ କହୁଛି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

ଚାକିରି ବିକ୍ରି ମାମଲା ପର୍ଦ୍ଦାଫାସ ହେବା ପରେ ପ୍ରାୟ ୪ ସପ୍ତାହରୁ ଊର୍ଦ୍ଧ୍ୱକାଳ ଧରି ଶଙ୍କର କ୍ରାଇମବ୍ରାଞ୍ଚ ଧରାଛୁଆଁ ବାହାରେ ଥିଲା। ତେଣୁ ଏହି ସମୟ ମଧ୍ୟରେ ସେ ସବୁପ୍ରକାର ପ୍ରମାଣ ନଷ୍ଟ କରିଥିବା ସ୍ୱାଭାବିକ ସନ୍ଦେହ କରାଯାଉଛି। ବିମାନବନ୍ଦରରୁ ତାକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଆଣୁଥିଲା ବେଳେ ସେ ସ୍ପଷ୍ଟ ଭାବେ ଆତ୍ମଗୋପନ କରି ନ ଥିବା ଓ ବିଭିନ୍ନ କୋର୍ଟରେ ଜାମିନ୍ ପାଇଁ ଆବେଦନ କରିଥିବା ଉଲ୍ଲେଖ କରି ଗିରଫ ଅଭିଯୁକ୍ତମାନଙ୍କ ସହ ତାର ସମ୍ପର୍କ ନ ଥିବା ସ୍ପଷ୍ଟ ଭାବରେ କହିଛି।

ଅନ୍ୟପକ୍ଷରେ ଭୁବନେଶ୍ୱରରେ ପହଞ୍ଚିବା ପରେ କଟକସ୍ଥିତ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ଶଙ୍କରକୁ ପ୍ରାୟ ୮ ଘଣ୍ଟା ଜେରା କରାଯାଇଛି। ଏସ୍‌ଆଇ ଚାକିରି ବିକ୍ରିକୁ ପ୍ରସଙ୍ଗରେ ଜେରା ବେଳେ ଶଙ୍କର ଆଦୌ ବ୍ୟସ୍ତ ବିବ୍ରତ ନ ଥିବା ଓ ପୂରା ଦମ୍ଭର ସହ କ୍ରାଇମବ୍ରାଞ୍ଚ ଟିମ୍‌କୁ ଉତ୍ତର ଦେଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜେରା ବେଳେ ଶଙ୍କରକୁ ୨୦ରୁ ଊର୍ଦ୍ଧ୍ୱ ପ୍ରଶ୍ନ ପଚରାଯାଇଥିଲା। ଏସ୍‌ଆଇ ପରୀକ୍ଷା ପରିଚାଳନାରେ ପଞ୍ଚସଫ୍ଟରର ଭୂମିକା କଣ ରହିଥିଲା? ସେ ସିଲିକନ୍ ଠାରୁ କେଉଁ ଆଧାରରେ କାମ ନେଇଥିଲା? ଆଶାୟୀଙ୍କୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାକୁ କଣ ପାଇଁ ପଠାଯାଇଥିଲା? ଏଥିରେ ତାର ଭୂମିକା କଣ ଥିଲା? ଏହି ମହା ଘୋଟାଲାରେ ଆଉ କିଏ କିଏ ସାମିଲ ଅଛନ୍ତି? କେଉଁ ଅନ୍ତରାଜ୍ୟ ଗ୍ୟାଙ୍ଗ ସହ ତାର ସମ୍ପର୍କ ରହିଛି? ପ୍ରତ୍ୟେକ ଆଶାୟୀଙ୍କ ଠାରୁ କେତେ ଟଙ୍କା ନିଆଯାଇଥିଲା? ଏହି ଟଙ୍କା କାହା କାହା ମଧ୍ୟରେ ବଣ୍ଟା ଯାଇଛି? କେଉଁ ସରକାରୀ ▶ପୃଷ୍ଠା-୭

### ୧୦୦୦ କୋଟିର ଡିଲ୍: ଶଙ୍କର

ଏସ୍‌ଆଇ ସ୍କାମ୍‌ରେ ୧୦୦୦ କୋଟିର ଡିଲ୍ ହୋଇଥିବା ଗଣମାଧ୍ୟମକୁ କହିଛି ପଞ୍ଚସଫ୍ଟ ମୁଖ୍ୟ ମାଷ୍ଟର୍‌ମାଇଣ୍ଡ ଶଙ୍କର ପୃଷ୍ଟି। ଏୟାରପୋର୍ଟରୁ ତାକୁ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟ ନିଆଯିବା ବେଳେ ଗଣମାଧ୍ୟମ ପ୍ରଶ୍ନରେ ଶଙ୍କର କହିଛି ଯେ ଏସ୍‌ଆଇ ଚାକିରି ପ୍ରସଙ୍ଗରେ ୧୦୦୦ କୋଟି ଡ଼ିଲ୍ ହୋଇଛି। ତେବେ ଏହି ଡିଲ୍ କାହା ସହ ହୋଇଥିଲା ଓ ଡିଲ୍‌ର ମାଷ୍ଟରମାଇଣ୍ଡ କିଏ ସେ ନେଇ କିଛି କହିନାହିଁ। ତା କଥାରୁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ ଶଙ୍କର ଏହି ଡିଲ୍ ବିଷୟରେ ସବୁକିଛି ଜାଣିଛି।

## ପରଲୋକରେ ମସଲା ସମ୍ରାଟ ଶରତ ସାହୁ



**'ରୁଚି' ପ୍ରତିଷ୍ଠାତାଙ୍କ ବିୟୋଗରେ ମୋହନ ଓ ନବୀନଙ୍କ ଶୋକ**

**ସୋମବାର ହେବ ଶେଷକୃତ୍ୟ**

■ **କଟକ, ୨।୧୧ (ସମିସ):** ଓଡ଼ିଶାର ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା ରୁଚି ମସଲା କମ୍ପାନୀର ପ୍ରତିଷ୍ଠାତା ଡକ୍ଟର ଶରତ କୁମାର ସାହୁଙ୍କର ଆଜି ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ବୟସାଧିକ୍ୟ କାରଣରୁ ଡ. ସାହୁ ଗତ ଅକ୍ଟୋବର ୩୦ ତାରିଖରେ ଲୀଳାବତୀରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ଡ. ସାହୁଙ୍କ ପରଲୋକ ଓଡ଼ିଶାର ଶିଳ୍ପ ଓ ଉଦ୍ୟୋଗ ଜଗତ ପାଇଁ ଅପୂରଣୀୟ କ୍ଷତି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ରୁଚି ମସଲାକୁ ଘରେ ଘରେ ପରିଚିତ କରାଇଥିବା ଡ. ସାହୁଙ୍କ ବିୟୋଗରେ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନ ଗଭୀର ଶୋକପ୍ରକାଶ କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଡ. ସାହୁଙ୍କ ପତ୍ନୀ ସଙ୍ଗୀତା ସାହୁ, ପୁତ୍ର ଅରବିନ୍ଦ ସାହୁ, କନ୍ୟା ରଶ୍ମୀ ସାହୁ, ପୁତ୍ରବଧୂ ସଲିନା ସାହୁ ଓ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।

୧୯୫୦ ମସିହା ଜୁଲାଇ ୨୨ ତାରିଖରେ କଟକର ରାଣୀହାଟ ତେଲିସାହିରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସାହୁ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ଓ ରାଣୀହାଟ ହାଇସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ଖ୍ରୀଷ୍ଟ କଲେଜରେ ଅଧ୍ୟୟନ କରିଥିଲେ। ପାଠପଢ଼ା ଶେଷ ହେବା ପରେ ସେ ନିଜ ପିତା ବନମାଳୀ ସାହୁଙ୍କ ସହିତ ମିଶି ୧୯୭୬ ମସିହା ପବିତ୍ର ଶ୍ରୀଗୁଣ୍ଡିଚା ଦିନ କଟକର ▶ପୃଷ୍ଠା-୭

## ପହିଲି ପଞ୍ଚୁକରୁ କଳବଳ

### ଶ୍ରୀମନ୍ଦିରରେ ଠେଲାପେଲା; ଏକାଧିକ ଭକ୍ତ ଆହତ





**ଘଣ୍ଟାଘଣ୍ଟା ଛିଡ଼ା ହୋଇ ଫେରିଗଲେ**

**ଧୈର୍ଯ୍ୟ ହରାଇ ବ୍ୟାରିକେଡ୍ ଭାଙ୍ଗିଲେ**

**ଆନନ୍ଦ ବଜାରରେ ବି ଚରମ ବିଶୃଙ୍ଖଳା**

**ଦର୍ଶନ କରି ପାରିଲେନି ବରିଷ୍ଠ ନାଗରିକ**

■ **ପୁରୀ, ୨।୧୧ (ସମିସ):** ପଞ୍ଚୁକ ଆରମ୍ଭରୁ କଳବଳ ଭକ୍ତ। ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଆଜି ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। କିନ୍ତୁ, ଦର୍ଶନ ଜନିତ ଅବ୍ୟବସ୍ଥା ଯୋଗୁଁ ବହୁ ଶ୍ରଦ୍ଧାଳୁ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି। ବଡ଼ ଆଖଡ଼ା ମଠ ସମ୍ମୁଖ ବ୍ୟାରିକେଡ୍ ଭିତରେ ଠେଲାପେଲା ଯୋଗୁଁ ଏକାଧିକ ଭକ୍ତ ଆହତ ହୋଇଥିବା ବେଳେ କିଛି ଧୈର୍ଯ୍ୟହରା ଭକ୍ତ ବ୍ୟାରିକେଡ୍ ଠେଲି ଭାଙ୍ଗିଦେବା ଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି।

ଉଦ୍‌ବେଗର ବିଷୟ ହେଲା, ବରିଷ୍ଠ ନାଗରିକଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନଥିବାରୁ ବ୍ୟାରିକେଡ୍‌ରେ ଘଣ୍ଟାଘଣ୍ଟା ଛିଡ଼ା ହୋଇ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଖାଲି ସେତିକି ନୁହେଁ, ସେମାନେ ଆଉ ଦର୍ଶନ କରିବାକୁ ଭିତରକୁ ନ ଯାଇ ଘରକୁ ଫେରିଛନ୍ତି। କେବଳ ସିଂହଦ୍ୱାରରେ ପ୍ରବେଶ ▶ପୃଷ୍ଠା-୭

**ବିଶ୍ୱସ୍ତରୀୟ ବରମୁଣ୍ଡା ବସ୍ ଟର୍ମିନାଲ୍**

## ୧୫ ମାସରେ ନାରଖାର








■ **ଭୁବନେଶ୍ୱର, ୨।୧୧ (ସମିସ):** ଭୁବନେଶ୍ୱର ବରମୁଣ୍ଡାରେ ଥିବା ପୁରୁଣା ବସ୍‌ଷ୍ଟାଣ୍ଡକୁ ୨୦୨୪ ମସିହାରେ କୋଟିକୋଟି ଟଙ୍କା ବ୍ୟୟରେ ନବକଳେବର କରାଯାଇ ଏହାକୁ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ନାମରେ ନାମିତ କରାଯାଇଥିଲା। ଯାହା ବିଶ୍ୱସ୍ତରୀୟ ବସ୍ ଟର୍ମିନାଲର ମାନ୍ୟତା ହାସଲ କରିଥିଲା। କିନ୍ତୁ ସରକାର ବଦଳିବା ପରେ ବସ୍ ଟର୍ମିନାଲ ପରଚାଳନା ଏବଂ ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଇପାରୁ ନାହିଁ। ଟର୍ମିନାଲ୍ ଭିତରେ ଏସି କାମ କରୁ ନ ଥିବା ବେଳେ ପାଣି ଟ୍ୟାପ୍‌ଗୁଡ଼ିକ ଅଚଳ ହୋଇପଡ଼ିଛି। ସେହିଭଳି ଭିତରେ ପଡ଼ିଥିବା ବିଶ୍ରାମ ଚେୟାରଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ଭାଙ୍ଗିରୁଜି ଗଲାଣି।

ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲରୁ ପ୍ରତିଦିନ ଦୈନିକ ୩ ହଜାର ବସ୍‌ରେ ୨୦ ହଜାରରୁ ଅଧିକ ଯାତ୍ରୀ ବିଭିନ୍ନ ଜିଲ୍ଲା ସମେତ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାତାୟାତ କରିଥାନ୍ତି। ଟର୍ମିନାଲ ଭିତରେ ଏସି ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହା ଦୀର୍ଘଦିନ ହେଲା ଅଚଳ ହୋଇପଡୁଛି। ଖରାଦିନ ତ ଖରାଦିନ ରାତି ଏବଂ ବର୍ଷା ଦିନେ ମଧ୍ୟ ଭିତରେ ଗୁଳୁଗୁଳି ଅନୁଭୂତ ହେଉଛି। ବିଡିଏ ପକ୍ଷରୁ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀକୁ ୫ ବର୍ଷ ପାଇଁ କଣ୍ଟ୍ରାକ୍ଟ ଦିଆଯାଇଥିଲା। ହେଲେ ଏହି କମ୍ପାନୀ ଅନ୍ୟ ଏକ ଡ଼ାଇକିନ୍ କମ୍ପାନୀକୁ ଏସି ଲଗାଇବା ପାଇଁ ସୁପାରିଶ କରିଥିଲେ। କିନ୍ତୁ ବାହାଘର ପରେ ବେଦି ମୁହଁ ପୋଡ଼ା ଭଳି ଏସିର ୱାରେଣ୍ଟି ସରିବା ପରେ ପ୍ରାୟ ବର୍ଷେ ହୋଇଯିବ ଠିକ୍ ଭାବେ ପରିଚାଳନା କରା ନ ଯିବାରୁ ବାରମ୍ବାର ଏସି ସମସ୍ୟା ଦେଖାଦେଉଛି। ସେହିଭଳି ଟର୍ମିନାଲ ଭିତରେ ପିଲାଙ୍କ ପାଇଁ ଗେମ୍ ଜୋନ୍ ରହିଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ ଭାଙ୍ଗିରୁଜି ଗଲାଣି।

ଟର୍ମିନାଲ ଉଦ୍‌ଘାଟନ ବେଳେ ଏଠାରେ ପ୍ରିପେଡ୍ ଅଟୋ ବ୍ୟବସ୍ଥା କରାଯାଇଥିବା ଘୋଷଣା ହୋଇଥିଲା। ଏହି ପ୍ରିପେଡ୍ ମାଧ୍ୟମରେ ଯାତ୍ରୀ ସ୍ୱତନ୍ତ୍ର କାଉଣ୍ଟର୍‌ରୁ ଅଗ୍ରୀମ ବୁକିଂ କରିବାର ବ୍ୟବସ୍ଥା କରାଯାଇଥିଲା। ଆପ୍ ମାଧ୍ୟରେ ଯାତ୍ରୀ ଅଟୋଚାଳକଙ୍କ ପରିଚୟ ସହିତ ଗନ୍ତବ୍ୟସ୍ଥଳକୁ ଟ୍ରାକ୍ କରିବାର ବ୍ୟବସ୍ଥା ଥିଲା। କିନ୍ତୁ ଏହି ପ୍ରିପେଡ୍ ବ୍ୟବସ୍ଥା ଅଧିକାଂଶ ସମୟରେ ବନ୍ଦ ରହୁଛି। ଫଳରେ ଯାତ୍ରୀମାନେ ବାହାର ଅସାଧୁ ଅଟୋ ଚାଳକଙ୍କ ଶିକାର ହେଉଛନ୍ତି। ବାହାରୁ ଆସୁଥିବା ଯାତ୍ରୀଙ୍କୁ ବିଭିନ୍ନ ଉପାୟରେ ଲୁଟ୍‌ପାଟ୍ କରୁଛନ୍ତି ଅସାଧୁ ଅଟୋ ଚାଳକ।

ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଶୌଚାଳୟଗୁଡ଼ିକ କେତେକ ଟ୍ୟାବ୍ ଭାଙ୍ଗି ଯାଇଥିବା ବେଳେ ଅନେକ ଟ୍ୟାପ୍ ଚୋରି ହୋଇଯାଇଛି। ବିଶେଷକରି ପୁରୁଷ ଶୌଚାଳୟ ଏବଂ ବାହାରେ ଥିବା ରିଫ୍ରେସ୍‌ମେଣ୍ଟ ଜୋନ୍‌ରୁ ଟ୍ୟାପ୍ ନ ଥିବାରୁ ଯାତ୍ରୀ ପାଣି ପାଇଁ ଡହକବିକଳ ହେଉଛନ୍ତି। ଏତେ ବଡ଼ ଟର୍ମିନାଲ ଭିତରେ ସିସିଟିଭି ଲାଗିକି ଯଦି ଚୋରି ହୋଇଯାଉଛି ▶ପୃଷ୍ଠା-୭

## ରାଜସ୍ଥାନରେ ଟ୍ରକ୍-ବସ୍ ଧକ୍କା, ୧୮ ମୃତ

**ଯୋଧପୁର,୨।୧୧(ଏଜେନ୍ସି):** ରାଜସ୍ଥାନର ଯୋଧପୁର ନିକଟସ୍ଥ ଫାଲେଦି ଜିଲ୍ଲାର ମତୋଡ ଅଞ୍ଚଳରେ ରବିବାର ଭାରତ ମାଳା ରୋଡ୍‌ରେ ଏମ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ଉପରେ ଠିଆ ହୋଇଥିବା ଟ୍ରକ୍‌କୁ ଏକ ଟୁରିଷ୍ଟ ବସ୍ ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା। ଫଳରେ ୧୮ ଜଣ ଯାତ୍ରୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୩ରୁ ୪ ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣା ପରେ ଏହି ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ବିକାନେରର କୋଲାୟାଟ ମନ୍ଦିର ଦର୍ଶନ କରି ଶ୍ରଦ୍ଧାଳୁମାନେ ଯୋଧପୁରର ସୁରସାଗରକୁ ଫେରିଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଟ୍ରକ୍‌କୁ ବସ୍ ଏତେଜୋରରେ ଧକ୍କା ଦେଇଥିଲା ଯେ, ବସର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ରୂପେ ଚୂରମାର ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଆହତଙ୍କୁ ଉଦ୍ଧାର କରିଥିଲେ। ଏହି ଦୁର୍ଘଟଣା ନେଇ ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ କରିବା ସହିତ ଏହାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପତ୍ନୀ-ଝିଅ, ଶାଳୀଙ୍କୁ ହତ୍ୟାକରି ଆତ୍ମହତ୍ୟା


**ହାଇଦରାବାଦ୍,୨।୧୧ (ଏଜେନ୍ସି):** ତେଲଙ୍ଗାନାର ବିକାରାବାଦ ଜିଲ୍ଲାରେ ପାରିବାରିକ ବିବାଦ କାରଣରୁ ଜଣେ ବ୍ୟକ୍ତି ବିଭତ୍ସ କାଣ୍ଡ ଘଟାଇଛନ୍ତି। ଶନିବାର ରାତିରେ ଜଣେ ୪୦ ବର୍ଷୀୟ ବ୍ୟକ୍ତି ନିଜ ପତ୍ନୀ, ୧୦ ବର୍ଷର ଝିଅ ଓ ଶାଳୀଙ୍କୁ ହତ୍ୟା କରି ଫାସି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା କୁଲକାଚେରଲେ ମଣ୍ଡଳରେ ରାତି ୨ରୁ ୩ଟା ମଧ୍ୟରେ ଘଟିଥିଲା ଓ ପୁଲିସ ଏ ନେଇ ମାମଲା ରୁଜୁ କରି ଯାଞ୍ଚ ଆରମ୍ଭ କରିଛି। ପତି ଓ ପତ୍ନୀଙ୍କ ମଧ୍ୟରେ ଲାଗାତର ପାରିବାରିକ ବିବାଦ ଚାଲୁଥିଲା ଓ ଏଥିପାଇଁ ଏହି ଘଟଣା ଘଟିଛି ବୋଲି କୁହାଯାଇଛି। ଅଭିଯୁକ୍ତ ବଡ଼ ଝିଅ ଉପରେ ମଧ୍ୟ ଆକ୍ରମଣ କରିଥିଲା। କିନ୍ତୁ ସେ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ତାକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ରାତିରେ ବାପା ଓ ମାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ବୋଲି ବଡ଼ ଝିଅ କହିଛି। ଏହାପରେ ମା ଘର ଛାଡି ଚାଲିଯାଇଥିଲେ। କିନ୍ତୁ ମାଉସୀ ସହିତ ମା ଘରକୁ ଫେରିଥିଲେ। ରାତିରେ ସବୁ ଶୋଇଥିବା ବେଳେ ବାପା ଏହି କାଣ୍ଡ ଘଟାଇଥିଲେ। କୌଣସି ମତେ ବାହାରକୁ ଆସି ଜୀବନ ବଞ୍ଚାଇଥିଲି ବୋଲି ସେ କହିଛି। ପୁଲିସ ଆକ୍ରମଣରେ ବ୍ୟବହୃତ ହୋଇଥିବା ଅସ୍ତ୍ର ଜବତ କରିଛି। ଶବବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଆଗକୁ ପଦକ୍ଷେପ ନିଆଯିବ ବୋଲି ପୁଲିସ କହିଛି।

## ଲାଇଟ୍ ବନ୍ଦ କରିବାକୁ ନେଇ ହତ୍ୟା

**ବେଙ୍ଗାଲୁରୁ,୨।୧୧(ଏଜେନ୍ସି):** ବେଙ୍ଗାଲୁରୁର ଗୋବିନ୍ଦରାଜ ନଗରରେ ଏକ କାର୍ଯ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି। ଜଣେ ସାଧାରଣ କର୍ମଚାରୀ ଡମ୍ବେଲରେ ନିଜ ମ୍ୟାନେଜରଙ୍କୁ ପିଟି ପିଟି ହତ୍ୟା କରିଛି। ଏମ୍‌ସି ଲେଆଉଟ ନିକଟରେ ଥିବା ଏକ ଡିଜିଟାଲ ଭଲ୍ଟ ଓ ଫଟୋ ଏଡିଟିଂ ଫାର୍ମରେ ଏହି ଘଟଣା ଘଟିଛି। ୨୪ ବର୍ଷୀୟ କର୍ମଚାରୀ ସୋମଲା ଭାମ୍‌ସୀ ଲାଇଟ୍ ବନ୍ଦ କରିବା ନେଇ ଏକ ମାମୁଲି କାରଣ ପାଇଁ ନିଜ ମ୍ୟାନେଜର ୪୧ ବର୍ଷୀୟ ଭିମେଶ ବାବୁଙ୍କୁ ପିଟି ପିଟି ହତ୍ୟା କରିଛି। ଅଭିଯୁକ୍ତ ସୋମଲା ଜଣେ ଟେକ୍ନିକାଲ ଏକଜିକ୍ୟୁଟିଭ ଭାବେ କାର୍ଯ୍ୟ କରୁଥିଲା। ପୁଲିସ ଏହି ଘଟଣା ହତ୍ୟା ମାମଲା ରୁଜୁ କରି ଯାଞ୍ଚ ଆରମ୍ଭ କରିଛି। ପୁଲିସ ସୋମଲାକୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ମୃତକ ଭିମେଶଙ୍କୁ ଅତ୍ୟଧିକ ଆଲୋକ ନେଇ ସମସ୍ୟା ଥିଲା। ଅତି ଆବଶ୍ୟକ ନହେଲେ ସେ ନିଜ କର୍ମଚାରୀଙ୍କୁ ଲାଇଟ୍ ନ ଜଳାଇ ବନ୍ଦ କରିବାକୁ କହିଥାନ୍ତି। କିନ୍ତୁ ଶୁକ୍ରବାର ରାତି ୧ଟାରେ ସେ ଭିମେଶ ସୋମଲାଙ୍କୁ ଲାଇଟ୍ ବନ୍ଦ କରିବାକୁ କହିଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ଯ୍ୟ କରିଥିବାରୁ ସୋମଲାଙ୍କ ସହ ତାଙ୍କ ବିବାଦ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୋମଲା ଡମ୍ବେଲରେ ଭିମେଶଙ୍କ ଛାତି, ମୁହଁ, ମୁଣ୍ଡ ଉପରେ ଏକାଧିକ ବାର ଆକ୍ରମଣ କରିଥିଲା। ଫଳରେ ଭିମେଶ ବେହୋଶ ହୋଇ ତଳେ ପଡିଯାଇଥିଲେ। ଏହାପରେ ସେମଲା ଡରିଯାଇ ବ୍ୟସ୍ତ ହୋଇଥିଲା। ନିଜ ବନ୍ଧୁମାନଙ୍କୁ ଡାକି ସେ ଆମ୍ବୁଲାନ୍ସ ଡକାଇଥିଲା। କିନ୍ତୁ ଆମ୍ବୁଲାନ୍ସ କର୍ମଚାରୀ ଭିମେସଙ୍କୁ ମୃତ ବୋଲି ଘୋଷିତ କରିଥିଲେ।

## ସ୍କୁଟିକୁ ଧକ୍କା ଦେଲା ଆମ୍ବୁଲାନ୍ସ: ଦମ୍ପତି ମୃତ

**ବେଙ୍ଗାଲୁରୁ,୨।୧୧(ଏଜେନ୍ସି):** ଦ୍ରୁତଗତିରେ ଯାଉଥିବା ଏକ ଆମ୍ବୁଲାନ୍ସ ନାଲି ବତୀ ପାରକରି ଏକ ସ୍କୁଟିକୁ ଧକ୍କା ଦେବା ଫଳରେ ବେଙ୍ଗାଲୁରୁର ସଡ଼କ ରକ୍ତରଞ୍ଜିତ ହୋଇଛି। ସାଧାରଣ ଲୋକଙ୍କ ଜୀବନ ବଞ୍ଚାଉଥିବା ଆମ୍ବୁଲାନ୍ସ ହିଁ ଏହି ଘଟଣା ଘଟାଇଛି। ଟ୍ରାଫିକ୍ ନିୟମ ମାନି ଏକ ଦମ୍ପତି ସ୍କୁଟିରେ ରେଡ୍ ଲାଇଟ୍‌ରେ ରହିଥିଲେ। କିନ୍ତୁ ପଛପଟୁ ଆମ୍ବୁଲାନ୍ସ ଦ୍ରୁତଗତିରେ ଆସି ନିୟନ୍ତ୍ରଣ ହରାଇ ଅନ୍ୟ ଗାଡିଗୁଡିକୁ ଧକ୍କା ଦେବା ସହ ସ୍କୁଟି ଉପରେ ଚଢ଼ିଯାଇଥିଲା। ଫଳରେ ସ୍କୁଟିରେ ବସିଥିବା ଦମ୍ପତି ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ଆଉ ଦୁଇଜଣ ଆହତ ହୋଇଛନ୍ତି ଓ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବେଙ୍ଗାଲୁରୁ ରିଚମଣ୍ଡ ସର୍କଲରେ ଶନିବାର ରାତି ୧୧ଟାରେ ଏହି ଘଟଣା ଘଟିଛି। ଧକ୍କା ଦେଇ ଆମ୍ବୁଲାନ୍ସ କିଛି ବାଟ ଯିବା ପରେ ଏକ ପୁଲିସ ପୋଷ୍ଟରେ ଧକ୍କା ଦେଇ ରହିଯାଇଥିଲା। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ୱିଲସନ ଗାର୍ଡେନ ଟ୍ରାଫିକ ପୁଲିସ ସୂଚନା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଦୁର୍ଘଟଣା ନେଇ ତଦନ୍ତ ଆରମ୍ଭ ହୋଇଛି।



## ଇଜିପ୍ଟରେ ବିଶ୍ୱର ସର୍ବବୃହତ୍ ମ୍ୟୁଜିୟମ ଖୋଲିଲା

**କାଏରୋ,୨।୧୧(ଏଜେନ୍ସି):** ଉତ୍ତର ଆଫ୍ରିକୀୟ ଦେଶ ଇଜିପ୍ଟର ଗିଜାର ପିରାମିଡ୍ ନିକଟରେ ବିଶ୍ୱର ସର୍ବବୃହତ୍ ମ୍ୟୁଜିୟମ୍ 'ଗ୍ରାଣ୍ଡ ଇଜିପ୍ସିଆନ୍ ମ୍ୟୁଜିୟମ' (ଜିଇଏମ୍) ଖୋଲାଯାଇଛି। ଶନିବାର ସର୍ବସାଧାରଣଙ୍କ ପାଇଁ ମ୍ୟୁଜୟମକୁ ଆନୁଷ୍ଠାନିକ ଭାବେ ଖୋଲାଯାଇଛି। ମ୍ୟୁଜିୟମର ଉଦ୍‌ଘାଟନୀ ଉତ୍ସବକୁ ଭବ୍ୟ କରାଯିବା ପାଇଁ ସବୁ ପ୍ରକାର ପ୍ରୟାସ କରାଯାଇଥିଲା। ଏଥିରେ ଇଜିପ୍ଟ ରାଷ୍ଟ୍ରପତି ଅବଡେଲ ଫତା

**ପ୍ରତିବର୍ଷ ଆସିବେ ୮୦ ଲକ୍ଷ ଲୋକ**

ଏଲ-ସିସିଙ୍କ ସମେତ ବିଶ୍ୱର ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ଯୋଗ ଦେଇଥିଲେ। ଏକ ବିଲିଅନ ଆମେରିକୀୟ ଡଲାର ଅର୍ଥାତ ୮୮, ୭୯ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହି ମ୍ୟୁଜିୟମ ନିର୍ମାଣ କରାଯାଇଛି। ଏହି ମ୍ୟୁଜିୟମର ସ୍ୱତନ୍ତ୍ରତା ହେଉଛି ଯେ, ଏଠାରେ ବାଳକ ରାଜା ଟୁଟାନଖାମୁନଙ୍କ ସମାଧି ରହିଛି। ବ୍ରିଟିସ୍ ପ୍ରତ୍ନତତ୍ତ୍ୱବିତ୍ ହାୱାର୍ଡ କାର୍ଟର ୧୯୨୨ରେ ଏହି ସମାଧିକୁ ଆବିଷ୍କାର କରିଥିଲେ। ଟୁଟାନଖାମୁନ ମାତ୍ର ୯ ବର୍ଷରେ ଇଜିପ୍ଟର ସିଂହାସନ ଆରୋହଣ କରିଥିଲେ ଓ ୧୮-୧୯ ବର୍ଷରେ ମୃତ୍ୟୁବରଣ କରିଥିଲେ। ଖ୍ରୀଷ୍ଟପୂର୍ବ ୧୩୩୨ରୁ -୧୩୨୩ ପର୍ଯ୍ୟନ୍ତ ସେ ଶାସନ କରିଥିଲେ। ତାଙ୍କର ଏହି କବର ୩,୦୦୦ ପର୍ଯ୍ୟନ୍ତ ଦବି ରହିଥିଲା। ପଥର ଓ ଅବର୍ଜନା କାରଣରୁ ଏହି ସମାଧି ଲୁଚି ରହିଥିଲା। ଏବେ ଏହି ମ୍ୟୁଜିୟମରେ ୫୦ ହଜାରରୁ ଊର୍ଦ୍ଧ୍ୱ ଐତିହାସିକ ବସ୍ତୁ ପ୍ରଦର୍ଶିତ ହୋଇଛି। ଏଠାରେ ୪୫୦୦ ବର୍ଷ ପୁରୁଣା ଖୁପୁଙ୍କ ନୌକା, ୩୨୦୦ ବର୍ଷ ପୁରୁଣା ରାମେସେସ-୨ଙ୍କ ମୂର୍ତ୍ତି ଦେଖିବାକୁ ମିଳିବ। ଏଥିରେ ୫୫୦୦ରୁ ଅଧିକ କଳାକୃତି ମିଳିଥିଲା। ଏବେ ପ୍ରଥମଥର ପାଇଁ ଏସବୁ ସାଧାରଣ ଦର୍ଶକଙ୍କ ପାଇଁ ଗୋଟିଏ ସ୍ଥାନରେ ପ୍ରଦର୍ଶିତ ହେଉଛି। ଏଠାରେ ଏକ ଲକ୍ଷ ପ୍ରାଚୀନ କଳାକୃତି ରହିଛି। ଏହା ଇଜିପ୍ଟର ୭,୦୦୦ ବର୍ଷ ପୁରୁଣା ଇତିହାସକୁ ପ୍ରଦର୍ଶିତ କରୁଛି। ଏହାକୁ ଆଧୁନିକ ଯୁଗର ସର୍ବବୃହତ ସାଂସ୍କୃତିକ ଓ ଗବେଷଣା କେନ୍ଦ୍ର ଭାବେ ବିବେଚନା କରାଯାଉଛି।

# ଭାରତୀୟଙ୍କ ପାଇଁ କାଳ ଟ୍ରମ୍ପଙ୍କ ଦ୍ୱିତୀୟ ଇନିଂସ



**ୱାସିଂଟନ,୨।୧୧(ଏଜେନ୍ସି):**

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଆମେରିକାର ରହୁଥିବା ଭାରତୀୟଙ୍କ ବିରୋଧରେ ହେଟ୍ କ୍ରାଇମ୍ ଅର୍ଥାତ ଘୃଣାର ଅପରାଧ ୯୧ ପ୍ରତିଶତ ବୃଦ୍ଧି ପାଇଛି। କିନ୍ତୁ ଜୋ ବାଇଡେନଙ୍କ କାର୍ଯ୍ୟକାଳରେ ଦକ୍ଷିଣ ଏସୀୟ ଲୋକଙ୍କ ବିରୋଧରେ ଅନଲାଇନ୍ ଘୃଣା ସୀମିତ ଥିଲା। ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ୪୬,୦୦୦ ଟ୍ରୋଲିଂ ଓ ୮୮୪ଟି ଧମକ ମିଳିଥିଲା। କିନ୍ତୁ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭ ହେବା ମାତ୍ରେ ହିଁ ସ୍ଥିତି ଆହୁରି ବିଗିଡି ଯାଇଛି। ୨୦୨୫ ଅକ୍ଟୋବର ପର୍ଯ୍ୟନ୍ତ ଟ୍ରୋଲିଂ ୮୮,୦୦୦ରେ ପହଞ୍ଚିଛି। ଅର୍ଥାତ ଏଥିରେ ୯୧ ପ୍ରତିଶତ ବୃଦ୍ଧି ହୋଇଛି। ଡିସେମ୍ବରରେ ଟ୍ରମ୍ପ-ମସ୍କ- ରାମାସ୍ୱାମୀ ଯୁକ୍ତିତର୍କ ପରେ ୭୬ ପ୍ରତିଶତ ଧମକ ଚାକିରି ଛାଡିବାକୁ ଦିଆଯାଇଛି। ରାଷ୍ଟ୍ରପତି ଟ୍ରମ୍ପ ଏଚ୍-୧ବି ଭିସାର ଫି' ବଢ଼ାଇବା ଓ ୧୦୪ ଭାରତୀୟଙ୍କୁ ଆମେରିକାକୁ ବିଦା କରିବା ପରେ ସ୍ଥିତି ଆହୁରି ସଂଗୀନ ହୋଇଥିଲା। ଏହାପରେ ଟେକ୍ସାସ, ଭିର୍ଜିନିଆ ଓ କାଲିଫର୍ଣ୍ଣିଆରେ ମନ୍ଦିର ଉପରେ ଆକ୍ରମଣ ଓ ଗୁଳିମାଡ଼

**ଭାରତୀୟଙ୍କ ପ୍ରତି ହେଟ୍ କ୍ରାଇମ୍ ୯୧ ପ୍ରତିଶତ ବୃଦ୍ଧିପାଇଛି**

**ମନ୍ଦିର ଉପରେ ଆକ୍ରମଣ ବୃଦ୍ଧି ପାଇଛି**

**ଏଚ୍-୧ବି ଭିସା ନେଇ ଧମକ ମିଳୁଛି**

ଘଟଣା ବୃଦ୍ଧି ପାଇଥିଲା। ୨୦୨୪ ନଭେମ୍ବର ଓ ୨୦୨୫ ଅକ୍ଟୋବର ମଧ୍ୟରେ ଆମେରିକାର ବିଭିନ୍ନ ସହରରେ ଭାରତୀୟଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇଛି। ଆମେରିକାରୁ ଭାରତୀୟଙ୍କୁ ବାହାର କରିବା ନେଇ ସ୍ଲୋଗାନରେ ଯଥେଷ୍ଟ ବୃଦ୍ଧି ଘଟିଛି। ଟ୍ରମ୍ପଙ୍କ କେତୋଟି ବିବାଦୀୟ ନୀତି କରାଣରୁ ଭାରତୀୟଙ୍କ ବିରୋଧରେ ବର୍ଣ୍ଣବୈଷମ୍ୟ ଆକ୍ଷେପ ବୃଦ୍ଧି ପାଇଛି। ଏହିକ୍ରମରେ ସୋସିଆଲ ମିଡିଆରେ ଭାରତୀୟଙ୍କ ବିରୋଧରେ ବର୍ଣ୍ଣବୈଷମ୍ୟ ପୋଷ୍ଟ, ଅନ୍‌ଲାଇନ୍ ଟ୍ରୋଲିଂ ଯଥେଷ୍ଟ ବୃଦ୍ଧିପାଇଛି। କେବଳ ଭାରତୀୟ ନୁହେଁ ପୂରା ଦକ୍ଷିଣ ଏସିଆର ନାଗରିକଙ୍କୁ ମଧ୍ୟ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଟାର୍ଗେଟ କରାଯାଉଛି।

ଏହି ସମସ୍ୟା ପାଇଁ ମୁଖ୍ୟତଃ ୪ଟି କାରଣ ରହିଛି। ଆମେରିକା ସମେତ ୟୁରୋପ ଓ ଅଷ୍ଟ୍ରେଲିଆରେ ପ୍ରବାସୀଙ୍କ ବିରୋଧରେ ଘୃଣା ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଉଛି।। ଏହି ଭାବନା ସାରା ବିଶ୍ୱରେ ଦେଖାଯାଇଛି ଓ ଏହା ଦକ୍ଷିଣପନ୍ଥୀ ରାଜନୀତିର ମୁଖ୍ୟ ଅସ୍ତ୍ର ମଧ୍ୟ ପାଲଟିଛି। ପ୍ରଥମଟି ହେଲା ଏଚ୍-୧ବି ଭିସା ଉପରେ ଅସନ୍ତୋଷ ଓ ରାଗ ଦେଖିବାକୁ ମିଳିଛି। ଏହି ଭିସା ନେଇ ଭାରତୀୟମାନେ ଅପେକ୍ଷାକୃତ କମ୍ ଯୋଗ୍ୟ ହୋଇଥିଲେ ମଧ୍ୟ ଆମେରିକୀୟଙ୍କ ଚାକିରି ନେଉଛନ୍ତି। ପୁଣି ଗୋରା ଲୋକମାନେ ନିଜର ପତିଆରା ବୃଦ୍ଧି କରିବାକୁ ଚାହୁଁଛନ୍ତି ଓ ଏହା ଏବେ ଚରମ ସୀମାରେ ପହଞ୍ଚିଛି। ସେହିପରି ଭାରତ ଓ ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍ ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟ ଭାରତୀୟଙ୍କୁ ସମସ୍ୟାରେ ପକାଇଛି। ଏହି ବାଣିଜ୍ୟ ଚୁକ୍ତି ଭାରତୀୟଙ୍କ ବିରୋଧରେ ଘୃଣାକୁ ଦ୍ୱିଗୁଣିତ କରୁଛି। ଫ୍ଲୋରିଡାରେ ଜଣେ ଭାରତୀୟ ଶିଖ ଡ୍ରାଇଭର ଟ୍ରକ୍ ଚଢ଼ାଇଦେବା ଫଳରେ ୩ ଆମେରିକୀୟଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ବଢ଼ାଇ ଚଢ଼ାଇ ଉପସ୍ଥାପନ କରାଯିବା ଫଳରେ ଆମେରିକାରେ ଭାରତୀୟଙ୍କ ପ୍ରତି ଘୃଣାଭାବ ବୃଦ୍ଧି ପାଇଛି।

## ନାଇଜେରିଆ ଆକ୍ରମଣ କରିବାକୁ ଟ୍ରମ୍ପଙ୍କ ଧମକ

**ୱାସିଂଟନ,୨।୧୧(ଏଜେନ୍ସି):** ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆ ଉପରେ ଆମେରିକା ଆକ୍ରମଣ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଏହି ଦେଶରେ ଯଦି ଖ୍ରୀଷ୍ଟିଆନ ନାଗରିକଙ୍କ ହତ୍ୟା ତଥା ନରସଂହାର ରୋକା ନଯାଏ ତେବେ ଆମେରିକା ଆକ୍ରମଣ କରିବ ବୋଲି ସେ ଚେତାଇ ଦେଇଛନ୍ତି। ପୁଣି ଆମେରିକା ନାଇଜେରିଆକୁ ଆର୍ଥିକ ତଥା ସୈନ୍ୟ ସହାୟତା ରୋକିବ। ଯଦି ଆବଶ୍ୟକ ପଡେ ଆମେରିକା ବନ୍ଧୁକ ସହ ନାଇଜେରିଆ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥ୍‌ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଖ୍ରୀଷ୍ଟିଆନଙ୍କ ଉପରେ ଆକ୍ରମଣ କରୁଥିବା ଆତଙ୍କବାଦୀଙ୍କୁ ଆମେରିକା ନିପାତ କରିବ ବୋଲି କହିଛନ୍ତି। ଉଲ୍ଲେଖଥାଉ କି, ନାଇଜେରିଆରେ ଗତ ଜାନୁଆରୀରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଧାର୍ମିକ ହିଂସା କାରଣରୁ ୭,୦୦୦ରୁ ଊର୍ଦ୍ଧ୍ୱ ଖ୍ରୀଷ୍ଟିଆନ ନାଗରିକଙ୍କୁ ହତ୍ୟା କରାଯାଇଛି ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ଏହି ନରସଂହାର ପଛରେ ବୋକୋ ହାରାମ ଓ ଫୁଲାନୀ ଉଗ୍ରବାଦୀ ଭଳି ଆତଙ୍କବାଦୀ ଗୋଷ୍ଠୀକୁ ଦାୟୀ କରାଯାଉଛି। ଯଦି ଆମେରିକା ଆକ୍ରମଣ କରେ ତେବେ ଏହା ଭୟାନକ ଓ କ୍ଷୀପ୍ର ହେବ ବୋଲି ଟ୍ରମ୍ପ ଚେତାଇ ଦେଇଛନ୍ତି। ତେବେ ନାଇଜେରିଆରେ ଧାର୍ମିକ ଅସହିଷ୍ଣୁତା ବୃଦ୍ଧି ପାଉଛି ବୋଲି କହିବା ଭୁଲ ହେବ ବୋଲି ନାଇଜେରିଆ ରାଷ୍ଟ୍ରପତି ଅହମ୍ମଦ ଟୁନିବୁ କହିଛନ୍ତି।

## ଭାଇକୁ ମାରି ଭାଉଜଙ୍କୁ ଦୁଷ୍କର୍ମ ପରେ ହତ୍ୟା

**ରାଜକୋଟ, ୨।୧୧ (ଏଜେନ୍ସି):** ଗୁଜରାଟର ଜୁନାଗଡ଼ ସହରରୁ ପାଖାପାଖି ୫୦ କିମି ଦୂରରେ ଶୋଭାଭଦଲା ଗାଁର ଖୋଡିଆର ଆଶ୍ରମରେ ଜଣେ ୧୫ ବର୍ଷୀୟ ନାବାଳକ ଅଜବ କାଣ୍ଡ ଘଟାଇଛନ୍ତି। ଏହି ନାବାଳକ ନିଜ ବଡ଼ଭାଇଙ୍କୁ ମାରିବା ପରେ ନିଜ ଗର୍ଭବତୀ ଭାଉଜକୁ ଦୁଷ୍କର୍ମ କରିବା ପରେ ହତ୍ୟା କରିବା ଭଳି ଘଟଣା ସମ୍ନାକୁ ଆସିଛି। କେବଳ ସେତିକି ନୁହଁ, ନାବାଳକ ଜଣଙ୍କ ଭାଉଜଙ୍କ ପେଟକୁ ଏତେଜୋରରେ ଗୋଇଠା ମାରିଥିଲେ ଯେ, ୬ ମାସର ଶିଶୁ ତାଙ୍କ ଗର୍ଭରୁ ବାହରକୁ ବାହାରି ଆସିଥିଲା। ଅକ୍ଟୋବର ୧୬ରେ ଏହି ଘଟଣା ଘଟିଥିଲା। ତେବେ ୩୧ ତାରିଖ ଶୁକ୍ରବାର ଏହା ସାମ୍ନାକୁ ଆସିଥିଲା। ଭାଇ ଓ ଭାଉଜଙ୍କ ମୃତଦେହକୁ ନଗ୍ନ କରି ନାବାଳକ ଜଣକ ଘରେ ଭିତରେ ହିଁ ପୋତିଦେଇଥିଲା। ଏହାପରେ ଦୁଇଜଣ ପୋଷାକରେ ନିଆଁ ଲଗାଇ ପୋଡି ଦେଇଥିଲା ଓ



ରକ୍ତର ଛିଟାକୁ ପୋଛିଥିଲା। ତା'ର ମା ବଡ଼ ପୁଅ ଓ ବୋହୂର ମୃତଦେହକୁ ପୋତିବାରେ ନାବାଳକଙ୍କୁ ସାହଯ୍ୟ କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି କରିଛି। ମୃତକ ହେଉଛନ୍ତି ୨୨ ବର୍ଷୀୟ ଶିବମଗିରି ଓ ତାଙ୍କ ପତ୍ନୀ ହେଉଛନ୍ତି ୧୯ ବର୍ଷୀୟା କାଞ୍ଚନ କୁମାରୀ। ଶିବମଗିରି ଜଣେ ଇଲେକଟ୍ରିସିଆନ ଭାବେ କାର୍ଯ୍ୟ କରନ୍ତି। ନାବାଳକ ଜଣକ ଆଶ୍ରମର ଦେଖାଶୁଣା କରିବା ସହ ଗାଇଗୋରୁଙ୍କ ପାଳନ କରନ୍ତି। ଭାଇ ଶୋଇଥିବା ବେଳେ ସେ ଲୁହା ରଡ୍‌ରେ ପିଟି ତାଙ୍କୁ ହତ୍ୟା କରିଥିଲା। ଏହାପରେ ସେ ଭାଉଜଙ୍କୁ ଦୁଷ୍କର୍ମ କରିବା ସହ ହତ୍ୟା କରିଥିଲା। ଅଭିଯୁକ୍ତ ନାବାଳକ ପୁଲିସ ଆଗରେ ନିଜ ଅପରାଧ ସ୍ୱୀକାର କରିଛି। ସେ ନିୟମିତ ମଦ୍ୟପାନ କରୁଥିଲା। ମଦ ଛାଡିବାକୁ ବଡ଼ ଭାଇ ବାରମ୍ବାର କହୁଥିଲେ। ଫଳରେ ସେ ଭାଇକୁ ଘୃଣା କରୁଥିଲା ଓ ଏହି କାରଣରୁ ପରିବାରରେ ଅଶାନ୍ତି ଲାଗି ରହୁଥିଲା। ବିହାରରୁ ଆସି ଏହି ପରିବାର ଗତ ୨୮ ବର୍ଷ ହେବ ଆଶ୍ରମରେ ରହୁଥିଲେ।

## ମେକ୍ସିକୋରେ ବିସ୍ଫୋରଣ; ୨୩ ମୃତ

**ମେକ୍ସିକୋ ସିଟି,୨।୧୧(ଏଜେନ୍ସି):** ଉତ୍ତର ଆମେରିକୀୟ ଦେଶ ମେକ୍ସିକୋର ସୋନାରା ରାଜ୍ୟରେ ହେର୍ମୋସିଲୋଠାରେ ଥିବା ଏକ ସୁପରମାର୍କେଟ୍‌ରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଛି। ଏଥିରେ କେତେଜଣ ଛୋଟପିଲାଙ୍କ ସମେତ ୨୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କର ଚିକିତ୍ସା କରାଯାଉଛି। ଶନିବାର ଅପରାହ୍ନ ୨ଟାରେ ଏହି ବିସ୍ଫୋରଣ ହୋଇଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଆଖାପାଖ ଦୋକାନରେ ନିଆଁ ଲାଗିବାର ଆଶଙ୍କା ଥିଲା। ଫଳରେ ଦୋକାନଗୁଡିକୁ ବନ୍ଦ କରିଦିଆଯାଇଥିଲା। ଏହି ବିସ୍ଫୋରଣ ନେଇ ଯାଞ୍ଚ ଆରମ୍ଭ କରାଯାଇଛି ବୋଲି ସୋନାରା ଗଭର୍ନର ଅଲଫୋନସୋ ଦୁରାଜ କହିଛନ୍ତି। ତେବେ ଏହାକୁ ଆତଙ୍କବାଦୀ ଘଟଣା କିମ୍ବା ହିଂସକ ଘଟଣା ବୋଲି କହିବାକୁ ସୁରକ୍ଷା ଏଜେନ୍ସିମାନେ ମନା କରିଛନ୍ତି। ମେକ୍ସିକୋରେ 'ଡେ ଅଫ୍ ଦି ଡେଡ୍' ଉତ୍ସବ ପାଳନ କରାଯାଉଥିବା ବେଳେ ଏହି ଘଟଣା ଘଟିଥିଲା। ନିଜର ପୂର୍ବ ପୁରୁଷଙ୍କ ମନେ ପକାଇବା ପାଇଁ ଓ ଶ୍ରଦ୍ଧାଞ୍ଜଳି ଦେବାକୁ ଏହି ଉତ୍ସବ ପାଳନ କରାଯାଇଥାଏ।

**ଦଳାଚକଟା ନେଇ ପୂଜାରୀଙ୍କ ଅଜବ ଯୁକ୍ତି**

## ମୋ ଜମି, ମୋ ମନ୍ଦିର, ପୁଲିସ୍‌କୁ କାହିଁକି ଜଣାଇବି?

**ହାଇଦରାବାଦ୍,୨।୧୧(ଏଜେନ୍ସି):** ୪ ମାସ ତଳେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମ ଜିଲ୍ଲାର କାସବୁଗା ଗାଁରେ ଯେତେବେଳେ ୯୪ ବର୍ଷୀୟ ଭଗବାନ ଭେଙ୍କଟେଶ୍ୱରଙ୍କ ଭକ୍ତି ହରି ମୁକୁନ୍ଦ ପଣ୍ଡା ନିଜ ଜୀବନର ସ୍ୱପ୍ନ ପୂରଣ କରିଥିଲେ, ସେତେବେଳେ କେହି ଭାବି ନଥିଲେ ଯେ ଏଭଳି ମୃତ୍ୟୁର ବିଭୀଷିକା ଘଟିବ। ସେ ଭଗବାନ ଭେଙ୍କଟେଶ୍ୱରଙ୍କ ନାମରେ ଏକ ଛୋଟ ମନ୍ଦିର ନିର୍ମାଣ କରିଥିଲେ। ଏହାକୁ 'ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର'ର ମାନ୍ୟତା ପାଇଥିଲା। ଏହାକୁ ଲୋକ ଶ୍ରଦ୍ଧାରେ 'ଚିନ୍ନା ତିରୁପତୀ' ବା 'ମିନି ତିରୁପତୀ' କହୁଥିଲେ। ତିରୁପତୀଙ୍କ ବୈଭବରେ ପ୍ରେରିତ ହୋଇ ସ୍ଥାନୀୟ ଲୋକ ଏହି ମନ୍ଦିରକୁ ନୂଆ ଅସ୍ଥାର କେନ୍ଦ୍ର ରୂପେ ବିବେଚନା କରିଥିଲେ। ପ୍ରତିଦିନ ବହୁ ସଂଖ୍ୟାରେ ଭକ୍ତ ଦର୍ଶନ ପାଇଁ ଏହି ମନ୍ଦିରକୁ ଆସିଥାନ୍ତି। କିନ୍ତୁ ଶନିବାର ଏକାଦଶି ଦିନ ଦଳଚକଟା ଘଟଣା ଘଟିଥିଲା ଓ ଏଥିରେ ୧୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୫୦ରୁ ଊର୍ଦ୍ଧ୍ୱଲୋକ ଆହତ ହୋଇଥିଲେ।

କିନ୍ତୁ ଏହି ଦୁର୍ଘଟଣା ନେଇ ମନ୍ଦିର ପ୍ରତିଷ୍ଠାତା ହରି ମୁକୁନ୍ଦ ପଣ୍ଡା ଅଜବ ଯୁକ୍ତି ଦେଇଛନ୍ତି। ଏହି ଘଟଣା ପରେ ତାଙ୍କୁ ଯେତେବେଳେ ପ୍ରଶ୍ନ କରାଗଲା ଯେ, ସେ



କାହିଁକି ପ୍ରଶାସନକୁ ସୂଚନା ଦେଇ ନଥିଲେ। ସେ କହିଛନ୍ତି ଯେ, ମୁଁ ମନ୍ଦିର ନିଜ ଜମିରେ ନିର୍ମାଣ କରିଛି। ତେଣୁ ପୁଲିସକୁ କାହିଁକି ସୂଚନା ଦେବି ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ଏହା ମୋର ଅଧିକାର ବୋଲି ସେ ସ୍ପଷ୍ଟ କରିଛନ୍ତି। ମନ୍ଦିର ସାଧାରଣ ଶାନ୍ତ ରହିଥାଏ। କିନ୍ତୁ ଏକାଦଶୀ ଦିନ ଏତେ ଭିଡ଼ ହେବ ବୋଲି ଆଶା କରି ନଥିଲି। ହଠାତ ଭିଡ ବୃଦ୍ଧି ପାଇଥିଲା। ପ୍ରସାଦ ମଧ୍ୟ ଶେଷ ହୋଇଥିଲା। ଦ୍ୱିତୀୟଥର ପାଇଁ ପ୍ରସାଦ ତିଆରି କରିବାକୁ ଭାବୁଥିଲି, କିନ୍ତୁ ସେତେବେଳକୁ ଏହି ଘଟଣା ଘଟି ସାରିଥିଲା ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଏହି ଘଟଣାର ନିନ୍ଦା କରିଛନ୍ତି। ଯଦି ପୁଲିସ୍‌କୁ ପୂର୍ବରୁ ସୂଚନା ଦିଆଯାଇଥାନ୍ତା, ତେବେ ଉଚିତ ବ୍ୟବସ୍ଥା ଗ୍ରହଣ କରାଯାଇଥାନ୍ତା ଓ ଏହି ଘଟଣା ଘଟି ନଥାନ୍ତା। ମୃତକଙ୍କୁ ବଞ୍ଚାଇ ଯାଇ ପାରିଥାନ୍ତା ବୋଲି ସେ କହିଛନ୍ତି। ମୃତକଙ୍କ ପରିବାରକୁ ସହାୟତା ଦେବାକୁ ସେ ଘୋଷଣା କରିଛନ୍ତି। ସେ ମଧ୍ୟ ମନ୍ଦିର ପରିଚାଳନା କମିଟିର ବେପରୁଆ ମନୋଭାବକୁ ନିନ୍ଦା କରିଛନ୍ତି।

**ବିହାର ବାହୁବଳୀ ଅନନ୍ତ ସିଂହ ଗିରଫ**

# ଧଳା ପୋଷାକ ପଛରେ କଳା ସାମ୍ରାଜ୍ୟ

**ପାଟନା, ୨।୧୧ (ଏଜେନ୍ସି):**

ଅପରାଧୀଙ୍କୁ ରାଜନୀତି ଏକ ସୁରକ୍ଷିତ ସ୍ଥାନ ପ୍ରଦାନ କରୁଛି। ଏହାର ଛତ୍ରଛାୟାରେ ରହି ଅପରାଧୀ ଆପରାଧିକ ସାମ୍ରାଜ୍ୟକୁ ଚଲାଉଛନ୍ତି। ଏମାନଙ୍କ ପାଇଁ ଆଇନ ତା ବାଟରେ ଯାଉଛି। ବିଧାନସଭା ନିର୍ବାଚନକୁ ନେଇ ଚର୍ଚ୍ଚାରେ ଥିବା ବିହାରରୁ ଏହାର ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛି। ଧଳା ପୋଷାକ ତଳେ ଅପରାଧର କଳା ସାମ୍ରାଜ୍ୟ ଚଳାଉଥିବା ଏହି ବ୍ୟକ୍ତି ହେଉଛନ୍ତି ଅନନ୍ତ କୁମାର ସିଂହ ଓରଫ ଛୋଟେ ସରକାର। ସେ କ୍ଷମତାସୀନ ଜେଡିୟୁ ଦଳର ଜଣେ କୁଖ୍ୟାତ ବାହୁବଳୀ। ସରକାରୀ ଦଳର ଛତ୍ରଛାୟାରେ ରହି ଅପରାଧ କରୁଥିବା ଏହି ବାହୁବଳୀ ବେଶି ଦିନ ପର୍ଯ୍ୟନ୍ତ ମଧ୍ୟ ଜେଲ୍‌ରେ ରୁହନ୍ତି ନାହିଁ। ତିନି ମାସ ତଳେ ଏକ ମାମଲାରେ ବେଉର ଜେଲ୍‌ରୁ ମୁକୁଳିଥିବା ଏହି ଅନନ୍ତ ସିଂହ ଗ୍ୟାଙ୍ଗଷ୍ଟରରୁ ରାଜନେତା ପାଲଟି ଥିବା ଆରଜେଡି ନେତା ଦୁଲାରଚାନ୍ଦ ଯାଦବଙ୍କୁ ହତ୍ୟା କରିଥିବାର ଅଭିଯୋଗ ହୋଇଛି। ଗତ ଗୁରୁବାର ଦିନ ପ୍ରଶାନ୍ତ କିଶୋରଙ୍କ ପାର୍ଟିର ଜଣେ ପ୍ରାର୍ଥୀଙ୍କ ସପକ୍ଷରେ ଯାଦବ ପ୍ରଚାର କରୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ଅନନ୍ତ ସଂପୃକ୍ତ ଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏହି ମାମଲାରେ ପୁଲିସ ତାଙ୍କୁ ଗତକାଲି ବିଳମ୍ବିତ ରାତିରେ ଗିରଫ କରିଛି। କୋର୍ଟ ତାଙ୍କୁ ୧୪ ଦିନ ପାଇଁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି।।

ସୂଚନା ଅନୁଯାୟୀ ପାଟନା ଏସଏସପି କାର୍ତ୍ତିକେୟ ଶର୍ମା ୧୫୦ ଜଣ ପୁଲିସ କର୍ମୀଙ୍କୁ ନେଇ ଶନିବାର ବିଳମ୍ବିତ ରାତିରେ ବେଢ଼ନାର କାର୍‌ଗିଲ ଛକ ସ୍ଥିତ ଘରୁ ଅନନ୍ତଙ୍କୁ ଗିରଫ କରିଥିଲେ। ପରେ ତାଙ୍କୁ ପାଟନା ନେଇ ଆସିଥିଲେ। ରାତି ୨ଟାରେ ପାଟନା ଜିଲ୍ଲାପାଳ ଏବଂ ଏସ୍‌ଏସ୍‌ପି ସାମ୍ବାଦିକ ସମ୍ମିଳନୀ କରି ସମ୍ପୂର୍ଣ୍ଣ ମାମଲାର ସୂଚନା ଦେଇଥିଲେ।



ଧଳା ପୋଷାକ ସାଙ୍ଗକୁ କଳା ଚଷମା ପିନ୍ଧିଥିବା ଅନନ୍ତଙ୍କୁ ଯିଏ ଦେଖିବ ସେ ସ୍ୱଚ୍ଛ ଭାବମୂର୍ତ୍ତିର ଭାବିନେବ। କିନ୍ତୁ ବାସ୍ତବରେ ସେ ସେପରି ନୁହନ୍ତି। ପାଟନାରେ ଥିବା ମୋକାମା ତାଙ୍କ ଗଡ଼ ଭାବେ ପରିଚିତ। ଗତ ଦୁଇ ଦଶନ୍ଧି ହେଲା ଅନନ୍ତ ସିଂହ ମୋକାମାରୁ ରାଜନୀତିକୁ ନିୟନ୍ତ୍ରଣ କରୁଛନ୍ତି। ସେ କୌଣସି ନିର୍ବାଚନୀ ସଙ୍କେତ ଚାହାନ୍ତି ନାହିଁ। ସେ ହିଁ ସଙ୍କେତ ପାଲଟି ଯାଆନ୍ତି। ଜେଡିୟୁ ହେଉ କି ଆରଜେଡି କିମ୍ବା ସ୍ୱାଧୀନ ସେ ଜିତିବା ସୁନିଶ୍ଚିତ ହୋଇଥାଏ। କେବଳ ଏହି ବାହୁବଳୀଙ୍କ ସ୍ଲୋଗାନ ବଦଳି ଯାଇଥାଏ। ଅନନ୍ତ ସିଂହଙ୍କ କଳା ସାମ୍ରାଜ୍ୟ ଏବଂ ଅପରାଧର ତାଲିକା ଯିଏ ଶୁଣେ ସେ ଭୟରେ ଥରି ଉଠାଇଥାଏ। ଦୁଲାରଚାନ୍ଦଙ୍କ ହତ୍ୟା ଏହାର ଏକ ଉଦାହରଣ ମାତ୍ର।

ଅନନ୍ତ ସତ୍ୟପାଠରେ କହିଛନ୍ତି ଯେ ତାଙ୍କ ଉପରେ ରେ ୨୮ଟି ମାମଲା ରହିଛି। ଏଗୁଡିକ ମଧ୍ୟରେ ହତ୍ୟା, ଆପରାଧିକ ଷଡ଼ଯନ୍ତ୍ର, ନିର୍ଯାତନା, ଅପହରଣ ଏବଂ ଆକ୍ରମଣ ଆଦି ସାମିଲ ରହିଛି। ସେହିପରି ଅନନ୍ତଙ୍କ ପାଖରେ ୧୩ କୋଟିର ସ୍ଥାବର ସମ୍ପତ୍ତି ରହିଛି। ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିକୁ ମିଶାଇ ତାଙ୍କ ପାଖରେ ମୋଟ ୩୭.୮୮ କୋଟି ଟଙ୍କାର ସମ୍ପତ୍ତି ରହିଛି। ଅନନ୍ତଙ୍କ ବିଧାୟିକା ସ୍ତ୍ରୀ ନିଳୀମା ଦେବୀଙ୍କ ପାଖରେ ୬୨.୭୨ କୋଟି ଟଙ୍କାର ସମ୍ପତ୍ତି ମଧ୍ୟ ରହିଛି।

ମୋକାମାର ସରକାର ହେଉଛନ୍ତି ଛୋଟେ ସରକାର। ଏହି ଭୂମିହାର ନେତା ୨୦୦୫ରେ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଥିଲେ। ୨୦୧୦ରେ ପୁନର୍ବାର ଜିତିବା ସତ୍ତ୍ୱେ ୨୦୧୫ରେ ନୀତୀଶ କୁମାରଙ୍କ ଜେଡିୟୁ ଛାଡ଼ି ସେ ଆରଜେଡିରେ ସାମିଲ ହୋଇଥିଲେ। ଏହି ନିର୍ବାଚନରେ ସେ ସ୍ୱାଧୀନ ଭାବେ ଲଢ଼ି ଜେଡିୟୁ ନେତାଙ୍କୁ ହରାଇ ଥିଲେ। ପୁଣି ୨୦୨୦ ନିର୍ବାଚନ ପୂର୍ବରୁ ସେ ଜେଡିୟୁକୁ ଫେରି ବିଜୟୀ ହୋଇଥିଲେ। ତେବେ ୨୦୨୨ରେ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ଦୋଷୀ ସାବ୍ୟସ୍ତ ହେବାରୁ ଅନନ୍ତଙ୍କ ବିଧାୟକ ପଦ ଚାଲି ଯାଇଥିଲା। ତେଣୁ ଉପ-ନିର୍ବାଚନରେ ସେ ପତ୍ନୀ ନିଳୀମାଙ୍କୁ ଆରଜେଡି ଟିକଟରେ ଛିଡ଼ା କରାଇ ମୋକାମାକୁ ନିଜ ହାତରେ ରଖିଥିଲେ। ଅନନ୍ତ ଗିରଫ ହେବା ଘଟଣାରୁ ସ୍ପଷ୍ଟ ହୋଇଯାଉଛି ଯେ ବିହାରରେ ସେମାନଙ୍କର ହିଁ ରାଜ ରହିଛି।

# ଠିକଣା ବେଳକୁ ବ୍ୟବସ୍ଥା ଫେଲ୍

## ବଡ଼ବଡ଼ିଆଙ୍କୁ ଅନୁକମ୍ପା, ବଳି ପଡ଼ିଲେ ପୁରୀ ବାସିନ୍ଦା / ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାଜେଶ



ପୁରୀ,୨।୧୧(ସମିସ): ପଞ୍ଚୁକରେ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହେବ। ଯେହେତୁ ଚଳିତବର୍ଷ ୪ ଦିନିଆ ପଞ୍ଚୁକ ପଡୁଛି, ତେଣୁ ପ୍ରତିଦିନ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ଏବଂ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଭକ୍ତମାନେ ଯେପରି ଭଲ ଭାବେ ଦର୍ଶନ କରିବେ ଏବଂ ନୀତିକାନ୍ତି ଶୃଙ୍ଖଳିତ ହୋଇପାରିବ, ସେଥିଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ମନ୍ଦିର ଭିତର ଓ ବାହାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ସୁରକ୍ଷାକର୍ମୀ ମୁତୟନ ହୋଇଛନ୍ତି। ଏମିତି ବଡ଼ବଡ଼ ଭାଷଣ ଦେଇଥିଲେ ଅଧିକାରୀ। ହେଲେ ଠିକଣା ବେଳକୁ ସବୁ ଫେଲ୍ ମାରିଛି। ଦର୍ଶନ ଅବ୍ୟବସ୍ଥା ନେଇ ବାହାରୁ ଆସୁଥିବା ଭକ୍ତ ଗଣମାଧ୍ୟମ ସମ୍ମୁଖରେ ଯେଉଁଭଳି ଟିକା ଟିପ୍ପଣୀ ଦେଉଛନ୍ତି, ତାହା ସରକାରଙ୍କ ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପଦାରେ ପକାଇ ଦେଇଛି। କେବଳ ବାହାର ଭକ୍ତ ନୁହଁନ୍ତି, ଖୋଦ୍ ପୁରୀବାସିନ୍ଦା ବି ଦର୍ଶନ ଅବ୍ୟବସ୍ଥା ଏବଂ ବଡ଼ବଡ଼ିଆ ପ୍ରତି ଅଧିକାରୀଙ୍କ ଅହେତୁକ ଅନୁକମ୍ପାକୁ ନେଇ ଅସନ୍ତୋଷ ଝାଡ଼ିଛନ୍ତି।

ଦର୍ଶନ ପାଇଁ ଯାଇ ଶ୍ରୀମନ୍ଦିର ନିକଟରୁ ଘରକୁ ଫେରିଥିବା ପୁରୀର ଜଣେ ବିଶିଷ୍ଟ ବ୍ୟକ୍ତି ରାଜେଶ କୁମାର ମହାନ୍ତି ଅସନ୍ତୋଷ ବ୍ୟକ୍ତ କରିବା ସହ ସହରବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବା ନିମନ୍ତେ ନେତାମନ୍ତ୍ରୀ ଓ ଅଧିକାରୀଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି।

ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ପୁରୀ ସାଂସଦ, ଜିଲ୍ଲାପାଳ, ଏସ୍‌ପିଙ୍କୁ ଲେଖିଥିବା ଚିଠିରେ ଶ୍ରୀ ମହାନ୍ତି ଉଲ୍ଲେଖ କରିଛନ୍ତି ଯେ ପ୍ରତିବର୍ଷ ଭଳି ଚଳିତବର୍ଷ ପଞ୍ଚୁକ ପ୍ରଥମ ଦିନ ପତ୍ନୀଙ୍କୁ ସାଙ୍ଗରେ ନେଇ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥିଲେ। ଏକାଦଶୀରେ ମହାପ୍ରସାଦ ସେବନ କରି ଘରକୁ ଫେରିଥା'ନ୍ତେ। ହେଲେ ବ୍ୟାରିକେଡ୍‌ରେ ହଜାରହଜାର ଶ୍ରଦ୍ଧାଳୁ ଲମ୍ବା ଲାଇନରେ ଛିଡ଼ା ହୋଇଥିଲେ। ତେଣୁ ଦୋଳବେଦୀ ସମ୍ମୁଖ ପ୍ରୋଟୋକଲ ଗେଟ୍‌ରେ ଯିବାକୁ ଚାହିଁଥିଲେ ମଧ୍ୟ ସେମାନଙ୍କୁ ସୁରକ୍ଷା କର୍ମୀ ଛାଡ଼ିନଥିଲେ। ହେଲେ ବଡ଼ବଡ଼ିଆଙ୍କ ସୁପାରିସରେ ଆସିଥିବା ବ୍ୟକ୍ତିମାନଙ୍କ ପାଇଁ ସେହି ଗେଟ୍ ସଙ୍ଗେସଙ୍ଗେ ଖୋଲି ଦିଆଯାଉଥିଲା। ନେତା, ମନ୍ତ୍ରୀ ଏବଂ ଅଧିକାରୀଙ୍କ ଲୋକଙ୍କୁ ଛଡ଼ା ଯାଉଥିବା ବେଳେ ତାଙ୍କ ଭଳି ପୁରୀର କିଛି ଲୋକ ନିରାଶ ହୋଇ ଠିଆ ହୋଇଥିଲେ। ଏହାପରେ ପତ୍ନୀଙ୍କୁ ଘରକୁ ପଳାଇଯିବା ପାଇଁ କହିଥିଲେ। କିନ୍ତୁ ଜଣେ ପୁଲିସ ଅଧିକାରୀଙ୍କ ସହଯୋଗରେ ତାଙ୍କ ପତ୍ନୀ ଦର୍ଶନ କରିବାକୁ ଗଲେ, କିନ୍ତୁ ସେ ଦର୍ଶନ ନ ପାଇ ଘରକୁ ଫେରି ଆସିଲେ।

ସେ ଆହୁରି ଉଲ୍ଲେଖ କରିଛନ୍ତି, ସହରବାସୀ ମହାପ୍ରଭୁଙ୍କୁ ଗାଁ ଠାକୁର ଭାବି ବିଭିନ୍ନ ପର୍ବପର୍ବାଣିରେ ଦର୍ଶନ କରିବା ସହ ମହାପ୍ରସାଦ ପାଇଁ ଯାଇଥା'ନ୍ତି। କିନ୍ତୁ ଦିନକୁ ଦିନ ସହରବାସିନ୍ଦା ଏ ସବୁରୁ ବଞ୍ଚିତ ହୋଇଆସୁଛନ୍ତି। ରଥଯାତ୍ରା, ବାହୁଡ଼ା, ସୁନାବେଶ ଓ ନୀଳାଦ୍ରିବିଜେ ସରିବା ଯାଏ ସହରବାସୀ ପ୍ରଶାସନ କଟକଣା ଯୋଗୁଁ ଏକପ୍ରକାର ଗୃହବନ୍ଦୀ ହୋଇ ରହିଥା'ନ୍ତି। ଭାରତବର୍ଷରେ ଯେତେ ବଡ଼ବଡ଼ ମନ୍ଦିର ରହିଛି, ସେଠାରେ ସ୍ଥାନୀୟ ବାସିନ୍ଦାଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଛି। ତେବେ ଏହା ଶ୍ରୀମନ୍ଦିର କ୍ଷେତ୍ରରେ କାହିଁକି ନୁହେଁ ବୋଲି ପ୍ରଶ୍ନ କରି ଏଥିପ୍ରତି ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କ ସମେତ ସ୍ଥାନୀୟ ଜନ ପ୍ରତିନିଧି ଓ ଅଧିକାରୀଙ୍କୁ ଶ୍ରୀ ମହାନ୍ତି ନିବେଦନ କରିଛନ୍ତି।

### ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ମହାବାହୁ

## ଆଜି ରତ୍ନସିଂହାସନରେ ତ୍ରିବିକ୍ରମ ବେଶ

ପୁରୀ, ୨।୧୧ (ସମିସ): ପବିତ୍ର କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ ହୋଇଛି ପଞ୍ଚୁକ ବ୍ରତ। ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ପ୍ରଥମ ଦିନ (ରବିବାର) ମହାପ୍ରଭୁ ରତ୍ନସିଂହାସନରେ ଲକ୍ଷ୍ମୀନାରାୟଣ ବେଶ ତଥା ଠିଆକିଆ ବେଶରେ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କ ବେଶ ଦର୍ଶନ ଲାଗି ଭକ୍ତଙ୍କର ପ୍ରବଳ ଭିଡ଼ ହୋଇଥିଲା। ସୋମବାର କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ରତ୍ନସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କ ଡାଳିକିଆ ବା ତ୍ରିବିକ୍ରମ ବେଶ ଅନୁଷ୍ଠିତ ହେବ। ଏହି ଦିନ ଗରୁଡ଼ ଉତ୍‌ଥାପନ ନୀତି ମଧ୍ୟ ରହିଛି। ସେହିପରି, ୪ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପଞ୍ଚକର ଶେଷଦିନ ଅର୍ଥାତ୍ ୫ ତାରିଖରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ।

ଶନିବାର ରାତିରେ ନୀତିକାନ୍ତିରେ ବିଳମ୍ବ ହୋଇଥିଲା। ରାତ୍ର ୧ଟା ୪୦ରେ ପହୁଡ଼ ହୋଇଥିବା ବେଳେ ରବିବାର ଭୋର୍ ୪ଟା ୧୦ରେ ଦ୍ୱାର ଫିଟି ଶ୍ରୀମନ୍ଦିରରେ ଭିତର ଶୋଧ ଓ ମଙ୍ଗଳ ଆଳତି କରାଯାଇଥିଲା। ପରେ ମଇଲମ ଓ ତଡ଼ପଲାଗି କରାଯାଇ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ପରେ ଲକ୍ଷ୍ମୀନାରାୟଣ ବେଶ କରାଯାଇଥିଲା। ପୁଷ୍ପାଳକମାନେ ତିନି ଠାକୁରଙ୍କୁ ଏହି ବେଶରେ ଭୂଷିତ କରାଇଥିଲେ। ଏଥିରେ ଠାକୁର ବିଭିନ୍ନପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭା ପାଇଥିଲା। କୀରିଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଲଗାଯାଇଥିଲା। ମସ୍ତକରେ ସୁବର୍ଣ୍ଣ କିଆ ଠିଆ ହୋଇରହିଥିବାରୁ ଏହି ବେଶର ନାମ ଠିଆକିଆ ବେଶ। ପରମ୍ପରା ଅନୁଯାୟୀ, ବାଳଧୂପ ସରିବା ପରେ ତିନିବାଡ଼ରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରିଥିଲେ। ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

## ଆରମ୍ଭ ହେଲା ଶୁଭକାଳ

ପୁରୀ,୨।୧୧(ସମିସ): ରଥଯାତ୍ରା ପରେ ହରିଶୟନ ଏକାଦଶୀରେ ନିଦ୍ରା ଯାଇଥିଲେ ମହାପ୍ରଭୁ। ଚାରିମାସ ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ମହାପ୍ରଭୁ ନିଦରୁ ଉଠିଛନ୍ତି। ଏହି କାର୍ତ୍ତିକ ଶୁକ୍ଳ ଏକାଦଶୀକୁ ହରି ଉତ୍‌ଥାପନ ଏକାଦଶୀ କୁହାଯାଏ। ଶ୍ରୀମନ୍ଦିରରେ ରବିବାର ହରି ଉତ୍‌ଥାପନ ନୀତି ସମ୍ପନ୍ନ ହୋଇଛି। ଠାକୁରଙ୍କ ଏହି ଶୟନ ଚାରିମାସକୁ ଚତୁର୍ମାସ୍ୟା

### ନିଦରୁ ଉଠିଲେ ମହାପ୍ରଭୁ

ବୋଲି କୁହାଯାଏ। ଏହି ସମୟରେ ଶୁଭ କାର୍ଯ୍ୟ କରାଯାଏ ନାହିଁ। ମହାପ୍ରଭୁ ନିଦରୁ ଉଠିବା ପରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଶୁଭ କାଳ ଓ ଶୁଭ କର୍ମ। ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀନାରାୟଣ, ବଳଭଦ୍ରଙ୍କ ପ୍ରତିନିଧି ଶ୍ରୀବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ପ୍ରତିନିଧି ଭାବେ ମା' ଭୁବନେଶ୍ୱରୀ ଶୟନ ଯାଇଥିଲେ।

ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ହରି ଉତ୍‌ଥାପନ ଏକାଦଶୀ ଅନ୍ୟତମ। ଶ୍ରୀମନ୍ଦିରରେ ବଡ଼ସିଂହାର ଭୋଗ ସରିବା ପରେ ହରି ଉତ୍‌ଥାପନ ନୀତି ଆରମ୍ଭ ହୋଇଥିଲା। ରତ୍ନସିଂହାସନ ତଳେ ମହାସ୍ନାନ ପୂଜା ପରେ ମୁଦିରସ୍ତ ଓ ପଣ୍ଡା ତିନିଜଣ ଖଟଶେଯ ଘର ଉପରକୁ ଯାଇ ତଡ଼ାଉ ଶୟନ ପେଡ଼ି ମୁଦ ଭାଙ୍ଗିଥିଲେ। ମୁଦିରସ୍ତ ଶୟନ ପେଡ଼ି ଖୋଲି କର୍ପୂର, ଆଳତି, ଅଞ୍ଜଳି କରାଇ ୩ଟି ରୂପା ଥାଳିରେ ତିନିଦିଅଁଙ୍କୁ ବିଜେ କରାଇ ପଣ୍ଡାଙ୍କୁ ସମର୍ପଣ କରିଥିଲେ। ପୂଜାପଣ୍ଡାମାନେ ତିନିଠାକୁରଙ୍କୁ ଖଟୁଲିରେ ବିଜେ କରାଇ ମହାସ୍ନାନ କରାଇଥିଲେ। ମହାସ୍ନାନ ପରେ ଠାକୁରମାନେ ସିଂହାସନକୁ ବିଜେ କରିଥିଲେ। ପରେ ତିନିଠାକୁରଙ୍କ ସର୍ବାଙ୍ଗ ଲାଗି, ନୂଆ ଲୁଗା, ମାଳ ଫୁଲ ଲାଗି ହେବା ସହ ୬ ମୂର୍ତ୍ତି ଅଳଙ୍କାର ବେଶ ହୋଇଥିଲେ। ବଲ୍ଲଭ ବସିଂହାର ଭୋଗ ପଟୁଆରରେ ଆସିଥିଲା। ପୂଜାପଣ୍ଡା ଷୋଡ଼ଶ ଉପଚାରରେ ମଣୋହୀ କରିଥିଲେ। ପରେ ଠାକୁରମାନେ ଶୟନ ଘରକୁ ବିଜେ କରିଥିଲେ।

## କାର୍ତ୍ତିକ ପରେ ଶ୍ରୀମନ୍ଦିରରେ ଗଣତିମଣତି: ମନ୍ତ୍ରୀ

ଭୁବନେଶ୍ୱର, ୨।୧୧(ସମିସ): ଆସନ୍ତା ୫ତାରିଖରେ କାର୍ତ୍ତିକ ମାସ କରିବ। ପରେ ରତ୍ନଭଣ୍ଡାରରେ ଗଣତିମଣତି ଏବଂ ଧାଡ଼ିଦର୍ଶନ ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଆଇନମନ୍ତ୍ରୀ କହିଛନ୍ତି ଯେ ଗଣତିମଣତି ରତ୍ନଭଣ୍ଡାର ମଧ୍ୟରେ ହେବ। ଏଥିପାଇଁ ଆନୁଷଙ୍ଗିକ ବ୍ୟବସ୍ଥାର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଗଣତିମଣତି ପାଇଁ ଏସଓପିର ବର୍ତ୍ତମାନ ଡ୍ରାଫ୍ଟିଂ ଚାଲିଛି। ଖୁବ୍‌ଶୀଘ୍ର ଏସଓପି ଡ୍ରାଫ୍ଟିଂ ପ୍ରକ୍ରିୟା ସରିବ। କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ଭିଡ଼କୁ ଦୃଷ୍ଟିରେ ରଖି ଉଭୟ ଗଣତିମଣତି ଏବଂ ଧାଡ଼ି ଦର୍ଶନକୁ ବନ୍ଦ ରଖାଯାଇଥିଲା ବୋଲି ସେ କହିଛନ୍ତି। ସେହିପରି ଆଗାମୀ ୧୧ ତାରିଖରେ ଶ୍ରୀମନ୍ଦିର ବିକାଶ ନେଇ ସମୀକ୍ଷା ବୈଠକ ହେବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବରରେ ସଂରକ୍ଷଣ ତଥା ମରାମତି ପରେ ନୂଆରୂପ ପାଇଥିବା ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ସମସ୍ତ ବହୁମୂଲ୍ୟ ଅଳଙ୍କାର ତଥା ସାମଗ୍ରୀ ସ୍ଥାୟୀ ଭାବରେ ନିଆଯାଇଥିଲା। ତେବେ ରତ୍ନଭଣ୍ଡାରରେ ମୂଲ୍ୟବାନ ରତ୍ନ ଓ ଅଳଙ୍କାରର ଗଣତିମଣତି ହେଉ ନଥିବାରୁ ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଥିଲା।

## ୭ରେ ନୂଆପଡ଼ା ଆସିବେ ରେବନ୍ତ ରେଡ୍ଡୀ

ଭୁବନେଶ୍ୱର,୨।୧୧(ସମିସ): ଆସନ୍ତା ୭ ତାରିଖରେ ନୂଆପଡ଼ା ଆସିବେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ। ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ ରେବନ୍ତ ଭୋଟ୍ ମାଗିବେ। ପୂର୍ବରୁ ଦଳ ପକ୍ଷରୁ ଜାରି ହୋଇଥିବା ୪୦ ଜଣିଆ ଷ୍ଟାର୍ ପ୍ରଚାରକ ତାଲିକାରେ ରେବନ୍ତଙ୍କ ନାମ ରହିଥିବା ବେଳେ ଆସନ୍ତା ୭ ତାରିଖରେ ତାଙ୍କ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗସ୍ତରରେ ନୂଆପଡ଼ା ସାଲେଭଟାଠାରେ କଂଗ୍ରେସ ପକ୍ଷରୁ ବିରାଟର ସମାବେଶ ଆୟୋଜନ କରାଯିବାକୁ ଯୋଜନା ହୋଇଛି। ଏହି ଜନସଭାକୁ ଶ୍ରୀ ରେଡ୍ଡୀ ସମ୍ବୋଧିତ କରିବେ। ଏହା ପୂର୍ବରୁ ରବିବାର ସାଲେଭଟାଠାରେ ଆୟୋଜିତ ହେବାକୁ ଥିବା ସମାବେଶସ୍ଥଳ ପରିଦର୍ଶନ କରି ପିସିସି ସଭାପତି ଭକ୍ତ ଚରଣ ଦାସ ସମସ୍ତ ବିଷୟର ସ୍ଥିତି ସମୀକ୍ଷା କରିଛନ୍ତି। ଏହି ସମୟରେ ନୂଆପଡ଼ା ଉପନିର୍ବାଚନ ପାଇଁ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ, ବିଧାୟକ ଅଶୋକ ଦାସ, ପୂର୍ବତନ ଆଇଏଏସ ତଥା କଂଗ୍ରେସର ଜାତୀୟ ମୁଖପାତ୍ର ଅମିତ ହୁସେନ ଏବଂ ଆଲୋକ ବାବୁ ପ୍ରମୁଖ ଉପସ୍ଥିତ ରହି ସଭା ହେବାକୁ ଥିବା ସ୍ଥାନର ଯାଞ୍ଚ କରିଛନ୍ତି। ନୂଆପଡ଼ା ଉପନିର୍ବାଚନ ପାଇଁ ଏବେ ୩ ଦଳର ପ୍ରଚାର ସରଗରମ ହୋଇଛି।



୭ ତାରିଖରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କର ମଧ୍ୟ ଏକ ବିରାଟ୍ ରୋଡ୍ ଶୋ' କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି କଂଗ୍ରେସ ମଧ୍ୟ ଏହି ଆସନରେ କିପରି ନିଜର ସମର୍ଥକ ଓ ନୂଆପଡ଼ାବାସୀଙ୍କ ମନ ଜିଣିବ ସେନେଇ ଜୋରଦାର ଉଦ୍ୟମ କରୁଛି।

## ଡିସେମ୍ବର ୩୧ ପର୍ଯ୍ୟନ୍ତ ବଢ଼ିଲା ଇ-କେୱାଇସି ଅବଧି

ଭୁବନେଶ୍ୱର,୨।୧୧(ସମିସ): ରାସନ୍ କାର୍ଡ ଇ-କେୱାଇସି ଅପଡେଟ୍ ଅବଧି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଅକ୍ଟୋବର ୩୧ତାରିଖକୁ ଇ-କେୱାଇସି ଅପଡେଟ୍‌ର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏହି ସମୟସୀମା ମଧ୍ୟରେ ଆହୁରି ୧୫ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଇ-କେୱାଇସି କରି ପାରି ନଥିବାରୁ ରାଜ୍ୟ ସରକାର ଏହି ଅବଧିକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିଷ୍ପତ୍ତି ଅନୁଯାୟୀ, ଯେଉଁମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଇ-କେୱାଇସି କରିନାହାନ୍ତି, ସେମାନେ ଆସନ୍ତା ଡିସେମ୍ବର ୩୧ତାରିଖ ଯାଏଁ ଇ-କେୱାଇସି ଅପଡେଟ୍ କରିପାରିବେ। ଏଥିପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ରାଜ୍ୟର ସମସ୍ତ ପିଡିଏସ୍ ହିତାଧିକାରୀଙ୍କୁ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି।

ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ରାଜ୍ୟର ସମସ୍ତ ପିଡିଏସ୍ ହିତାଧିକାରୀଙ୍କ ଆଧାରଭିତ୍ତିକ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ଏହା ସମସ୍ତ ୧୧,୮୨୭ଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ଟି ବ୍ଲକ୍ ଓ ୬୪ଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାସନ୍‌କାର୍ଡ ପରିଚାଳନା କେନ୍ଦ୍ରଗୁଡ଼ିକରେ ଜାରି ରହିଛି। ଏହାସହ ଅଦ୍ୟାବଧି ଇ-କେୱାଇସି କରାଇ ପାରିନଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପିଡିଏସ୍ ସାମଗ୍ରୀ ପୂର୍ବଭଳି ପ୍ରଦାନ କରାଯାଉଛି। ଇ-କେୱାଇସି ହୋଇନଥିବା କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ। ଯଦି ଏ ପର୍ଯ୍ୟନ୍ତ କୌଣସି କାରଣରୁ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରିନାହାନ୍ତି, ତାହାଲେ ସେମାନେ ଡିସେମ୍ବର ୩୧ ତାରିଖ ସୁଦ୍ଧା ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ ବା ରାସନ କାର୍ଡ ପରିଚାଳନା କେନ୍ଦ୍ରକୁ ଯାଇ ନିଜ ଇ-କେୱାଇସି କରାଇପାରିବେ ବୋଲି ବିଭାଗ କହିଛି।

ସୂଚନାଥାଉ କି, ଗତ ୧୪ ତାରିଖ ସୁଦ୍ଧା ରାଜ୍ୟରେ ୧୬ଲକ୍ଷ ୩୦ ହଜାର ୩୭୧ ଜଣ ହିତାଧିକାରୀ ଇ-କେୱାଇସି କରିନଥିଲେ। ତେଣୁ ସମସ୍ତ ଜିଲ୍ଲାପାଳଙ୍କୁ ଏହା ତ୍ୱରାନ୍ୱିତତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଗତ ୧୫ ଦିନ ଭିତରେ ମାତ୍ର ୭୩ ହଜାର ୧୦୬ ଜଣ ଇ-କେୱାସି କରାଇଛନ୍ତି। ଏହାପରେ ମଧ୍ୟ ଆହୁରି ୧୫ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଇ-କେୱାଇସି କରାଇନାହାନ୍ତି।

## ୮ କୋଟିର ତରଳ ଗଞ୍ଜେଇ ଜବତ



ମାଲକାନଗିରି, ୨।୧୧ (ସମିସ): ମାଲକାନଗିରି ପୁଲିସ ଆଜି ଏସ.ଆର ଛକ ନିକଟରୁ ୬୦ କେଜିର ତରଳ ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୮ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୁଲିସ କହିଛି। ତେବେ ତରଳ ଗଞ୍ଜେଇ ଜବତ ହେବା, ମାଲକାନଗିରି ଜିଲ୍ଲାରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ମାଲକାନଗିରି ପୁଲିସ ପାଇଁ ଏହା ଏକ ବଡ଼ ସଫଳତା ବୋଲି ଏସ୍‌ପି ବିନୋଦ ପାଟିଲ କହିଛନ୍ତି। ଏନେଇ ଚିତ୍ରକୋଣ୍ଡା ଥାନାରେ ୨୧୩/୨୫ରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ପୁଲିସ ୮ଜଣଙ୍କୁ ଅଟକ ରଖି ତଦନ୍ତ କରୁଥିବା ବେଳେ ସେମାନଙ୍କ ନିକଟରୁ ୮ଟି ବାଇକ୍ ଜବତ ହୋଇଛି। ଏହି ଗଞ୍ଜେଇ ମାଲକାନଗିରିରୁ ଆନ୍ଧ୍ର ଅଭିମୁଖେ ଚାଲାଣ ହେଉଥିଲା ବୋଲି ପୁଲିସ କହିଛି।

ସୂଚନାନୁଯାୟୀ, ଗଞ୍ଜେଇ ଚାଲାଣ ପାଇଁ ମାଫିଆମାନେ ନୂଆନୂଆ ଉପାୟ ଖୋଜୁଛନ୍ତି। କେତେବେଳେ ଗାଡ଼ିସିଟ୍ ଭିତରେ ତ କେତେବେଳେ ପରିବା ଗାଡ଼ିରେ ଲୁଚାଇ ଗଞ୍ଜେଇ ଚାଲାଣ କରୁଛନ୍ତି। ତେବେ ଏ ଯୋଜନା ଫେଲ୍ ମାରୁଥିବାରୁ ମାଫିଆମାନେ ନୂଆ ଉପାୟ ଆପଣାଇଛନ୍ତି। ଗଞ୍ଜେଇକୁ ପ୍ରକ୍ରିୟାକରଣ କରି ତାହାକୁ ତରଳ ଅବସ୍ଥାକୁ ଆଣିବା ପରେ ପଲିଥିନ୍‌ରେ ଚାଲାଣ କରୁଛନ୍ତି। ପୁଲିସ ଆଖିରେ ଧୂଳି ଦେବା ସହ ପରିବହନରେ ସୁବିଧା ହେଉଥିବାରୁ ମାଫିଆମାନେ ଏବେ ଏପରି ନୂଆ ପନ୍ଥା ଆପଣାଇଛନ୍ତି। ୩୦ରୁ ୪୦ କେଜି ଗଞ୍ଜେଇ ପ୍ରକ୍ରିୟାକରଣ କଲେ ତାହା ୧ କେଜି ତରଳ ଗଞ୍ଜେଇରେ ପରିଣତ ହୋଇଥାଏ। ଜବତ ହୋଇଥିବା ଗଞ୍ଜେଇ ପଲିଥିନ୍‌ର ମୂଲ୍ୟରୁ ଗୋଟା ପିଛା ୧ଲକ୍ଷରୁ ୧ଲକ୍ଷ ୨୫ ହଜାର ଟଙ୍କା ହେବ ବୋଲି କୁହାଯାଉଛି। ନିକଟରେ ମୁକ୍ତିଲାଭ କରିଥିବା ବଲିଉଡ୍ ଚଳଚ୍ଚିତ୍ର 'ଘାଟି' ପରି ଅଭିଯୁକ୍ତମାନେ ଗଞ୍ଜେଇ ଚାଲାଣ କରୁଥିଲେ। ୮ଟି ବାଇକ୍‌ରେ ସେମାନେ ଏକାଧିକ ପଲିଥିନ୍‌ରେ ଏହି ତରଳ ଗଞ୍ଜେଇ ନେଇ ଆନ୍ଧ୍ର ଅଭିମୁଖେ ଯାଉଥିଲେ। ଏସ.ଆର୍ ଛକ ନିକଟରେ ସେମାନେ ଏକତ୍ରିତ ହୋଇ ଆନ୍ଧ୍ରପ୍ରଦେଶର ଜଣେ ମାଫିଆଙ୍କୁ ଅପେକ୍ଷା କରିଥିବା ବେଳେ ପୁଲିସ ସେମାନଙ୍କୁ ମାଡ଼ି ବସିଥିଲା।

### ■ ସଂସାର ଉଜାଡ଼ିଦେଲା ନିଶା

## ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ

ବାରିପଦା, ୨।୧୧(ସମିସ): କାଳ ହେଲା ନିଶା। ନିଶାସକ୍ତ ଅବସ୍ଥାରେ ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀର ମୃତ୍ୟୁ। ବାରିପଦା ସଦର ଥାନା ଅନ୍ତର୍ଗତ ରାଣୀଭୋଳ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଉକ୍ତ ଗ୍ରାମର କସ୍ତୁରୀ ଦେହୁରୀ। ବାରିପଦା ସଦର ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସ୍ୱାମୀ ସୁରୁ ଦେହୁରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାନୁଯାୟୀ, କସ୍ତୁରୀ ଓ ସୁରୁଙ୍କ ମଧ୍ୟରେ ପାରିବାରିକ କଳହ ହେଉଥିଲା। ଅଧିକାଂଶ ସମୟରେ ସୁରୁ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି କସ୍ତୁରୀଙ୍କୁ ବାଡ଼ିଆପିଟା କରୁଥିଲେ। ରବିବାର ପୂର୍ବାହ୍ନରେ ମଧ୍ୟ ସୁରୁ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। କୌଣସି କାରଣରୁ କସ୍ତୁରୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ସେ କସ୍ତୁରୀଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ହିଁ କସ୍ତୁରୀ ଟଳି ପଡ଼ିଥିଲେ ଓ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଖେଳୁଥିବା ଶିଶୁକୁ ହତ୍ୟା

ରାଇରଙ୍ଗପୁର,୨।୧୧(ସମିସ): ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ୫ବର୍ଷୀୟ ଏକ ଶିଶୁପୁତ୍ରକୁ ହତ୍ୟା କରାଯିବା ଭଳି ଘଟଣା ଯଶିପୁର ଥାନା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତ ଶିଶୁପୁତ୍ରଟି ହେଲା, ମାହାରଦା ପାଳସା ଗ୍ରାମର ରାଜେଶ ବେହେରାଙ୍କ ପୁଅ ଆଦି ବେହେରା (୫)। ସେ ଆଜି ଘର ନିକଟରେ ଅନ୍ୟ ପିଲାମାନଙ୍କ ସହ ଖେଳୁଥିବା ବେଳେ କେହି ଦୁର୍ବୃତ୍ତ କିମ୍ବା କାଠଫାଳିଆରେ ତା' ମୁଣ୍ଡକୁ ଜୋର୍‌ରେ ପିଟି ଦେଇଥିଲା। ଏଥିରେ ପ୍ରଚୁର ରକ୍ତସ୍ରାବ ହେବା ସହ ଆଦି ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲା। ସେପଟେ, ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାରଲୋକେ ଖୋଜାଖୋଜି କରିଥିଲେ। ଖେଳ ପଡ଼ିଆ ନିକଟରେ ଆଦି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ତାକୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେତେବେଳକୁ ଡେରି ହୋଇଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକ ନିଷ୍ପାପ ଶିଶୁକୁ କିଏ ଓ କାହିଁକି ହତ୍ୟା କଲା, ତାହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପରିବାରର ଶତ୍ରୁତାକୁ କେନ୍ଦ୍ର କରି କେହି ଦୁର୍ବୃତ୍ତ ଏପରି ଅମାନୁଷିକ କାଣ୍ଡ ଘଟାଇଥାଇପାରେ ବୋଲି ସନ୍ଦେହ କରାଯାଉଛି।

### ଟ୍ରେନ୍ ଧକ୍କାରେ ଦନ୍ତାହାତୀ ମୃତ୍ୟୁ ଘଟଣା

## ସମନ୍ୱୟ ଅଭାବରୁ ଜୀବନ ଗଲା

ବାରିପଦା, ୨।୧୧(ସମିସ): ରେଳ ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପୁଣି ଗୋଟିଏ ଦନ୍ତା ହାତୀର ଜୀବନ ଗଲା। ଗତକାଲି ବିଳମ୍ବିତ ରାତିରେ ଶାଳିମାର-ଭଞ୍ଜପୁର ଏକ୍ସପ୍ରେସ୍ ଧକ୍କାରେ ଏକ ଦନ୍ତାହାତୀର ମୃତ୍ୟୁ ହେବା ଘଟଣାରେ ଦୁଇ ବିଭାଗର ଅବହେଳା ଜଳଜଳ ବୋଲି ବନ୍ୟଜନ୍ତୁପ୍ରେମୀ ମହଲରେ ଅଭିଯୋଗ ହୋଇଛି। ଏପରିକି, ରେଳ ଫାଟକ ଦାୟିତ୍ୱରେ ଗେଟ୍‌କିପର୍ ଏହି ଅଘଟଣକୁ ବଡ଼ ଆରାମରେ ଏଡ଼ାଇ ଦେଇପାରିଥା'ନ୍ତେ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି।

ସୂଚନାଯୋଗ୍ୟ, ବେତନଟୀ ବନାଞ୍ଚଳରେ ବର୍ଷତମାମ ଝାଡ଼ଖଣ୍ଡୀ ଓ ଶିମିଳିପାଳ ହାତୀପଲ ବିଚରଣ କରୁଛନ୍ତି। ବିଭିନ୍ନ ସମୟରେ ଜନବସତି, ରାଜପଥ, ସଡ଼କପଥ ଓ ରେଳପଥ ପାର୍ ହୋଇ ଯାତାୟାତ କରୁଥିବା ବେଳେ ବନ ବିଭାଗର କର୍ମଚାରୀମାନେ ସେମାନଙ୍କ ଗତିବିଧି ଉପରେ ନଜର ରଖିଥା'ନ୍ତି। ଏବେ ଏହି ବନାଞ୍ଚଳରେ ୩୩ରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଖାଦ୍ୟ ଅନ୍ୱେଷଣରେ ଘୂରି ବୁଲୁଛନ୍ତି। ଗତକାଲି ହାତୀପଲଠାରୁ ଅଲଗା ହୋଇ ଗୋଟିଏ ଦନ୍ତାହାତୀଟି ସର୍ବଣା ଓ ବିଶ୍ରାମପୁର ଅଞ୍ଚଳରେ ବୁଲୁଥିଲା। ରାତିରେ ହାତୀଟି ଆଗ୍ରିଆ ଅଭିମୁଖେ ଆସୁଥିବା ବେଳେ ସ୍ଥାନୀୟ ଲୋକମାନେ ତାକୁ ଦେଖି ପାଟିତୁଣ୍ଡ କରିଥିଲେ। ଟର୍ଚ୍ଚଲାଇଟ୍ ପକାଇବା ସହ ଘଉଡ଼ାଇବାକୁ ଚେଷ୍ଟା କରିବାରୁ ହାତୀଟି ରେଳଧାରଣା ନିକଟକୁ ଚାଲି ଆସିଥିଲା। ରାତି ପ୍ରାୟ ସାଢ଼େ ୧୧ଟାରେ



■ ବନ ଓ ରେଳ ବିଭାଗକୁ ଦାୟୀ କଲେ ବନ୍ୟଜନ୍ତୁପ୍ରେମୀ
■ ବ୍ୟବଚ୍ଛେଦ ପରେ ପୋତା ହେଲା
■ ଦୁଇ ବିଶାଳ ଦାନ୍ତକୁ ଉଦ୍ଧାର କଲା ବନ ବିଭାଗ

ପଶ୍ଚିମବଙ୍ଗରୁ ଶାଳିମାର-ଭଞ୍ଜପୁର ଏକ୍ସପ୍ରେସ୍ ଟ୍ରେନ୍‌ଟି ବାରିପଦା ଅଭିମୁଖେ ଆସୁଥିବା ବେଳେ ଆଗ୍ରିଆ ଫାଟକ ନିକଟରେ ହାତୀଟି ରେଳ ଫାଟକ ପାର୍ ହେବାକୁ ଉଦ୍ୟମ କରୁଥିଲା। ମାତ୍ର ଫାଟକ ବନ୍ଦ ଥିବାରୁ ହାତୀଟି କୁଆଡ଼େ ଯାଇ ନପାରି ରେଳ ଧାରଣା ଉପରେ ଛିଡ଼ା ହୋଇରହିଥିଲା। ଫଳରେ ଦ୍ରୁତଗାମୀ ଟ୍ରେନ୍‌ଟି ଦନ୍ତାକୁ ଧକ୍କା ଦେଇଥିଲା। ତେବେ ଗେଟ୍‌କିପର୍ ସମୟ ପୂର୍ବରୁ ଟ୍ରେନ୍‌କୁ ଏ ସଂପର୍କରେ ସୂଚନା ଦେଇଥିଲେ, ଏକ ଅମୂଲ୍ୟ ଜୀବନ ବଞ୍ଚାଇ ଯାଇପାରିଥା'ନ୍ତା ବୋଲି ବନ୍ୟଜନ୍ତୁପ୍ରେମୀ କହିଛନ୍ତି। ଏପରିକି, ଉପସ୍ଥିତ ବୁଦ୍ଧି ଖଟାଇ ଫାଟକଟି ସେହି ସମୟରେ ଟେକି ଦେଇଥିଲେ ମଧ୍ୟ ହାତୀଟି ସୁରକ୍ଷିତ ଭାବେ ସେଠାରୁ ପଳାଇଥା'ନ୍ତା।

ଏ ସଂକ୍ରାନ୍ତରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ହାତୀ ପଛରେ ଗଜସାଥି କିମ୍ବା ବନ କର୍ମଚାରୀମାନେ ନ ଥିବାରୁ ଏଭଳି ଅଘଟଣ ଘଟିଲା। ହାତୀଟି ରେଳ ଧାରଣା ଉପରକୁ ଉଠିବା ପରେ ସ୍ଥାନୀୟ ଲୋକେ ରେଳ ଫାଟକ କର୍ମଚାରୀଙ୍କୁ ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଏପରିକି ଫାଟକ ଟେକିଥିଲେ ହାତୀଟି ବଞ୍ଚିଯାଇ ପାରିଥା'ନ୍ତା। ହାତୀକୁ ନେଇ ରେଳ ବିଭାଗ ଓ ବନ କର୍ମଚାରୀଙ୍କ ମଧ୍ୟରେ ସଠିକ୍ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ହାତୀଙ୍କ ଚଲାପଥ ଏବେ ମରଣପଥ ହୋଇପଡ଼ିଛି।

ଏ ସମ୍ପର୍କରେ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ କହିଛନ୍ତି, କର୍ମଚାରୀମାନେ ନିକଟସ୍ଥ ଫୁଲଝରୀ ଗ୍ରାମରେ ଥିବା ହାତୀପଲକୁ ଜଗିଥିଲେ। ପଲ ମଧ୍ୟରୁ ଦନ୍ତା ହାତୀଟି ଖସି ଆସି ରେଳ ଧାରଣା ଉପରକୁ ଯାଇଥିଲା। ମୃତ ହାତୀଟି ଝାଡ଼ଖଣ୍ଡରୁ ଆସିଥିବାରୁ ଗତିବିଧି ଉପରେ ବିଭାଗୀୟ ନଜର ରହିଥିଲା। ତେବେ ଘଟଣାକୁ ନେଇ ତଦନ୍ତ ଜାରି ରହିଛି।

ଅପରପକ୍ଷେ, ଆଜି ଦନ୍ତାଟିର ବ୍ୟବଚ୍ଛେଦ କରାଯିବା ସହ ଅନ୍ତିମ ସଂସ୍କାର କରାଯାଇଛି। ରବିବାର ସକାଳେ ବିଭାଗ ପକ୍ଷରୁ ଦନ୍ତାକୁ ନେଇ ବାରିପଦା ନିକଟସ୍ଥ ମଞ୍ଚାବନ୍ଧା ଜଙ୍ଗଲରେ ବ୍ୟବଚ୍ଛେଦ କରାଯାଇଥିଲା। ପରେ ତାକୁ ସେହିଠାରେ ପୋତି ଦିଆଯାଇଥିଲା। ତା'ର ଦୁଇଟି ବିଶାଳ ଦାନ୍ତକୁ ଆଣି କାର୍ଯ୍ୟାଳୟରେ ରଖାଯାଇଛି। ମୃତ ହାତୀଟିର ବୟସ ୨୫ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି।

## ଆଖିବୁଜିଲା ଅସୁସ୍ଥ ମାଈହାତୀ

ଜଳେଶ୍ୱର, ୨।୧୧ (ସମିସ): ପାଖାପାଖି ୨୦ଦିନ ଧରି ରାଇବଣିଆରେ ଉପଦ୍ରବ ଚଳାଇଥିବା ୩୦ ଟିକିଆ ଶିମିଳିପାଳ ହାତୀପଲ ମଧ୍ୟରୁ ଆଜି ଗୋଟିଏ ମାଈହାତୀର ମୃତ୍ୟୁ ଘଟିଛି। ୨ଦିନ ତଳେ ହାତୀଟି ସୁକଯୋଡ଼ି ଜଙ୍ଗଲରେ ବିଚରଣ କରୁଥିବା ବେଳେ ଅସୁସ୍ଥ ଥିବା



ଜଣାପଡ଼ିଥିଲା। ବେଶୀ ଚଳପ୍ରଚଳ କରୁନଥିବା ବେଳେ ଖାଦ୍ୟ ମଧ୍ୟ ଖାଉ ନଥିଲା। ବନବିଭାଗ ଶନିବାର ତାକୁ ଠାବ କରି ଚିକିତ୍ସା ଲାଗି ପ୍ରୟାସ ଆରମ୍ଭ କରିଥିଲା। ପ୍ରାଣୀ ଚିକିତ୍ସକ ଗତକାଲି ହାତୀର ଫଟୋ ଉଠାଇ ଚାଲି ଯାଇଥିଲେ। ଆଜି ସକାଳେ ତା'ର ଚିକିତ୍ସା କରାଯାଇଥିଲା। ମାତ୍ର ଆଜି ଅପରାହ୍ନ ୫ଟାରେ ଶ୍ୟାମନଗର ପଞ୍ଚାୟତର ଧାନଘେରା ନିକଟ ପଞ୍ଚାୟତ ଅଫିସ୍ ନିକଟ ଜଙ୍ଗଲରେ ହାତୀଟି ମରି ପଡ଼ିଥିବା ଦେଖାଯାଇଥିଲା।

ଖବର ପାଇ ଜଳେଶ୍ୱର ରେଞ୍ଜର୍ ଜୟଶ୍ରୀ ମୁର୍ମୁ, ଫରେଷ୍ଟର୍ ପ୍ରହଲ୍ଲାଦ ନାୟକ, ବନ କର୍ମଚାରୀ, ରାଇବଣିଆ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଆସନ୍ତାକାଲି କୁଲଡିହାରୁ ଟିମ୍ ଆସିବା ପରେ ହାତୀଟିର ବ୍ୟବଚ୍ଛେଦ ହେବ ବୋଲି ଏସିଏଫ୍‌ଓ ଜୟଶ୍ରୀ ମୁର୍ମୁ କହିଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳର ଏହି ହାତୀପଲ ୩ରୁ ୪ଟି ଦଳରେ ବିଭକ୍ତ ହୋଇ ବିଭିନ୍ନ ଜଙ୍ଗଲରେ ଘୂରି ବୁଲୁଥିଲେ। ଦିନ ବେଳେ ଜଙ୍ଗଲରେ ରହୁଥିବା ବେଳେ ରାତି ହେଲେ ଜନବସତି ଆଡ଼କୁ ମାଡ଼ି ଆସୁଥିଲେ। ଚାଷଜମିରେ ପଶି ଫସଲ ଖାଇବା ସହ ନଷ୍ଟ କରୁଥିଲେ। ବନବିଭାଗ ପକ୍ଷରୁ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ହାତୀପଲଙ୍କଠାରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ ମଧ୍ୟ କରାଯାଇଥିଲା।

## ଶିକ୍ଷାନୁଷ୍ଠାନରେ ମାତୃ ସମ୍ମିଳନୀ



କିଶୋରନଗର,୨।୧୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ତେନ୍ତୁଳିପଥରସ୍ଥିତ ରାମକୃଷ୍ଣ ଶିକ୍ଷାନୁଷ୍ଠାନରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶ୍ରୀରାମଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟଜିତ ସାହୁ ଯୋଗଦେଇଥିଲେ। ରାମକୃଷ୍ଣ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ପୂର୍ବତନ ସୈନିକ ସଂଘ ପକ୍ଷରୁ କର୍ମଶାଳା



ଅନୁଗୋଳ,୨।୧୧(ସମିସ): ଅନୁଗୋଳ ପୂର୍ବତନ ସୈନିକ ସଂଘ ପକ୍ଷରୁ ବାସନ୍ତୀ ଦୁର୍ଗା ମଣ୍ଡପରେ ଏକ କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ସଦସ୍ୟମାନଙ୍କ ଜୀବନ ପ୍ରମାଣପତ୍ର, ପେନସନ ସମସ୍ୟା, ବ୍ୟାଙ୍କ ସମସ୍ୟା ଏବଂ ସଂଘର ଆଗାମୀ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ସଂଘର ବଡ଼କେରା ଓ ଅନୁଗୋଳ ହବ୍‌ର ଇନ୍‌ଚାର୍ଜ ଚୟନ କରାଯାଇଥିଲା। ଅନୁଗୋଳ ହବ୍ ପାଇଁ ଅନୀଲ କୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ସାହୁ ଓ ରାମଚନ୍ଦ୍ର ତ୍ରିପାଠୀ ଏବଂ ବଡ଼କେରା ପାଇଁ ଅରୁଣ ସାହୁ, ଦିଲୀପ ପ୍ରଧାନ ଓ ବନବିହାରୀ ସାହୁ ମନୋନୀତ ହୋଇଛନ୍ତି। କର୍ମଶାଳାରେ ୮୦ରୁ ଅଧିକ ସଦସ୍ୟ ଯୋଗଦେଇଥିଲେ।

## ଚୋରି ଅଭିଯୋଗରେ ଯୁବକଙ୍କୁ ବାନ୍ଧି ମାଡ଼

ବଇଣ୍ଡା,୨।୧୧(ସମିସ): ଚୋରି ଅଭିଯୋଗରେ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଗାଁବଇଣ୍ଡା ଗ୍ରାମର ଚନ୍ଦନ କୁମାର ସାହୁଙ୍କୁ ବାନ୍ଧି ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଏକ ଗ୍ରୀଲରେ ବାନ୍ଧି ମାଡ଼ ମରାଯାଉଥିବାର ଏକ ଭିଡିଓ ଭାଇରାଲ ହେବା ପରେ ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଛନ୍ତି। ଚନ୍ଦନଙ୍କ ବାପା ମହର୍ଗା ସାହୁ ଫାଣ୍ଡିରେ ଏ ନେଇ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି। ପୁଲିସ ସୂଚନା ଅନୁଯାୟୀ, ଚନ୍ଦନ ପାପସରା ଗ୍ରାମର ଶୋଭାକାନ୍ତ ସାହୁଙ୍କ ଦୋକାନରେ ପଶି ତେଲ ଚୋରି କରିଥିଲେ। ସିସିଟିଭି କ୍ୟାମେରାରେ ଏହା ଜଣାପଡ଼ିବା ପରେ ଶୋଭାକାନ୍ତ ତାଙ୍କୁ ଗ୍ରୀଲରେ ବାନ୍ଧି ମାଡ଼ ମାରିଥିବା ଚନ୍ଦନଙ୍କ ବାପା ମହର୍ଗା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଶୋଭାକାନ୍ତ ପାଲଟା ଅଭିଯୋଗ କରିଛନ୍ତି। ଚନ୍ଦନ ତାଙ୍କ ଦୋକାନରେ ପଶି ତେଲ ଚୋରି କରିଥିଲେ। ସିସିଟିଭି ଏହା ଦେଖିବା ପରେ ସେ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଆଉଏକ ମାମଲା ରୁଜୁ କରିଛି। ପୁଲିସ ଉଭୟଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ କହିଛନ୍ତି।

## ପିଏମଶ୍ରୀ ପିଏମ ହାଇସ୍କୁଲର ୭୫ତମ ବାର୍ଷିକ ଉତ୍ସବ

● ମେଗା ସ୍ୱାସ୍ଥ୍ୟସେବା ଓ ରକ୍ତଦାନ ଶିବିର

କଣିହାଁ,୨।୧୧(ସମିସ): କଣିହାଁ ବ୍ଲକ ପିଏମଶ୍ରୀ ପବିତ୍ର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ପ୍ଲାଟିନମ ଜୁବୁଲି ପାଳନ କମିଟି ଆନୁକୂଲ୍ୟରେ ରବିବାର ମେଗା ସ୍ୱାସ୍ଥ୍ୟସେବା ଓ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ବିଦ୍ୟାଳୟର ପୁରାତନ ଛାତ୍ର ତଥା ରାଜ୍ୟର ସୁନାମଧନ୍ୟ ଡାକ୍ତରଙ୍କ ଦ୍ୱାରା ବିଭିନ୍ନ ରୋଗରେ ପୀଡ଼ିତ ଥିବା ବ୍ୟକ୍ତିଙ୍କ ନିଃଶୁଳ୍କ ପରୀକ୍ଷା କରାଯାଇଛି। ଏଥିରେ ଅତିଥି ଭାବେ



ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏନଟିପିସି କାର୍ଯ୍ୟନିର୍ବାହୀ ଅଧିକାରୀ କେଏନ ରେଡ୍ଡୀ, ଏମସିଏଲ କଣିହାଁର ମହାପ୍ରବନ୍ଧକ ନରେଶ ସିଂହ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଶେଷଜ୍ଞ ଡାକ୍ତର ପ୍ରତାପ ଚନ୍ଦ୍ର ପାଣି, ଡା. ଲକ୍ଷ୍ମୀଧର ସାହୁ, ଡା. ଜ୍ଞାନେନ୍ଦ୍ର ମହାପାତ୍ର, ଡା. ପଞ୍ଚାନନ ସାହୁ, ଡା. ସୁଚିବନ୍ତ ପ୍ରଧାନ, ଡା. ସୁରେଶ ସାହୁ, ଡା. ସୁଜାତା ସାହୁ, ଡା. ଲିତା ଦେହୁରୀ, ଡା. ମନୋଜ କୁମାର ଦେହୁରୀ, ଡା. ସୌମିକ ନିଓଗୀ, ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ, ସଭାପତି ସୁକାନ୍ତ ପ୍ରଧାନ, ସମ୍ପାଦକ ଭୂପେନ ଗଡ଼ନାୟକ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏଥିରେ ମୋଟ ୭୮୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଯୋଗାଇ ଦିଆଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଛି। ଅନୁଗୋଳ ରକ୍ତଭଣ୍ଡାର କର୍ମକର୍ତ୍ତାଙ୍କ ଦ୍ୱାରା ୨୦୮ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ପୁରାତନ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ରକ୍ତଦାନ କରିଥିଲେ। ଶିବିରରେ ଏନଟିପିସି ପ୍ରକଳ୍ପ, ଏମସିଏଲ କଣିହାଁ ସହ ବିଭିନ୍ନ ସଂଗଠନ ସାମିଲ ହୋଇ ସହଯୋଗ କରିଥିଲେ।

# ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ











ଅନୁଗୋଳ,୨।୧୧(ସମିସ):

ଅନୁଗୋଳ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ରବିବାର ପ୍ରଥମ ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ ପୁଲିସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ ଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଉଦଘାଟନୀ ସମାରୋହରେ ଅନୁଗୋଳର ଏସ୍‌ପି ରାହୁଲ ଜୈନ, ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର, ଦେବଗଡ଼ ଏସ୍‌ପି ଅନିଲ କୁମାର ମିଶ୍ରଙ୍କ ସମେତ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସ୍ ଆଣ୍ଡ ପି), ଅନୁଗୋଳ ପୁଲିସ ଟ୍ରେନିଂ ସେଣ୍ଟର ଏସପି, ସିଆଇଏସଏଫ ଡେପୁଟି କମାଣ୍ଡାଣ୍ଟ ଏବଂ ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ୧୩ଟି ଡବଲ୍ସ ଏବଂ ୧୦ଟି ମହିଳା ଡବଲ୍ସ ସମେତ ମୋଟ ୮୩ ଦଳ ଅଂଶଗ୍ରହଣ କରିଛନ୍ତି। ଦେବଗଡ଼, ଢେଙ୍କାନାଳ, ଅନୁଗୋଳ ଜିଲ୍ଲା ପୁଲିସ ସମେତ ସିଆଇଏସଏଫ ଏବଂ ଓଆଇଏସଏଫର ଦଳ ପ୍ରତିଯୋଗିତାରେ ଯୋଗଦେଇଛନ୍ତି।

ଲୋକଙ୍କ ମଧ୍ୟରେ ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ଇଣ୍ଟରନେଟ୍ ବ୍ୟବହାର ଉପରେ ଗୁରୁତ୍ୱ ଦେଇ ଚାଲିଥିବା ସାଇବର ସୁରକ୍ଷା ସଚେତନତା ଅଭିଯାନକୁ ଏହି କାର୍ଯ୍ୟକ୍ରମ ସମର୍ଥନ କରେ। ଟୁର୍ଣ୍ଣାମେଣ୍ଟ ଆରମ୍ଭରେ ଅନୁଗୋଳ ଏବଂ ଢେଙ୍କାନାଳ ଏସପି ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଅନୁଗୋଳ ଜିଲ୍ଲା ପୁଲିସ ଦ୍ୱାରା ନାଲକୋ ଏବଂ ଜେଏସପିଏଲର ସିଏସଆର ସହାୟତା ତଥା ଆଇଜି ସତ୍ୟବ୍ରତ ଭୋଇ, ଏବଂ ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ମାର୍ଗଦର୍ଶନରେ ଆୟୋଜିତ ହେଉଛି। ଟୁର୍ଣ୍ଣାମେଣ୍ଟ ଦୁଇଦିନ ବ୍ୟାପୀ ଚାଲିବ।

## ପୁଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ



ପାଲଲହଡ଼ା,୨।୧୧(ସମିସ): ପାଲଲହଡ଼ା ଥାନା ପୁଲିସ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ରବିବାର ସକାଳେ ଥାନା ପରିସରରୁ ଏକ ଶୋଭାଯାତ୍ରା ବାହାରିଥିଲା। ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ମୁଖ୍ୟଅତିଥି, ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ, ବରିଷ୍ଠ ବିଜେପି ନେତା ଲିଙ୍ଗରାଜ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶୋଭାଯାତ୍ରାରେ ଅବସରପ୍ରାପ୍ତ କର୍ମଚାରୀ ସଂଘ, ଅବସରପ୍ରାପ୍ତ ସୈନିକ ସଂଘ ତଥା ମହତାବ ଉଚ୍ଚ ବିଦ୍ୟାଳୟ, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀମାନେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ସାଇବର ଅପରାଧୀମାନେ ନୂଆ ନୂଆ କୌଶଳ ଅବଲମ୍ବନ କରି କିପରି ନିରୀହ ଜନସାଧାରଣଙ୍କୁ ଠକୁଛନ୍ତି ସେ ଉପରେ ସଚେତନ କରିଥିଲେ। ଏଟିଏମ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବା, ଅଜଣା ବ୍ୟକ୍ତିଙ୍କ ମେସେଜ ଓ ଲିଙ୍କକୁ କ୍ଲିକ ନ କରିବା, ଅଜଣା ଆପ୍ ବ୍ୟବହାର ନ କରିବା, କୌଣସି ବ୍ୟାଙ୍କ ସମ୍ବନ୍ଧୀୟ ଫୋନ କଲ୍ ଗ୍ରହଣ ନ କରିବା, କୌଣସି ମିଛ ପୁଲିସ କେଶ ଫୋନ କଲ୍ ପ୍ରତି ଭ୍ରୂକ୍ଷେପ ନ କରି ଡିଜିଟାଲ ଆରେଷ୍ଟ ପ୍ରତି ହେୟଜ୍ଞାନ କରିବାକୁ ପରାମର୍ଶ ଦିଆଯାଇଥିଲା। ଅଧିକାଂଶ ବୟସ୍କ ବ୍ୟକ୍ତି ସାଇବର ଠକେଇର ଶିକାର ହେଉଛନ୍ତି। ଇଣ୍ଟରନେଟ ବ୍ୟବହାରରେ ଛାତ୍ରଛାତ୍ରୀମାନଙ୍କ ଅଧିକ ଜ୍ଞାନ ଥିବାରୁ ସେମାନେ ନିଜ ଅଭିଭାବକ ଓ ସମ୍ପର୍କୀୟଙ୍କୁ ଠକେଇ ସମ୍ପର୍କରେ ସଚେତନ କରିବାକୁ କୁହାଯାଇଥିଲା। ନିଜର ବ୍ୟକ୍ତିଗତ ତଥ୍ୟ ମୋବାଇଲ ମାଧ୍ୟମରେ କାହାରିକୁ ସେୟାର ନ କରିବାକୁ ଥାନା ଅଧିକାରୀ ମହାନ୍ତ ପରାମର୍ଶ ଦେଇଥିଲେ। ଏହି ବାର୍ତ୍ତା ତୃଣମୂଳ ସ୍ତରରେ ପହଞ୍ଚି ପାରିଲେ ଆମେ ସମସ୍ତ ପ୍ରକାର ଠକେଇର ଶିକାର ହେବାଠାରୁ ରକ୍ଷା ପାଇପାରିବା ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

## ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ବୈଠକ

କିଶୋରନଗର,୨।୧୧(ସମିସ): ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଯୋଜନାରେ କାମ କରୁଥିବା ପାଚିକା ସହାୟିକାମାନଙ୍କୁ ବର୍ଷକୁ ୧୨ମାସ ନିୟମିତ ଦରମା ପ୍ରଦାନ, ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ଅବସର କାଳୀନ ପେନସନ ବ୍ୟବସ୍ଥା, ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର, ଛଟେଇ



ପାଚିକାଙ୍କୁ ପୁନଃ ନିଯୁକ୍ତି ଦାବିରେ ରବିବାର ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ପାଚିକା ସହାୟିକା ସଂଘ କିଶୋରନଗର ବ୍ଲକ ଶାଖାର ବୈଠକ ସ୍ଥାନୀୟ ବରପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ ଯୋଗଦେଇ ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ କାମ କରୁଥିବା ପାଚିକା ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା କିମ୍ବା ମାସ ମାସ ଧରି ନିୟମିତ ଭାବେ ଦରମା ପ୍ରଦାନ ନ କରି ସରକାର ସେମାନଙ୍କୁ ଶୋଷଣ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ନ୍ୟାଯ୍ୟ ଅଧିକାର ପାଇଁ ଆଗେଇ ଆସି ସଂଗଠିତ ଆନ୍ଦୋଳନ ଗଢ଼ିତୋଳିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ପାଚିକା ସହାୟିକା ସଂଘ କିଶୋରନଗର ବ୍ଲକର ଶକୁନ୍ତଳା ସାହୁ, ସୌଦାମିନୀ ସାହୁ, ମିଲି ସାହୁ, ମଞ୍ଜୁଲତା ଭୋଇ, ନଳିନୀ ସାହୁ, ଗୀତାଞ୍ଜଳି ସାହୁଙ୍କ ସମେତ ଶତାଧିକ ପାଚିକା ସହାୟିକା ଅଂଶଗ୍ରହଣ କରିଥିଲେ।

## ବଇଣ୍ଡାରେ କାର୍ତ୍ତିକେଶ୍ୱର ପୂଜା

ବଇଣ୍ଡା,୨।୧୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡାରେ ରବିବାରଠାରୁ ପବିତ୍ର କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି। ଶନିବାର କଳସ ଶୋଭାଯାତ୍ରାରେ ପବିତ୍ର ଜଳ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ସୂର୍ଯ୍ୟ ପରେ ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ରଙ୍ଗୀନ ଆଲୋକମାଳାରେ ପୂଜା ମଣ୍ଡପ ଝଲସି ଉଠୁଛି। ପୂଜକ ପ୍ରକାଶ ମିଶ୍ର ପୂଜା କରୁଛନ୍ତି। ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ପୂଜା ୬୬ ବର୍ଷ ହେବ ପାଳିତ ହେଇଆସୁଛି। କମିଟିର ଜନ୍ମେଶ୍ୱର ସାହୁ, ଶୁଭେନ୍ଦୁ ମୋହନ ସାହୁ, ଚକ୍ରଧର ବେହେରା, ପ୍ରଶ୍ନ ବେହେରା, ମାନସ ରଞ୍ଜନ ସାହୁ, ରାଜେନ୍ଦ୍ର ପ୍ରଧାନ, ସନ୍ତୋଷ ସାହୁ, ରମେଶ ବେହେରାଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରୁଛନ୍ତି।

## ଓଏଭିରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା




ଅନୁଗୋଳ,୨।୧୧(ସମିସ): ଖଣ୍ଡହତା ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ମହିମା ଜ୍ୟୋତି ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ବିଜ୍ଞାନ ଓ ଏହାର ପ୍ରୟୋଗ ବିନା ଆଜିର ମଣିଷ କିପରି ଗୋଟିଏ ମୁହୂର୍ତ୍ତ ମଧ୍ୟ ବଞ୍ଚିପାରିବ ନାହିଁ, ସେ ବିଷୟରେ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ। ଓଏଭି ଅଧ୍ୟକ୍ଷ ଟିକୁନୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗୋପୀନାଥପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଣୁରୁ ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ବିଜ୍ଞାନ ଓ ବୈଜ୍ଞାନିକ ପଦ୍ଧତିରେ ପରିଚାଳିତ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ସାଧୁଚରଣ ସାହୁ ଯୋଗଦେଇଥିଲେ।

ବିଦ୍ୟାଳୟର ଓଡ଼ିଆ ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ମହାନ୍ତି ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଚୁନୁମୁନି ଜାଲି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମୋଟ ୭୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ। ଶୁଭେନ୍ଦୁ ଦାଶ, ଅକ୍ଷୟ କୁମାର ସାହୁ ଓ ପାର୍ଥସାରଥି ପଣ୍ଡା ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ ପୁରସ୍କୃତ କରିଥିଲେ।

## ବେଡ଼ାସର ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା



କୁଇଓ,୨।୧୧(ସମିସ): ବଁଅରପାଳ ବ୍ଲକ ବେଡ଼ାସର ଗ୍ରାମରେ ଆରମ୍ଭ ହୋଇଛି କାର୍ତ୍ତିକେଶ୍ୱର ପୂଜା। କମିଟି ସଦସ୍ୟଙ୍କ ଦ୍ୱାରା କଳସ ଯାତ୍ରା କରାଯାଇ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୋଇଥିଲା। ପୂଜକ ପ୍ରମୋଦ ଦାସ ପୂଜା କରିଥିଲେ। କମିଟି ସଭାପତି ଲକ୍ଷ୍ମୀକାନ୍ତ ବେହେରା, ସମ୍ପାଦକ ଦିବେଶ ସାହୁ, ସଭ୍ୟ ଜିତେନ ଦେହୁରୀ, ବାପୁନୁ ସାହୁ, ଅଜିତ ଦେହୁରୀ, ସୁନୀଲ ସ୍ୱାଇଁ, ଦେବାଶିଷ ପରିଡ଼ା, ଆଶିଷ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ଭଜନକୀର୍ତ୍ତନ ଚାଲୁଥିବାରୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି।

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବିପତ୍ର

ବଇଣ୍ଡା,୨।୧୧(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇଣ୍ଡା ଛକରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଶନିବାର ବଇଣ୍ଡା ଅଟଳ ସ୍ମୃତି ପରିଷଦ ପକ୍ଷରୁ ଆଠମଲ୍ଲିକ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଜେପି ନେତା ପରେଶ ଦେଓଙ୍କ ନେତୃତ୍ୱରେ ରାଜେନ୍ଦ୍ର ସାହୁ, ବିଦ୍ୟୁତ ପ୍ରାଣୀଗ୍ରାହୀ, ଅର୍ଜୁନ ରାଉଳ, ଭବାନୀ ଜୋତିଷରାୟ, ଅଶୋକ ସାହୁ, ସୁଶାନ୍ତ ପ୍ରଧାନ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ବାଜପେୟୀଙ୍କ ଜନ୍ମବାର୍ଷିକୀ ଅବସରରେ ଆଠମଲ୍ଲିକର ମୁଖ୍ୟ ପେଣ୍ଠସ୍ଥଳୀ ବଇଣ୍ଡାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରଶାସନ ଶୀଘ୍ର ଜମି ପ୍ରଦାନ କରିବାକୁ ଦାବି କରାଯାଇଛି।

# କାର୍ତ୍ତିକେଶ୍ୱର ପୂଜା ପାଇଁ ତୁରଙ୍ଗ ଚଳଚଞ୍ଚଳ

ନାଲକୋ ନଗର,୨।୧୧(ସମିସ):







ଅନୁଗୋଳ ବ୍ଲକ ତୁରଙ୍ଗ ଗ୍ରାମର ଗଣପର୍ବ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି। ଏଥି ପାଇଁ ସମଗ୍ର ଗାଁ ଏବେ ଚଳଚଞ୍ଚଳ ହୋଇପଡ଼ିଛି। ପୂଜା କମିଟିଗୁଡ଼ିକ ପକ୍ଷରୁ ପ୍ରତିଯୋଗିତାମୂଳକ ଭାବେ ସାଜସଜ୍ଜା ସହ ରଙ୍ଗୀନ ଆଲୋକମାଳାରେ ମଣ୍ଡପଗୁଡ଼ିକ ଝଲସି ଉଠୁଛି। ପୂଜା କମିଟି କର୍ମକର୍ତ୍ତାମାନେ କଳସ ଶୋଭାଯାତ୍ରାରେ ପବିତ୍ର ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପରେ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୋଇଥିଲା। ବିଭିନ୍ନ ପୌରାଣିକ କଥାବସ୍ତୁ ଆଧାରରେ ମେଢ଼ ନିର୍ମାଣ କରଯାଇଛି। ଦୀର୍ଘ ବର୍ଷରୁ ଏହି ଗାଁରେ କାର୍ତ୍ତିକେଶ୍ୱରଙ୍କ ପୂଜା ପାଳିତ ହେଉଛି। ପ୍ରତ୍ୟହ ପ୍ରସାଦ ସେବନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ସଂଗ୍ରାମ କ୍ଲବ ପୂଜା ମଣ୍ଡପ ଏଲୋରା ଗୁମ୍ଫା ସଦୃଶ ହୋଇଛି। ଜାଗନାଥ କ୍ଲବ ମଣ୍ଡପ କାଚରେ ରାଜଦରବାର ହୋଇଛି। ଝଙ୍କାସ କ୍ଲବ, ତ୍ରିଦେବ କ୍ଲବ, ମା' ହିଙ୍ଗୁଳା କ୍ଲବ, ନୀଳଚକ୍ର କ୍ଲବ, ଓଭରଟେକ କ୍ଲବକୁ ମିଶାଇ ୧୮ ମଣ୍ଡପରେ କାର୍ତ୍ତିକେଶ୍ୱର ବିରାଜମାନ କରିଛନ୍ତି। ପ୍ରତ୍ୟେକ ପୂଜା କମିଟି ସଭାପତିଙ୍କୁ ନେଇ କେନ୍ଦ୍ରୀୟ ପୂଜା କମିଟି ଗଠନ ହୋଇଛି। କେନ୍ଦ୍ରୀୟ ପୂଜା କମିଟିର ସହମତି କ୍ରମେ ଭସାଣି ଉତ୍ସବରେ ୮ଟି ପୂଜା ମଣ୍ଡପ ମେଲଣରେ ଭାଗନେବେ ବୋଲି ନିଷ୍ପତ୍ତି ନିଆଯାଇଛି। ୫ଦିନ ଧରି ପୂଜା ଅନୁଷ୍ଠିତ ହେବା ସହ ପ୍ରତ୍ୟେକ ଦିନ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି।

## ଶିଶୁ ମନ୍ଦିରରେ ଶିଶୁବାଟିକା ମାତୃ କର୍ମଶାଳା

ଛେଣ୍ଡିପଦା,୨।୧୧(ସମିସ): ଛେଣ୍ଡିପଦା ବ୍ଲକ କୋଶଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁବାଟିକାର ମାତୃ କର୍ମଶାଳା ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଧର ଶତପଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ପରିଚାଳନା କମିଟି ସଭ୍ୟା ତଥା ଅଭିଭାବିକା ଲିପିକା ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଛେଣ୍ଡିପଦା ସଙ୍କୁଳ ପ୍ରମୁଖ ଦିଲୀପ କୁମାର ସାହୁ ଯୋଗଦେଇ ଶିଶୁମାନଙ୍କ ବିକାଶରେ ମା'ମାନଙ୍କ ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କର୍ମଶାଳାକୁ ଶିଶୁ ବାଟିକାର ପ୍ରମୁଖ ଆଚାର୍ଯ୍ୟା ରୋଜାଲିନ ବେହେରା ପରିଚାଳନା କରିଥିଲେ। ଏଥିରେ ମା'ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ଅମୃତ କଳସ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ୫୦ରୁ ଅଧିକ ମାଆ ଅଂଶଗ୍ରହଣ କରିଥିଲେ। ଆଚାର୍ଯ୍ୟ ହିମାଂଶୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ପ୍ରଳମ୍ବାସୁର ବଧ ବେଶରେ ଦର୍ଶନ ଦେଲେ ବଳଦେବଜୀଉ

କେନ୍ଦ୍ରାପଡ଼ା,୨।୧୧(ସମିସ):

କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ଦ୍ୱାଦଶୀ ତିଥି ଗୋଟିଏ ଦିନ ହେବାରୁ ତୁଳସୀକ୍ଷେତ୍ରର କ୍ଷେତ୍ରାଧିପତି ପ୍ରଭୁ ବଳଦେବଜୀଉଙ୍କ ଦ୍ୱାରା ଉଭୟ ପ୍ରଳମ୍ବାସୁର ବଧ ବେଶ ଓ ଗରୁଡ଼ ବେଶ ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ନୀତି ସମ୍ପନ୍ନ ପରେ ପୂଜା ପଣ୍ଡାଙ୍କ ଦ୍ୱାରା ବେଶ ଅନୁଷ୍ଠାନ କରାଯାଇଥିଲା। ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ଆସିଥିବା ପାଟଶାଢ଼ୀ ପରିଧାନ ପୂର୍ବକ ପ୍ରଭୁ ମହାପ୍ରଭୁ ସଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଦୁଇ ଦୁର୍ଲଭ ବେଶ ଦର୍ଶନ ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ହୋଇଥିଲା। ତୁଳସୀ ବିବାହ ଓ ଗରୁଡ଼ ଜନ୍ମ ନୀତି ଥିବାରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତୀମା ଗୋବିନ୍ଦଜୀଉ ବିମାନରେ ଯାତ୍ରା କରି ଭଗବାନପୁର ତୁଳସୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ତୁଳସୀ ବିବାହ ନୀତି ସମ୍ପନ୍ନ ହୋଇଥିଲା। ରାତି ଧୂପ ସମ୍ପନ୍ନ ପରେ ପୂଜା ପଣ୍ଡାଙ୍କ ଦ୍ୱାରା ଦେବ ଉଥାପନ ନୀତି ସିଂହାସନରେ କରାଯାଇଥିଲା। ପରେ ଜଗମୋହନ ମଣ୍ଡପରେ ଦଣ୍ଡାୟମାନ ଗରୁଡ଼ଙ୍କ ଜନ୍ମ ଜୟନ୍ତୀ ନୀତି ପାଳନ କରାଯାଇଥିଲା। ତୁଳସୀ ଚଉରାରେ ରାଜପୁରୋହିତଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜା ହୋଇଥିଲା। ସମସ୍ତ ନୀତି ସମ୍ପନ୍ନ ପରେ ଅନ୍ୟାନ୍ୟ ମନ୍ଦିର ନୀତି ଅନୁଷ୍ଠିତ ହୋଇଥିଲା। ପ୍ରଳମ୍ବାସୁର ବେଶ ସମ୍ପର୍କରେ ମନ୍ଦିର ସତ୍ତ୍ୱଲିପି ଅନୁଯାୟୀ ଏକ ସ୍ୱତନ୍ତ୍ର କିମ୍ବଦନ୍ତୀ ରହିଛି। ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଓ ବଳରାମ ଗୋପାଳଙ୍କ ସହ ଥିବା ସମୟରେ ଦୁଷ୍ଟ ପ୍ରଳମ୍ବାସୁରଙ୍କ ସହ ଯୁଦ୍ଧ ହୋଇଥିଲା। ପ୍ରଭୁ ବଳରାମ ନିଜ ମୂଷଳରେ ସଂହାର କରିଥିଲେ। ଶ୍ରୀକୃଷ୍ଣ ତାଙ୍କ କାନ୍ଧରୁ ଉତ୍ତରୀୟ ବସ୍ତ୍ର ବଳରାମଙ୍କ ମସ୍ତକରେ ପିନ୍ଧାଇଥିଲେ। ସେହି ପ୍ରଥା ପରମ୍ପରା ଆଜି ପର୍ଯ୍ୟନ୍ତ ଉଭୟ କ୍ଷେତ୍ରରେ ଅବିଚ୍ଛିନ୍ନ ରହିଛି। ଶ୍ରୀମନ୍ଦିର ସତ୍ତ୍ୱଲିପି ଅନୁଯାୟୀ ପ୍ରତିବର୍ଷ ତିନିଖଣ୍ଡ ପାଟ ଶାଢ଼ୀ ଶ୍ରୀମନ୍ଦିର ପ୍ରଶାସନ ତୁଳସୀକ୍ଷେତ୍ରକୁ ପଠାଇଥାଏ। ତାହା ପରିଧାନ ପୂର୍ବକ ପ୍ରଭୁ ବଳଦେବଜୀଉ ପ୍ରଳମ୍ବାସୁର ବଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥା'ନ୍ତି ବୋଲି ମନ୍ଦିର ପ୍ରଶାସନ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।



## ଦୁର୍ଘଟଣାରେ ୩ ଆହତ

ବାଲିକୁଦା,୨।୧୧(ସମିସ): କଟକ-ମାଛଗାଁ ମୁଖ୍ୟ ରାସ୍ତାର ତିହୁଡ଼ି ହନୁମାନ ଛକ ନିକଟରେ ଏକ ସାଇକଲ ସହ ଅଟୋର ମୁହାଁମୁହିଁ ଧକ୍କା ହୋଇ ଅଟୋ ରାସ୍ତା କଡ଼କୁ ଓଲଟିପଡ଼ିଥିଲା। ଫଳରେ ୬ ଜଣ ମଧ୍ୟରୁ ୩ ଜଣ ଆହତ ହୋଇ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ନୟାଗଡ଼ ଥାନା ଅଞ୍ଚଳରୁ ଗୋଟିଏ ପରିବାର ଅଟୋ ଯୋଗେ ପ୍ରଥମେ ଗୋଡ଼ା ପଞ୍ଚପଲ୍ଲୀରେ ଥିବା ଗ୍ରାମେଶ୍ୱର ମହାଦେବଙ୍କ ଦର୍ଶନ ସାରି କାକଟପୁର ମା' ମଙ୍ଗଳା ଦର୍ଶନ ପାଇଁ ଯାଉଥିବାବେଳେ ତିହୁଡି ହନୁମାନ ଛକ ନିକଟରେ ନୂଆଗାଁ ବାଲିକୁଦା ଥାନା ନୂଆଗାଁ ଗ୍ରାମର ବିପିନ ମହାନ୍ତି ସାଇକଲ ଯୋଗେ ବାଲିକୁଦା ଆସୁଥିବାବେଳେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଅଟୋ ଓଲଟିପଡ଼ିଥିଲା। ଏଥିରେ ୩ ଜଣ ଆହତ ହୋଇଥିଲେ।

## ଦୋଛକିରେ ଦୁର୍ଘଟଣା, ମହିଳାଙ୍କ ମୃତ୍ୟୁ

ପାରାଦୀପ, ୨।୧୧(ସମିସ): ଆଜି ସନ୍ଧ୍ୟାରେ ଦୋଛକିରେ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ପାରାଦୀପ ଆଡ଼କୁ ଯାଉଥିବା ଏକ ହାଇୱା ଏକ ବାଇକ୍‌କୁ ଧକ୍କା ଦେବାରୁ ବାଇକରେ ବସିଥିବା ମହିଳା ତଳକୁ ଖସି ପଡିଥିଲେ। ହାଇୱା ତାଙ୍କୁ ରାସ୍ତାରେ ଘୋଷାଡି ଘୋଷାଡି ନେଇଯାଇଥିଲା। ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ଜଣଙ୍କ ହେଲେ ଲକ୍ ଥାନା ଅଧୀନ ଝିମାଣୀ ଗ୍ରାମର ବିନି ବେହେରା। ସେ ପାରାଦୀପରୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବା ସହିତ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ପାରାଦୀପ ଆଡିସନାଲ ଏସ୍‌ପି ସ୍ମୃତିରଞ୍ଜନ କର ଓ ଲକଥାନା ଅଧିକାରୀ ପହଞ୍ଚି ହାଇୱାକୁ ଜବତ କରିବା ସହିତ ଚାଳକକୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲେ। ପରେ ପୁଲିସ ପରିବାର ଲୋକ ଓ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିବା ପରେ ଅବରୋଧ ହଟିଥିଲା।

## ଶତାୟୁ ପୂଜକ ଶଙ୍କର୍ଷଣ ଦାଶଙ୍କ ପରଲୋକ



ରାଜକନିକା, ୨।୧୧(ସମିସ): ରାଜକନିକା ବ୍ଲକ୍‌ର ବାଂଶୀରାୟ ଗ୍ରାମର ଶତାୟୁ ପୂଜକ ଶଙ୍କର୍ଷଣ ଦାଶ(୧୦୧)ଙ୍କ ଆଜି ସକାଳେ ପରଲୋକ ହୋଇଯାଇଛି। ପ୍ରତ୍ୟୁଷରେ ସ୍ୱର୍ଗତ ଶଙ୍କର୍ଷଣ ଶଯ୍ୟାରେ ଥାଇ ଯୋଡ଼ହସ୍ତରେ ଈଶ୍ୱରଙ୍କୁ ନମସ୍କାର କରୁଥିବା ସମୟରେ ପ୍ରାଣତ୍ୟାଗ କରିଛନ୍ତି। କୋରନ୍ଦ ପ୍ରାଥମିକ ସ୍କୁଲରେ ଶିକ୍ଷକ ଭାବେ ସାଂସାରିକ ଜୀବନ ଆରମ୍ଭ କରିଥିବା ଶଙ୍କର୍ଷଣ ପରେ ଚାକିରି ଛାଡ଼ି ପୂଜକ ଭାବେ ବିଭିନ୍ନ ମଠ ମନ୍ଦିରରେ ପୂଜା କରି ଜୀବନ ବିତାଇଥିଲେ। ତାଙ୍କ ମୃତ୍ୟୁରେ କୋରନ୍ଦ, ବାଂଶରାୟା, ଗିରିୟା ଗାଁରେ ଶୋକ ପ୍ରକାଶ ପାଇବା ସହ ବହୁ ବିଶିଷ୍ଟ ଲୋକ ଶେଷଦର୍ଶନ କରିବା ପରେ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ବାଂଶରାୟା ନିଆଯାଇ ସଂସ୍କାର କରାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ଭାଇ ଲକ୍ଷ୍ମଣ, ରାମଚନ୍ଦ୍ର, ପୁଅ ଶୈଳେନ୍ଦ୍ର, ଶରତ, ପୁତୁରା ଜଗନ୍ନାଥ, ସୁବାସ, ସୁକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ପୁଅ ଶୈଳେନ୍ଦ୍ର ମୁଖାଗ୍ନି ଦେଇଥିଲେ।

## ଜଗନ୍ନାଥପୁର ବିଦ୍ୟାଳୟରେ ପୋଷାକ ବିତରଣ

ଏରସମା/ତିର୍ତ୍ତୋଲ,୨।୧୧(ସମିସ): ତିର୍ତ୍ତୋଲ ବ୍ଲକ ଅଧୀନ ଜଗନ୍ନାଥପୁର ପିଏମ୍‌ସି ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ ନାୟକ, ସିଆରସିସି ସୁଶାନ୍ତ ବେହେରା ଉପସ୍ଥିତ ଥିଲେ। ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଭଜନ ସମ୍ରାଟ ଭିକାରୀ ବଳଙ୍କ ଶ୍ରାଦ୍ଧୋତ୍ସବ



କେନ୍ଦ୍ରାପଡ଼ା,୨।୧୧(ସମିସ): ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଅଗ୍ରଣୀ ସାଂସ୍କୃତିକ ସଂସ୍ଥା ଭାବଗ୍ରାହୀ କଳା ନିକେତନ ଓ ରେଡିଓ ଭାବଗ୍ରାହୀ ମିଳିତ ଭାବେ ଓଡ଼ିଆ ଭକ୍ତି ସଙ୍ଗୀତ ଜଗତର କିମ୍ବଦନ୍ତୀ ପୁରୁଷ, ଭଜନ ସମ୍ରାଟ ଭିକାରୀ ବଳଙ୍କ ପଞ୍ଚଦଶ ଶ୍ରାଦ୍ଧୋତ୍ସବ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ପାଳିତ ହୋଇଯାଇଛି। କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଶାନ୍ତ ସାମଲ ମୁଖ୍ୟଅତିଥି, ପଣ୍ଡିତ ପଦ୍ମନାଭ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ଅମର ରାଉତ, କଣ୍ଠଶିଳ୍ପୀ ଅଜୟ ମହାନ୍ତି, ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରା, ପ୍ରଧାନଶିକ୍ଷକ ଅଜୟ ସ୍ୱାଇଁ ଓ ନାଟ୍ୟକାର ଭୀମସେନ ପ୍ରଧାନ ଯୋଗଦେଇ ଭିକାରୀ ବଳଙ୍କ ଅମର ସ୍ମୃତିକୁ ସ୍ମରଣ କରିଥିଲେ। ଗୀତିକାର ବିମଳ ପରିଡ଼ା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ନିରୁପମା ଜେନା ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଆରମ୍ଭରେ ଭଜନ ସମ୍ରାଟ ଭିକାରୀ ବଳ, ଅକ୍ଷୟ ମହାନ୍ତି, ଲୋକକବି ଭାବଗ୍ରାହୀ ପରିଡ଼ା ଓ କବି ସରୋଜିନୀ ପରିଡ଼ାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏ ଅବସରରେ ଉପସ୍ଥିତ କଳାକାର ଭଜନ ସମ୍ରାଟଙ୍କ କାଳଜୟୀ ଗୀତ 'କୋଠ ଭୋଗଖିଆ', 'ହାତରେ ମୋ ମୁଠା ମୁଠା', 'ନୂଆ ଘର ଖଣ୍ଡି ଦିନେ' ଇତ୍ୟାଦି ଗାଇ ସମସ୍ତଙ୍କୁ ମୋହିତ କରିଥିଲେ। ବିକ୍ରମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଦିବ୍ରହ୍ମ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା



ବାଲିକୁଦା,୨।୧୧(ସମିସ): ବାଲିକୁଦା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବାଲିକୁଦା ବ୍ଲକ୍ ମରିଚପୁର ପଞ୍ଚାୟତ ଗାଦୀବ୍ରହ୍ମ ବିଦ୍ୟାପୀଠ ଉଚ୍ଚବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବ୍ଲକର ସମସ୍ତ ବିଦ୍ୟାଳୟରୁ ବାଳକ ଓ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରୁ ୨୫ ଜଣ ଦୌଡ଼କୁଦ ଓ ୧୬ ଜଣ କ୍ରିକେଟ୍ ପାଇଁ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ଉଦଘାଟନ ଦିବସରେ ବ୍ଲକ ଶିକ୍ଷାଧିକାରୀ ବିଶ୍ୱମ୍ବର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଉଦଯାପନୀ ଦିବସରେ ପୂର୍ବତନ ସରପଞ୍ଚ ସଦାନନ୍ଦ ବେହେରା, ପ୍ରଧାନଶିକ୍ଷକ ହୃଷିକେଶ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ସ୍ୱାଇଁ, ସମିତିସଭ୍ୟା ସୁନୀତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ୍ କ୍ରୀଡା ସମ୍ପାଦକ ରମେଶ ଗୋଚ୍ଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।

## ନାମଯଜ୍ଞ ସଂସ୍କାର ସମିତି ପକ୍ଷରୁ ମହୋଦଧି ଆଳତୀ

ବାଲିକୁଦା,୨।୧୧(ସମିସ):ଜଗତର ମଙ୍ଗଳ କାମନା କରି ନାମଯଜ୍ଞ ସଂସ୍କାର ସମିତି ସଂକୀର୍ତ୍ତନ ମହାମଣ୍ଡଳୀ ପକ୍ଷରୁ ମହୋଦଧି ଆଳତୀ ସମାପିତ ହୋଇଛି। ଅଶାନ୍ତ ସମୁଦ୍ରକୁ ଶାନ୍ତ କରିବା ସହ ପ୍ରକୃତିର ସୁରକ୍ଷା ନିମନ୍ତେ ମହାମଣ୍ଡଳର ଶତାଧିକ ସଦସ୍ୟ କାର୍ତ୍ତିକ ମାସର ପଞ୍ଚକ ଅବସରରେ ସମୂହ ନାମ ସଂକୀର୍ତ୍ତନ କରିବା ସହ ସରବନ୍ତବଳଦେବଜୀଉଙ୍କ ପୂଜାର୍ଚ୍ଚନା କରିବା ପରେ ପ୍ରଭୁଙ୍କ ଆଜ୍ଞା ମାଳ ନେଇ ସମୁଦ୍ର ଦେବତାଙ୍କୁ ଆଳତୀ କରି ଜଗତର ମଙ୍ଗଳ କାମନା କରିଥିଲେ। ମହାମଣ୍ଡଳ ସଭାପତି ମାଧବାନନ୍ଦ ଜେନା, ସମ୍ପାଦକ ବସନ୍ତ ନାୟକ, ଉପସଭାପତି ବସନ୍ତ ପରିଡା, ସହସମ୍ପାଦକ ପବିତ୍ର ସାଉ, ସଂଗଠନ ସମ୍ପାଦକ ବିଜୟ ପ୍ରଧାନ, କୋଷାଧକ୍ଷ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ପଞ୍ଚାୟତ ଗଠନ ଦାବିରେ ଗ୍ରାମବାସୀଙ୍କ ମେଳି

ନାଉଗାଁ,୨।୧୧(ସମିସ): ନୂତନ ପଞ୍ଚାୟତ ଗଠନ ନିମନ୍ତେ ଗାରୋଇ ଗୁଣ୍ଡିଚା ମନ୍ଦିର ନିକଟରେ ମେଳିବାନ୍ଧିଲେ ୪ଟି ଗ୍ରାମର ଗ୍ରାମବାସୀ। ନାଉଗାଁ ବ୍ଲକ୍ ଅଧୀନସ୍ଥ କୋରୁଅ ପଞ୍ଚାୟତର ଗାରୋଇ ନିକଟରେ ଥିବା ଗୁଣ୍ଡିଚା ମନ୍ଦିର ନିକଟରେ ରାଜସ୍ୱ ଗ୍ରାମ ଡିଅଡେଲ ସରା, ଗାରୋଇ, ନୂଆଁକଣ ଓ ପଡ଼ା ଗ୍ରାମ ଡାହାଣୀଖିଆ ଗ୍ରାମର ଶତାଧିକ ଗ୍ରାମବାସୀ ସଭା କରି ନୂତନ ପଞ୍ଚାୟତ ଗଠନ ଦାବି କରିଥିଲେ। ୨୦୧୧ ଜନଗଣନା ଅନୁସାରେ କୋରୁଅ ପଞ୍ଚାୟତରେ ୧୯ଟି ୱାର୍ଡ ରହିଥିବାବେଳେ ଏହି ୪ଟି ଗ୍ରାମର ୱାର୍ଡ ସଂଖ୍ୟା ୧୧ ଥିଲା। ବର୍ତ୍ତମାନ ଜନଗଣନା କରାଗଲେ ୱାର୍ଡ ସଂଖ୍ୟା, ଜନସଂଖ୍ୟା ଓ ଭୋଟର ସଂଖ୍ୟା ବୃଦ୍ଧି ହେବା ନେଇ ଦାବି କରିଛନ୍ତି ଗ୍ରାମବାସୀ। ନୂତନ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ଚାରୋଟି ଗ୍ରାମରୁ ପାଞ୍ଚଜଣିଆ ସଦସ୍ୟଙ୍କୁ ନେଇ ଗ୍ରାମସ୍ତରୀୟ କମିଟି ଗଠନ କରାଯାଇ ଆଗାମୀ ଦିନରେ ଏହି କମିଟି ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

■ ଶାସନ ପଞ୍ଚାୟତର ଦୁର୍ନୀତି ବିରୁଦ୍ଧରେ ପଞ୍ଚାୟତବାସୀଙ୍କ ଅନଶନ ନୋଟିସ

# ବେନାମୀ ପୋଷ୍ଟରକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା

ପଟ୍ଟାମୁଣ୍ଡାଇ,୨।୧୧(ସମିସ):

ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧୀନ ଶାସନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟରେ ହୋଇଥିବା ଦୁର୍ନୀତି ବିରୁଦ୍ଧରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଆସନ୍ତା ୪ ତାରିଖ ଦିନ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଓ ଆନ୍ଦୋଳନ କରିବା ପାଇଁ ବ୍ଲକ୍ ପ୍ରଶାସନକୁ ନୋଟିସ ଦିଆଯାଇଛି। ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ପଟ୍ଟାମୁଣ୍ଡାଇ ବଜାର ସମେତ ଶାସନ ପଞ୍ଚାୟତର ବିଭିନ୍ନ ସ୍ଥାନରେ ପଞ୍ଚାୟତବାସୀଙ୍କ ପକ୍ଷରୁ ପୋଷ୍ଟର ଲଗାଯାଇଛି। ଏହି ଘଟଣା ପରେ ପଟ୍ଟାମୁଣ୍ଡାଇ ବଜାର ଓ ଶାସନ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଏକ ବେନାମୀ ପୋଷ୍ଟର ଲଗାଯିବା ଘଟଣାକୁ ନେଇ ଶାସନ ପଞ୍ଚାୟତର ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଏହି ବେନାମୀ ପୋଷ୍ଟରରେ ଆନ୍ଦୋଳନକାରୀଙ୍କୁ ସମାଜ ବିରୋଧୀ ଦଲାଲ ବୋଲି ଉଲ୍ଲେଖ କରାଯାଇଛି। ପଞ୍ଚାୟତରେ ହୋଇଥିବା ଦୁର୍ନୀତିର ତଦନ୍ତ କରି କୁଆଡ଼େ ଭିଜିଲାନ୍ସ ବିଭାଗ କ୍ଲିନଚିଟ ଦେଇଥିବା ବେନାମୀ ପୋଷ୍ଟରରେ ଉଲ୍ଲେଖ ରହିଛି। ଯାହାକି ଭିଜିଲାନ୍ସ ବିଭାଗକୁ ସର୍ବସାଧାରଣରେ ଅପନିନ୍ଦିତ କରାଯିବାକୁ ଅପଚେଷ୍ଟା କରାଯାଇଥିବା ଆନ୍ଦୋଳନର ନେତୃତ୍ୱ ନେଉଥିବା ପ୍ରଶାନ୍ତ ମହାନ୍ତି, ଅର୍ଜୁନ ସାହୁ, ତୀର୍ଥ ପରିଡା, ରମାକାନ୍ତ ଦାସ, ରାହାସ ମଲିକ, ବିଚିତ୍ର ସେନାପତି, ଭ୍ରମରବର ନାୟକ ପ୍ରମୁଖ କହିଛନ୍ତି।

<u>**Format C-2**</u>

(For political party to publish in website, newspapers, TV)

**<u>Declaration about criminal antecedents of candidates set up by the Party</u>**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br><br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br><br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br><br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |


*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

ସକାଳ
THE SAKALA

# ସମ୍ପାଦକୀୟ



ଦୁର୍ନୀତି ଯେକୌଣସି ଦେଶର ବିକାଶରେ ସବୁଠାରୁ ବଡ଼ ବାଧକ।
-ଲାଲ ବାହାଦୂର ଶାସ୍ତ୍ରୀ

## ଭାରତ ପାଖରେ ସୁଯୋଗ

ଆକ୍ରମଣାତ୍ମକ ଆଭିମୁଖ୍ୟ ପାଇଁ ପରିଚିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ରକ୍ଷଣାତ୍ମକ ମୁଦ୍ରାରେ ଅବତୀର୍ଣ୍ଣ ହୋଇଛନ୍ତି। ଚପଳମତି ଟ୍ରମ୍ପଙ୍କ ଏହି ସ୍ୱଭାବ ପରିବର୍ତ୍ତନ ପଛର କାରଣ ହଠାତ୍ ଠଉରାଇବା କଷ୍ଟକର ହୋଇଥିଲେ ମଧ୍ୟ ଦୁଇଟି କାରଣକୁ କୂଟନୀତିଜ୍ଞମାନେ ଅନୁମାନ କରୁଛନ୍ତି। ପ୍ରଥମତଃ, ଦଣ୍ଡ-ଭେଦ ସାମରିକ ନୀତିରେ ନୋବେଲ ଶାନ୍ତି ପୁରସ୍କାର ପାଇବାରେ ବିଫଳ ହେବା ପରେ ଏବେ ଟ୍ରମ୍ପ ବାଣିଜ୍ୟ ସହଯୋଗର ସାମ-ଦାମ ନୀତି ଆପଣେଇଛନ୍ତି। ଏଣୁ କଠୋର ଶୁଳ୍କ ଯୁଦ୍ଧକୁ ପରିହାର କରି ଚୀନ୍ ପାଇଁ କୋହଳ ବାଣିଜ୍ୟ ନୀତି ଘୋଷଣା କରିଛନ୍ତି। ସେହିପରି ଭାରତ ସମ୍ପର୍କରେ ଆମେରିକାର ଆଭିମୁଖ୍ୟ ହଠାତ୍ ବଦଳି ଯାଇଛି। ଟ୍ରମ୍ପ ସବୁଠାରୁ ଉଚ୍ଚା ଦରରେ ଭାରତର ଉତ୍ପାଦ ଉପରେ ଶୁଳ୍କ କଷିଥିବା ବେଳେ ଚବାହାର ବନ୍ଦର ପରିଚାଳନାରେ ଲଗାଇଥିବା କଟକଣାକୁ ଛଅମାସ ପାଇଁ କୋହଳ କରିଛନ୍ତି। ନିକଟରେ ଆମେରିକା ଭାରତ ସହିତ ଦଶବର୍ଷିଆ ପ୍ରତିରକ୍ଷା ଚୁକ୍ତି ମଧ୍ୟ ସ୍ୱାକ୍ଷର କରିଛି। ଏହାଦ୍ୱାରା ସବୁରାଷ୍ଟ୍ର ସହିତ ସୁସମ୍ପର୍କ ସ୍ଥାପନ ଜରିଆରେ ବିଶ୍ୱ ଶାନ୍ତି ପ୍ରତିଷ୍ଠାରେ ଆଗ୍ରହୀ ଥିବା ଟ୍ରମ୍ପ ପ୍ରମାଣିତ କରିବାକୁ ଚାହୁଁଥିବେ। ଯଦି ଟ୍ରମ୍ପଙ୍କ ଏହି ଉଦ୍ଦେଶ୍ୟ ମହତ୍, ସ୍ଥାୟୀ ଓ ବାସ୍ତବ ହୋଇଥାଏ ତେବେ ବିଶ୍ୱ ପାଇଁ ମଙ୍ଗଳକର। ଅପରପକ୍ଷରେ ବନ୍ଧୁତ୍ୱ ଓ କୋହଳ ନୀତିର ହାତ ବଢ଼ାଇ ଚୀନ୍ ଓ ଭାରତକୁ ରୁଷ୍ଠାରୁ ଅଲଗା କରିବାରେ ଟ୍ରମ୍ପଙ୍କ ମସୁଧାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ।

ଟ୍ରମ୍ପଙ୍କ ସ୍ୱଭାବ ଓ ନୀତି ପରିବର୍ତ୍ତନ ପଛରେ ଯାହା ବି କାରଣ ଥାଉ ନା କାହିଁକି ଏଥିରେ କିନ୍ତୁ ଭାରତ ପାଇଁ ଏକ ବଡ଼ ସୁଯୋଗ ରହିଛି, ଯାହାକୁ କେନ୍ଦ୍ର ସରକାର ହାତଛଡ଼ା କରିବେ ନାହିଁ ବୋଲି ବିଶ୍ୱାସ। ଆଣବିକ ପରୀକ୍ଷଣ ବିରୋଧରେ ଆମେରିକା ଯେଉଁ ବୈଶ୍ୱିକ କଟକଣା ଲାଗୁ କରିଥିଲା ତାହାକୁ ପ୍ରତ୍ୟାହାର କରିବା ସହିତ ୧୯୯୨ ମସିହା ପରେ ପ୍ରଥମ ଥର ପାଇଁ ପୁଣି ଥରେ ନିଜେ ଆଣବିକ ପରୀକ୍ଷଣ କରିବ ବୋଲି ଟ୍ରମ୍ପ ପ୍ରଶାସନ ଘୋଷଣା କରିଛି। ତେଣୁ ଦଶବର୍ଷିଆ ପ୍ରତିରକ୍ଷା ଚୁକ୍ତି ସମ୍ପାଦନ ଅବସରରେ ଏହି ଦିଗଟିକୁ ଅଧିକ ଗୁରୁତ୍ୱ ଦେଲେ ଭାରତ ପ୍ରତିରକ୍ଷା ଓ ସବୁଜ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଆହୁରି ସଶକ୍ତ ହୋଇପାରିବ। ବିଶେଷକରି ୧୯୯୮ ମେ ୧୧ ତାରିଖରେ ପୋଖରାନ୍ ୨ ଆଣବିକ ପରୀକ୍ଷଣ ପରେ ଭାରତ ଉପରେ ଆମେରିକା ଲଗାଇଥିବା କଟକଣାକୁ ଆଂଶିକ ପ୍ରତ୍ୟାହାର କରିଥିଲେ ମଧ୍ୟ ଅଣୁ ଅସ୍ତ୍ର ଉତ୍ପାଦନ ଉପରେ କଟକଣା ବଳବତ୍ତର ରହିଛି।

୨୦୦୭ ରେ ଭାରତ ଆମେରିକା ସହିତ ସ୍ୱାକ୍ଷର କରିଥିବା '୧୨୩ ଚୁକ୍ତିନାମା'ର ସର୍ତ୍ତ ଅନୁଯାୟୀ ଆମେରିକା ସହିତ ପୂର୍ଣ୍ଣ ସହଯୋଗ କଲେ ଯାଇ ଭାରତକୁ ଆଣବିକ ଅସ୍ତ୍ର ପରୀକ୍ଷଣର ଅନୁମତି ମିଳିବ। ତେଣୁ ଏବେ ସୁଯୋଗକୁ ହାତଛଡ଼ା ନ କରି ଅଣୁଅସ୍ତ୍ରର ଅଧିକ ପରୀକ୍ଷଣ କରିବା ଲାଗି ଭାରତ ଆମେରିକାକୁ ମନାଇବାକୁ ପଡ଼ିବ। କାରଣ ଏବେ ଉଭୟ ଚୀନ୍ ଓ ପାକିସ୍ତାନ ପଟରୁ ଯେଭଳି ଆଣବିକ ଆକ୍ରମଣ ଆଶଙ୍କା ବଢୁଛି, ତାହାକୁ ପ୍ରତିହତ କରିବା ଲାଗି ଭାରତର ଅଣୁ ଅସ୍ତ୍ର କ୍ଷମତା ପର୍ଯ୍ୟାପ୍ତ ନୁହେଁ। ଭାରତ ପ୍ରଥମେ ନିଜ ଆଡୁ ଅଣୁ ଅସ୍ତ୍ର ପ୍ରୟୋଗ କରିବ ନାହିଁ ବୋଲି ସଂକଳ୍ପ ନେଇଛି; କିନ୍ତୁ ଶକ୍ତି ପ୍ରଦର୍ଶନ ଜରିଆରେ ଶତ୍ରୁ ପକ୍ଷକୁ ଭୟଭୀତ କରିବା ପାଇଁ ଅଣୁ ଅସ୍ତ୍ରର ଅଧିକ ପରୀକ୍ଷଣ ଆଜିର ଆବଶ୍ୟକତା।

## ଆପଣା କଲା କର୍ମମାନ

ନିଜେ କରୁଥିବା କର୍ମର ପରିଣତି ପ୍ରତି ସାବଧାନ ନ ହେଲେ ତା'ର ଫଳ ନିଜେ ହିଁ ଭୋଗ କରିବାକୁ ପଡ଼େ। ବାରମ୍ବାର ତାଗିଦ, ଅନୁରୋଧ, ପରାମର୍ଶ ସତ୍ତ୍ୱେ ଆସୁରିକ ଆନନ୍ଦ ଉପଭୋଗ ପାଇଁ ଲଗାମହୀନ ବାଣ ଫୁଟାଇବା ପରେ ଦିଲ୍ଲୀ ଏକ ବିଷାକ୍ତ ଗ୍ୟାସ୍‌ଚାମ୍ବରରେ ପରିଣତ ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ ସ୍ୱର୍ଶକାତର ରୋଗୀମାନେ ଦିଲ୍ଲୀ ଛାଡ଼ି କିଛିଦିନ ବାହାରେ ରହିବାକୁ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଅଦୂରଦର୍ଶିତା ଓ ବେପରୁଆ ମାନସିକତା ନିଜ ପାଇଁ କିଭଳି ବିପତ୍ତି ଓ ପରିଣତି ଆଣିପାରେ ତାହା ଦିଲ୍ଲୀ ବାୟୁସ୍ଥିତି ପୁଣି ଥରେ ସମସ୍ତଙ୍କୁ ଚେତାବନୀ ଦେଇଛି।

ଉଦ୍‌ବେଗଜନକ କଥା ହେଉଛି ଦିଲ୍ଲୀ ସ୍ଥିତି ଦେଖିବା ଓ ଶୁଣିବା ପରେ ମଧ୍ୟ କେହି ଚେତୁନାହାନ୍ତି। ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା ନ୍ୟାୟରେ କଟକଣାକୁ ଉଲ୍ଲଙ୍ଘନ କରି ବାଣ ଫୁଟାଇ ପରିବେଶକୁ ପ୍ରଦୂଷିତ କରୁଛନ୍ତି। ପୁରାଣ ଶାସ୍ତ୍ରକାରମାନେ କହିଛନ୍ତି ଏ ହାତରେ କଲା କର୍ମ ଫଳ ସେ ହାତରେ ନେବ। କିନ୍ତୁ ଦିଲ୍ଲୀ ଭଳି ପ୍ରଦୂଷିତ ସହରମାନଙ୍କର ସଂଖ୍ୟାବହୁଳ ଆସୁରିକ ଆନନ୍ଦଭୋଗୀଙ୍କ ଯୋଗୁଁ ସୃଷ୍ଟ ପ୍ରଦୂଷିତ ପରିବେଶ ସଂଖ୍ୟାଲଘୁ ନିରୀହ ଲୋକଙ୍କୁ ଯନ୍ତ୍ରଣା ଦେଉଛି। ଏକ ସର୍ବେକ୍ଷଣ ଅନୁଯାୟୀ, ଦିଲ୍ଲୀ ରାଜଧାନୀ ଅଞ୍ଚଳରେ ପ୍ରାୟ ୭୫ ପ୍ରତିଶତ ପରିବାର ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ବେଳେ ପ୍ରତି ପରିବାରର ଏକାଧିକ ସଦସ୍ୟ ଶ୍ୱାସ, ଚର୍ମ, କିଡ୍‌ନୀ, ଥଣ୍ଡା, କାଶ, ଜ୍ୱର ଭଳି ରୋଗରେ ପୀଡ଼ିତ। ଏସବୁ ସଂକ୍ରମଣ ଓ ରୋଗ ପଛରେ କେବଳ ବାଣ ଜନିତ ପ୍ରଦୂଷଣ ହିଁ ଦାୟୀ ବୋଲି ବିଶେଷଜ୍ଞମାନେ ଏକମତ ହୋଇଛନ୍ତି। କିନ୍ତୁ ଚେଇଁ ଶୋଇଥିବା ଲୋକକୁ ଯେପରି ଉଠାଇବା ପ୍ରୟାସ ନିରର୍ଥକ, ବାଣ ନ ଫୁଟାଇବାକୁ ପରାମର୍ଶ ସେପରି ମୂଲ୍ୟହୀନ ପ୍ରମାଣିତ ହୋଇଛି।

ଇତିମଧ୍ୟରେ ଦିଲ୍ଲୀ ସରକାର କୃତ୍ରିମ ବର୍ଷା ଜରିଆରେ ବାୟୁପ୍ରଦୂଷଣକୁ କିଛିମାତ୍ରାରେ ହ୍ରାସ କରିବାର ପ୍ରୟାସ କରିଛନ୍ତି; ଯାହା ପୂର୍ଣ୍ଣମାତ୍ରାରେ ସଫଳ ହୋଇପାରିନାହିଁ। କିନ୍ତୁ ଏଥିପାଇଁ ଯେଉଁ ଖର୍ଚ୍ଚ ହେଲା ତାହା ଭରଣା କରିବ କିଏ? ଏଭଳି କ୍ଷେତ୍ରରେ ସରକାର କିମ୍ବା ପ୍ରଶାସନ ଚାହିଁଲେ ମଧ୍ୟ କିଛି କରିପାରିବେ ନାହିଁ। ଯଦି ଜଣେ ନିଜ ହାତରେ ନିଜ ଜିଭକୁ କାଟି ବସିବ ତାକୁ ବା ଜଗିବ କିଏ ଓ କାହିଁକି? ସହର ଗାଁ ଛାଡ଼ି ଚାଲିଯିବା ସମସ୍ୟାର ସମାଧାନ ନୁହେଁ। ଏଭଳି ଘଟଣାର ପୁନରାବୃତ୍ତି ମଧ୍ୟ ଅବାଞ୍ଛନୀୟ। ଯିଏ ସମସ୍ୟା ସୃଷ୍ଟି କରୁଛି ତା' ପାଖରେ ହିଁ ସମାଧାନ ଅଛି। କିନ୍ତୁ ଏଥିପାଇଁ ଅଙ୍ଗୀକାରବଦ୍ଧତା କାହିଁ?

# ଓଡ଼ିଶାରେ ଶୀତଳଭଣ୍ଡାର: ସମସ୍ୟା ଓ ସମ୍ଭାବନା

ବିଦ୍ୟାଧର ମହାରଣା

ପ୍ରଥମ ଭାଗରେ ଆମେ ଆଲୋଚନା କରିଥିଲେ ଶୀତଳଭଣ୍ଡାର ଅଭାବ ସମସ୍ୟା କିପରି ଓଡ଼ିଶାର କୃଷି ବିକାଶ ପାଇଁ ଅନ୍ତରାୟ ସୃଷ୍ଟି କରୁଛି ଏବଂ ଆଳୁ, ପିଆଜ ଓ ଅନ୍ୟାନ୍ୟ ପଚନଶୀଳ ସାମଗ୍ରୀ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳତା ବୃଦ୍ଧି ପାଉଛି। ୨୦୧୫ରେ ଆରମ୍ଭ କରାଯାଇଥିବା ଆଳୁ ମିଶନ୍ ଅସଫଳ ହେବାର ଅନ୍ୟ ଏକ ମୁଖ୍ୟ କାରଣ ହେଉଛି ଶୀତଳଭଣ୍ଡାର ଅଭାବ, ଯାହାକି ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏବେ ରାଜ୍ୟରେ ୩୬ଟି ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ରହିଛି। ଅପରପକ୍ଷରେ ଡେରାସ, ଏରସମା ଓ ରଙ୍ଗେଇଲୁଣ୍ଡାଠାରେ ଥିବା ଶୀତଳଭଣ୍ଡାର ଖାଲିପଡ଼ିଛି। ପର୍ଯ୍ୟାପ୍ତ ଶୀତଳୀକରଣ ଅଭାବରୁ ପଚନଶୀଳ ସାମଗ୍ରୀର ଅତିକମ୍‌ରେ ୩୦% ଅପଚୟ ହେଉଛି।

ଏବେ ଆମ ରାଜ୍ୟରେ ଶୀତଳଭଣ୍ଡାର ଅଭାବ ପଛରେ ଥିବା କାରଣ ଓ ସମସ୍ୟାଗୁଡ଼ିକ ବିଷୟରେ ଆଲୋଚନା କରିବା। ପ୍ରଥମ ସମସ୍ୟା ହେଉଛି ଶୀତଳଭଣ୍ଡାରଗୁଡ଼ିକର ଅତ୍ୟଧିକ ପରିଚାଳନା ଖର୍ଚ୍ଚ। ୫୦୦୦ ଟନ୍ କ୍ଷମତାବିଶିଷ୍ଟ ଶୀତଳଭଣ୍ଡାର ପାଇଁ ଜମିର ମୂଲ୍ୟ ବ୍ୟତୀତ ଖର୍ଚ୍ଚ ଟନ୍ ପ୍ରତି ୭୦୦୦ ଟଙ୍କା ହିସାବରେ ୩.୫ କୋଟି ଟଙ୍କା ହେବ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୫୦% ରିହାତି ମିଳିଲେ ମଧ୍ୟ ଅବଶିଷ୍ଟ ପୁଞ୍ଜିନିବେଶ ବ୍ୟକ୍ତିଗତ ସ୍ତରରେ କଷ୍ଟସାଧ୍ୟ। ଏଥିସହିତ ବିଦ୍ୟୁତ ଓ ପରିଚାଳନା ଖର୍ଚ୍ଚ ଅଲଗା। ଏହି ବିପୁଳ ଖର୍ଚ୍ଚକୁ ଚାଷୀମାନେ ବହନ କରିବାକୁ ଅମଙ୍ଗ ହେବା ସ୍ୱାଭାବିକ। ଦ୍ୱିତୀୟରେ ଘରୋଇ ଶୀତଳଭଣ୍ଡାରଗୁଡ଼ିକ ବର୍ଷସାରା ପନିପରିବା ସାଇତି ନରଖି କେବଳ ୪-୫ ମାସ ଆଳୁ ରଖିବା ଫଳରେ ଏବଂ ଅଧିକ ବିଦ୍ୟୁତଖର୍ଚ୍ଚ ଯୋଗୁଁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଖର୍ଚ୍ଚ ଭରଣା କରିବାକୁ କେତେକ ତେନ୍ତୁଳି ମଞ୍ଜି ଇତ୍ୟାଦି ଜଙ୍ଗଲଜାତ ଦ୍ରବ୍ୟ ରଖିବାକୁ ବାଧ୍ୟ ହେଉଛନ୍ତି।

ତୃତୀୟ ସମସ୍ୟା ହେଲା, ରାଜ୍ୟର ପନିପରିବା, ଫଳ ଓ ଅଣ୍ଡା ଇତ୍ୟାଦି ଉତ୍ପାଦନ ସ୍ଥଳ ଓ ଶୀତଳଭଣ୍ଡାର ସ୍ଥଳ ମଧ୍ୟରେ ସମନ୍ୱୟର ଅଭାବ। ବର୍ତ୍ତମାନ ସମ୍ବଲପୁର ଜିଲ୍ଲାରେ ୬, କଟକ ଜିଲ୍ଲାରେ ୩, ଖୋର୍ଦ୍ଧା ଜିଲ୍ଲାରେ ୫, କୋରାପୁଟ ଜିଲ୍ଲାରେ ୩, ବାଲେଶ୍ୱର, ବଲାଙ୍ଗୀର, ମୟୂରଭଞ୍ଜ ଓ ପୁରୀରେ ୨ଟି ଲେଖାଏଁ ଏବଂ ଅନୁଗୁଳ, ବରଗଡ଼, ଭଦ୍ରକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏ ଲେଖାଏଁ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ। ଅନ୍ୟ ୧୧ ଟି ଜିଲ୍ଲାରେ ଶୀତଳଭଣ୍ଡାର ଆଦୌ ନାହିଁ। ଏହାର ଅର୍ଥ ହେଲା ଉତ୍ପାଦନ କ୍ଷେତ୍ର ଅନୁସାରେ ରାଜ୍ୟରେ ଶୀତଳଭଣ୍ଡାର ସ୍ଥାପନ ହୋଇନାହିଁ। ରାଜ୍ୟରେ ଯେଉଁ ଅଞ୍ଚଳରେ ଆଳୁ ଓ ପନିପରିବା ଅଧିକ ଉତ୍ପାଦନ ହୁଏ ସେଇଠି ଶୀତଳ ଭଣ୍ଡାର ଅଧିକ ଆବଶ୍ୟକ। ଆମେ ଦେଖିଛୁ ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଇନ୍ଦୋର ଅଞ୍ଚଳରେ ଫସଲ କ୍ଷେତ୍ର ନିକଟରେ ଶୀତଳଭଣ୍ଡାର ନିର୍ମାଣ କରାଯାଇଛି। ଏହାଫଳରେ ବର୍ଷସାରା ଶୀତଳଭଣ୍ଡାରଗୁଡ଼ିକ କାର୍ଯ୍ୟକରୁଛି ଏବଂ ପରିବହନ ଖର୍ଚ୍ଚ କମ୍ ହେଉଛି। ଆମ ରାଜ୍ୟରେ କିନ୍ତୁ ବାସ୍ତବ ଚିତ୍ର ଅଲଗା।

ଭାରତ ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରାଳୟ ଦେଶରେ ୩୯୪ ଶୀତଳୀକରଣ ପ୍ରକଳ୍ପ ପାଇଁ ସହାୟତା ଦେଇଥିଲେ ମଧ୍ୟ ଓଡ଼ିଶାକୁ କଟକ, ବାଲେଶ୍ୱର, ଖୋର୍ଦ୍ଧା, ସମ୍ବଲପୁର ଓ ବଲାଙ୍ଗିର ପାଇଁ ମାତ୍ର ୮ ଗୋଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି ଏବଂ ଏଥିରୁ ଏଯାଏଁ ୪ଟି ନିର୍ମାଣ ହୋଇସାରିଛି। ଏପରି ଭୌଗୋଳିକ ଦୂରତ୍ୱ ଯୋଗୁଁ ଚାଷୀମାନେ ଶୀତଳଭଣ୍ଡାରରେ ନିଜର ଉତ୍ପାଦ ସାଇତିବା ପାଇଁ ବହୁ ଦୂରକୁ ଯିବାକୁ ହେବ। ଏପରିକି ଚାଷୀମାନେ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଉତ୍ତରପ୍ରଦେଶରେ ୨୪୮୮, ଗୁଜରାଟରେ ୧୦୨୩, ପଞ୍ଜାବରେ ୭୭୦, ମହାରାଷ୍ଟ୍ରରେ ୬୬୫, ପଶ୍ଚିମବଙ୍ଗରେ ୫୧୭ ଓ ବିହାରରେ ୩୧୬ ଶୀତଳ ଭଣ୍ଡାର ଥିବା ବେଳେ ଓଡ଼ିଶାରେ ମାତ୍ର ୩୬ଟି ରହିଛି। କାର୍ଯ୍ୟକ୍ଷମ ଥିବା ୩୬ ଶୀତଳଭଣ୍ଡାରରେ ପ୍ରାୟ ୧୭୨୦୦୦ ଟନ୍ ଆଳୁ ସାଇତି ରଖିହେବ।

ଚତୁର୍ଥ ସମସ୍ୟା ହେଉଛି ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିବା ଯୋଗୁଁ ଶୀତଳଭଣ୍ଡାର କ୍ଷତିଗ୍ରସ୍ତ ହୁଏ। ଆବଶ୍ୟକ ଜେନେରେଟର ନଥିଲେ ବହୁ ଅସୁବିଧା ଲାଗିରହେ। ଶେଷ ସମସ୍ୟାଟି ହେଉଛି ସଚେତନତା ଏବଂ ସରକାରୀ ସହଯୋଗ ଅଭାବରୁ ବହୁ ଘରୋଇ ଉଦ୍ୟୋଗୀ ଶୀତଳଭଣ୍ଡାର ପାଇଁ ଆଉ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ ବଢୁଥିବାରୁ ସେମାନେ ଅଧିକ ବିଦ୍ୟୁତ୍ ରିହାତି ପାଇଁ ଦାବି କରୁଛନ୍ତି।

ବର୍ତ୍ତମାନ ଆଲୋଚନା କରିବା ସମ୍ଭାବନାର ବିଭିନ୍ନ ଦିଗ ଉପରେ। ରାଜ୍ୟ ସରକାର ଇତିମଧ୍ୟରେ ରାଜ୍ୟର ଶୀତଳଭଣ୍ଡାର ଅଭାବ ପୂରଣ ପାଇଁ ୨୫୨ କୋଟି ଟଙ୍କାର ବ୍ୟୟ ଅଟକଳ ସହିତ ଏକ ନୂତନ ନୀତି ପ୍ରଣୟନ କରିଛନ୍ତି। ଏହାଦ୍ୱାରା ଆଗାମୀ ୫ ବର୍ଷରେ ୫୮ ଶୀତଳଭଣ୍ଡାର ପ୍ରତି ସବଡିଭିଜନରେ ସ୍ଥାପନ କରାଯିବ। ରାଜ୍ୟର କୃଷକ ତଥା ଉଦ୍ୟୋଗୀମାନେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ଋଣ ଓ ରିହାତି ପାଇବାର ବ୍ୟବସ୍ଥା କରିଛନ୍ତି। ଉଦ୍ୟୋଗୀ ଗୋଟିଏ ୫୦୦୦ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ପାଇଁ ଜମିମୂଲ୍ୟ ବ୍ୟତୀତ ୫.୮୫ କୋଟି ଟଙ୍କା ବ୍ୟୟ କରିବେ। ୧୦୦୦ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ପାଇଁ ପ୍ରାୟ ୨.୭୫ କୋଟି ଟଙ୍କା ଆବଶ୍ୟକ। ଏଥିପାଇଁ ସେମାନେ ପ୍ରକଳ୍ପ ଉପରେ ବ୍ୟାଙ୍କ ଋଣ ନେଇପାରିବେ। ସାଧାରଣ ବର୍ଗ ୬ କୋଟି ସ୍ଥାୟୀ ଖର୍ଚ୍ଚ ପର୍ଯ୍ୟନ୍ତ ୫୦% ରିହାତି ଏବଂ ମହିଳା ଓ ଅନୁସୂଚିତ ବର୍ଗ ୬.୫ କୋଟି ସ୍ଥାୟୀ ଖର୍ଚ୍ଚ ପର୍ଯ୍ୟନ୍ତ ୬୦% ରିହାତି ପାଇପାରିବେ। ଶୀତଳଭଣ୍ଡାର ପାଇଁ ୧୨୦ କିଲୋୱାଟ୍ ବିଦ୍ୟୁତ ଶକ୍ତି ବାବଦରେ ଯାହା ଖର୍ଚ୍ଚ ହେବ ତାହାର ୫୦% ତାରିଫ ସାତବର୍ଷ ପର୍ଯ୍ୟନ୍ତ ଦେବେ। କୃଷି ଉଦ୍ୟୋଗୀ ଶୀତଳଭଣ୍ଡାର ସ୍ଥାପନ ପାଇଁ ବ୍ୟାଙ୍କଋଣ ନେଲେ ସୁଧ ଉପରେ ୬% ଛାଡ଼। ଦୁଇ କୋଟି ଋଣ ପର୍ଯ୍ୟନ୍ତ କେନ୍ଦ୍ରୀୟ କୃଷି ଭିତ୍ତିଭୂମି ପାଣ୍ଠିରୁ ଏବଂ ରାଜ୍ୟ ସରକାରଙ୍କଠାରୁ ମିଳିବାର ବ୍ୟବସ୍ଥା ରହିଛି। ଅଚଳାବସ୍ଥାରେ ଥିବା ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ପାଇଁ ୧.୫ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା ବ୍ୟବସ୍ଥା ମଧ୍ୟ ରହୁଛି। ରାଷ୍ଟ୍ରୀୟ ଉଦ୍ୟାନ ବୋର୍ଡ ମଧ୍ୟ ୫୦୦୦-୧୦୦୦୦ ଟନ୍ ବିଶିଷ୍ଟ ଶୀତଳଭଣ୍ଡାର ପାଇଁ ବ୍ୟାଙ୍କ୍ ଋଣ ଉପରେ ୩୫-୫୦% ରିହାତି ଦେଉଛନ୍ତି।

ବହୁମୁଖୀ ଶୀତଳଭଣ୍ଡାରଗୁଡ଼ିକରେ ପନିପରିବା ହିସାବରେ ଆଳୁ, କୋବି, ପିଆଜ, କାକୁଡି, ଟମାଟୋ, ତରଭୁଜ, ଛତୁ; ଫଳ ହିସାବରେ ଆମ୍ବ, କମଳା, ଡାଳିମ୍ବ; ଦୁଗ୍ଧ ଜାତ ଦ୍ରବ୍ୟ ହିସାବରେ କ୍ଷୀର, ଛେନା, ଦହି ଓ ଆଇସ୍‌କ୍ରିମ ଏବଂ ମାଛ, ମାଂସ, ଅଣ୍ଡା ଇତ୍ୟାଦି ରଖାଯାଇପାରିବ। ଏଥିପାଇଁ ତାପମାନ ୨୫ ଡିଗ୍ରୀରୁ ବିୟୁକ୍ତ ୨୫ ଡିଗ୍ରୀ ସେଲସିୟସ ନିୟନ୍ତ୍ରଣ କରିବାକୁ ହେବ। ଏପରି ବହୁମୁଖୀ ଶୀତଳଭଣ୍ଡାର ବର୍ଷସାରା କାର୍ଯ୍ୟକ୍ଷମ ରହିବ। କିନ୍ତୁ କେବଳ ଆଳୁ ସାଇତା ପାଇଁ ନିର୍ମିତ ଶୀତଳଭଣ୍ଡାର ବର୍ଷରେ ମାତ୍ର ୪-୫ ମାସ କାର୍ଯ୍ୟକ୍ଷମ ରହୁଥିବାରୁ ଏହା ଗ୍ରହଣୀୟ ନୁହେଁ।

ଆଳୁ ଓ ପନିପରିବା ଚାଷ ସହିତ ଶୀତଳଭଣ୍ଡାରଗୁଡ଼ିକର ସମନ୍ୱୟ ରହିବା ଜରୁରୀ। ଆମ ରାଜ୍ୟରେ କନ୍ଧମାଳ, ସୁନ୍ଦରଗଡ଼, କୋରାପୁଟ, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାରେ ପ୍ରାୟ ୧୨, ୪୪୪ ହେକ୍ଟର ଜମିରେ ଆଳୁ ଚାଷ ହୋଇ ୨୬୩୦୦୦ ଟନ୍ ଅମଳ ହୁଏ। ଅନୁଗୁଳ, ବଲାଙ୍ଗୀର, କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲ୍ଲାରେ ୩୬୨୦୦ ହେକ୍ଟର ଜମିରୁ ପ୍ରାୟ ୪.୧୯ ଲକ୍ଷ ଟନ୍ ପିଆଜ ଅମଳ ହୁଏ। ଅନୁଗୁଳ, ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରାୟ ୭.୬୫ ଲକ୍ଷ ହେକ୍ଟର ଜମିରେ ପନିପରିବା ଚାଷ ହୋଇ ୧୦୮.୮୪ ଟନ୍ ଅମଳ ହୁଏ। ଉପକୂଳ ଜିଲ୍ଲାମାନଙ୍କରେ କ୍ଷୀର, ଅଣ୍ଡା ଓ ମାଛ ଉତ୍ପାଦନ ବେଶୀ ହୁଏ। ସୁତରାଂ ଉକ୍ତ ଜିଲ୍ଲାଗୁଡ଼ିକରେ ସମ୍ପୃକ୍ତ ଉତ୍ପାଦକୁ ବିଚାର କରି ଶୀତଳଭଣ୍ଡାର ସ୍ଥାପନ କରାଯିବା ଆବଶ୍ୟକ।

ପ୍ରତି ଜିଲ୍ଲା ପାଇଁ ଗୋଟିଏ ଉତ୍ପାଦ କଥା ସରକାର ଚିନ୍ତା କରୁଛନ୍ତି। ଶୀତଳଭଣ୍ଡାର ନିକଟରୁ ସହରାଞ୍ଚଳଗୁଡ଼ିକୁ ଏହିସବୁ ଦ୍ରବ୍ୟ ଯୋଗାଣ ପାଇଁ ଶୀତଳୀକରଣ ଶୃଙ୍ଖଳ ବ୍ୟବସ୍ଥା କରାଯିବା ମଧ୍ୟ ଜରୁରୀ। ପଞ୍ଚାୟତ ସ୍ତରରେ କ୍ଷୁଦ୍ର ସୌରଶକ୍ତି ଚାଳିତ ଶୀତଳଭଣ୍ଡାର କରି ଏକୀଭୂତ ଶୀତଳୀକରଣ ଶୃଙ୍ଖଳ ମାଧ୍ୟମରେ ବିଭିନ୍ନ ଜାଗାକୁ ପରିବହନ କରାଯାଇ ପାରିବ। ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ୫ ଟନ୍ କ୍ଷମତା ବିଶିଷ୍ଟ ମିନି ଶୀତଳଭଣ୍ଡାର ପ୍ରାୟ ୭.୯୦ ଲକ୍ଷ ଟଙ୍କାରେ ଏବଂ ୧ ଟନ୍ କ୍ଷମତା ବିଶିଷ୍ଟ ସୌରଶକ୍ତି ସମ୍ପନ୍ନ ଶୀତଳଭଣ୍ଡାର ୧.୨୫ ଲକ୍ଷ ଟଙ୍କାରେ ହୋଇପାରିବ। ଆମ ରାଜ୍ୟର ଅନ୍ୟୂନ ୩୦୦୦ ପଞ୍ଚାୟତରେ ଏପରି ମିନି ଶୀତଳଭଣ୍ଡାର ସ୍ଥାପନ କରାଗଲେ ଏଗୁଡ଼ିକୁ ବ୍ଲକସ୍ତରୀୟ ଶୀତଳଭଣ୍ଡାର ସହିତ ଏକୀକୃତ କରାଯାଇ ପାରିବ। ରାଜ୍ୟ ସରକାର ଯେପରି ଫସଲ ବିବିଧିକରଣ ପାଇଁ ପ୍ରୋତ୍ସାହନ ଦେଉଛନ୍ତି ଏକୀକୃତ ଶୀତଳୀକରଣ ଶୃଙ୍ଖଳ କାର୍ଯ୍ୟ କରାଗଲେ ଆମ ରାଜ୍ୟ ଆଳୁ, ପିଆଜ ଓ ପନିପରିବା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିବ। (ସମାପ୍ତ)

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ପରିଣାମ ନୁହେଁ, ପ୍ରୟାସ ହିଁ ପ୍ରଶଂସାଯୋଗ୍ୟ

ମାନସ କୁମାର କର

ଚୀନର ହୁଇ ପ୍ରଦେଶର ଏକ ଭିଡିଓ ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଭିଡିଓରେ ଏକ ପରିବାର ତାଙ୍କ ପୁଅକୁ ପରୀକ୍ଷାରେ କମ୍ ନମ୍ବର ମିଳିଥିବାରୁ ଖୁସି ପାଳନ କରୁଥିବାର ଦେଖାଯାଉଛି। ଏହି ଦୃଶ୍ୟ ଆଜିର ପ୍ରତିଯୋଗିତାମୂଳକ ଦୁନିଆରେ ଏକ ଭିନ୍ନ ଦୃଷ୍ଟିକୋଣ ଉପସ୍ଥାପନ କରୁଛି, ଯେଉଁଠାରେ ପିଲାମାନଙ୍କର ଖୁସି ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରାୟତଃ ପରୀକ୍ଷା ନମ୍ବର ଆଧାରିତ ହୋଇଥାଏ। ସେତେବେଳେ ଭିଡିଓରେ ଜଣେ ମାଆ ତିନି ପିଲାଙ୍କ ସହିତ ଘରେ ପ୍ରବେଶ କରନ୍ତି, ସେମାନଙ୍କର ପରୀକ୍ଷାପତ୍ର ଧରି। ପିଲାମାନଙ୍କର ପିତା, ବୃତ୍ତିରେ ଜଣେ ଶିଶୁ ବିଶେଷଜ୍ଞ, ଖୁସିରେ ଘୋଷଣା କରନ୍ତି ଯେ ଯେତେ କମ ନମ୍ବର ଥିଲେ ମଧ୍ୟ ପିଲାଟି ପାସ୍ କରିଛି ଏବଂ ଏହା ପ୍ରକୃତ ଗର୍ବର ମୁହୂର୍ତ୍ତ।

ଶିକ୍ଷାର ମୌଳିକ ଉଦ୍ଦେଶ୍ୟ କ'ଣ, ଏହି ପ୍ରଶ୍ନ ଆଜି ପୂର୍ବ ଅପେକ୍ଷା ଅଧିକ ପ୍ରାସଙ୍ଗିକ। ଶିକ୍ଷା କେବଳ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତାର ଏକ ମାଧ୍ୟମ ନା ଏକ ସୁଦୃଢ଼, ସମ୍ବେଦନଶୀଳ ଏବଂ ଆତ୍ମବିଶ୍ୱାସୀ ବ୍ୟକ୍ତିତ୍ୱ ଗଠନର ଏକ ମାଧ୍ୟମ? ଯେତେବେଳେ ଆମେ ସଚ୍ଚୋଟ ଭାବରେ ଏହି ପ୍ରଶ୍ନର ଉତ୍ତର ଦେଉଛୁ, ସେତେବେଳେ ଆମର ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାର ମୌଳିକ ତ୍ରୁଟିଗୁଡ଼ିକ ସ୍ପଷ୍ଟ ହୋଇଯାଏ ଯେ ଆମେ ଶିକ୍ଷାକୁ ଏକ ଯାନ୍ତ୍ରିକ ପ୍ରକ୍ରିୟାରେ ପରିଣତ କରିଦେଇଛୁ, ଯେଉଁଠାରେ ପିଲାମାନେ କେବଳ ମାର୍କ ତିଆରି ମେସିନ୍ ପାଲଟିଛନ୍ତି। ଭାରତ ସମେତ ବିଶ୍ୱର ଅନେକ ଦେଶରେ ଶିକ୍ଷାଗତ ଉତ୍କର୍ଷତା ସଫଳତାର ଏକମାତ୍ର ମାପକାଠି ପାଲଟିଛି। ପିତାମାତାମାନେ ପିଲାମାନଙ୍କୁ ସେମାନଙ୍କର ଅପୂର୍ଣ୍ଣ ସ୍ୱପ୍ନର ଭାର ଦେଇ ଚାପ ଦିଅନ୍ତି ଏବଂ ସାମାଜିକ ଆଶାର ଚାପ ଏତେ ଭାରୀ ହୋଇଯାଏ ଯେ ପିଲାମାନେ ଏହା ତଳେ ପଡ଼ିଯାଆନ୍ତି। ପରୀକ୍ଷା ଫଳାଫଳ ଦିନ ଯେଉଁ ଚାପ ଏବଂ ଭୟର ବାତାବରଣ ଦେଖାଯାଏ ତାହା ଏକ ଯୁଦ୍ଧକ୍ଷେତ୍ରଠାରୁ କମ୍ ନୁହେଁ।

ଅନେକ ପରିବାରରେ ପିଲାମାନଙ୍କୁ ପଡ଼ୋଶୀ ଏବଂ ସମ୍ପର୍କୀୟଙ୍କ ତୁଳନାରେ କମ୍ ନମ୍ବର ପାଇଁ ଅପମାନିତ କରାଯାଏ। କେତେକ ସମୟରେ ଶାରୀରିକ ଭାବରେ ଦଣ୍ଡ ମଧ୍ୟ ଦିଆଯାଏ। ଏହି ପ୍ରକ୍ରିୟାରେ ଆମେ ଭୁଲିଯାଉଛୁ ଯେ ଆମେ ଏକ ସମ୍ବେଦନଶୀଳ ମନକୁ ଭାଙ୍ଗି ଦେଉଛୁ, ଯାହାର ଦୀର୍ଘକାଳୀନ ପରିଣାମ ବିନାଶକାରୀ ହୋଇପାରେ। ମନୋବିଜ୍ଞାନଗତ ଗବେଷଣା ନିରନ୍ତର ଭାବରେ ଦର୍ଶାଉଛି ଯେ ଅତ୍ୟଧିକ ଶିକ୍ଷାଗତ ଚାପ ପିଲାମାନଙ୍କ ମଧ୍ୟରେ ଚିନ୍ତା, ଅବସାଦ ଏବଂ କମ ଆତ୍ମସମ୍ମାନର କାରଣ ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ସୂଚିତ କରୁଛି ଯେ ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଛି ଏବଂ ଶିକ୍ଷାଗତ ଚାପ ଏକ ପ୍ରମୁଖ କାରଣ। ଯେତେବେଳେ ପିଲାମାନେ ଅନୁଭବ କରନ୍ତି ଯେ ସେମାନଙ୍କ ପିତାମାତାଙ୍କ ପ୍ରେମ ସର୍ତ୍ତମୂଳକ, ଯେ ସେମାନେ ଭଲ ନମ୍ବର ପାଇଲେ ହିଁ ଅନୁମୋଦନ ପାଇବେ, ସେମାନଙ୍କର ଆତ୍ମବିଶ୍ୱାସ ଗଭୀର ଭାବରେ କ୍ଷତିଗ୍ରସ୍ତ ହୁଏ। ଏହି କ୍ଷତି ଜୀବନବ୍ୟାପୀ ରହିଥାଏ ଏବଂ ସେମାନଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନକୁ ପ୍ରଭାବିତ କରେ।

ଆମର ଶିକ୍ଷା ବ୍ୟବସ୍ଥାର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ଏହା ସମାନତାକୁ ପ୍ରୋତ୍ସାହିତ କରେ, ଯେତେବେଳେ ପ୍ରକୃତି ବିବିଧତାରେ ବିଶ୍ୱାସ କରେ। ହାୱାର୍ଡ ଗାର୍ଡନରଙ୍କ ବହୁବିଧ ବୁଦ୍ଧିମତ୍ତାର ତତ୍ତ୍ୱ ଅନୁସାରେ ବୁଦ୍ଧିମତ୍ତା ଅନେକ ରୂପରେ ଆସିଥାଏ। ଭାଷାଗତ, ତାର୍କିକ, ଗାଣିତିକ, ସ୍ଥାନିକ, ଶାରୀରିକ-ଗତିଗତ, ଆନ୍ତର୍ବ୍ୟକ୍ତିଗତ ଏବଂ ଆନ୍ତଃବ୍ୟକ୍ତିଗତ ବୁଦ୍ଧିମତ୍ତା ସବୁ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଆମେ ଆମର ପିଲାମାନଙ୍କର ସଫଳତାକୁ ଅନ୍ୟମାନଙ୍କ ସହିତ ତୁଳନା କରିବାରେ ବ୍ୟସ୍ତ। ଏହା କେବଳ ପିଲାମାନଙ୍କ ମଧ୍ୟରେ ହୀନମନ୍ୟତାର ଭାବନା ସୃଷ୍ଟି କରେ ନାହିଁ, ବରଂ ସେମାନଙ୍କୁ ଏହି ବାର୍ତ୍ତା ମଧ୍ୟ ପଠାଏ ଯେ ସେମାନଙ୍କର ନିଜସ୍ୱ ପରିଚୟ ଗୁରୁତ୍ୱପୂର୍ଣ୍ଣ ନୁହେଁ; କେବଳ ଅନ୍ୟମାନଙ୍କ ଅପେକ୍ଷା ଭଲ ହେବା ଗୁରୁତ୍ୱପୂର୍ଣ୍ଣ। ଏହି ମାନସିକତା ଅସୁସ୍ଥ ଏବଂ ଜୀବନସାରା ପିଲାମାନଙ୍କୁ ପ୍ରଭାବିତ କରେ।

ଆମର ଶିକ୍ଷା ବ୍ୟବସ୍ଥା କେବଳ ପ୍ରଥମ ଦୁଇ ପ୍ରକାରର ବୁଦ୍ଧିମତ୍ତାକୁ ଚିହ୍ନିଥାଏ, ଯେତେବେଳେ ଅନ୍ୟ ପ୍ରତିଭାକୁ ଅଣଦେଖା କରିଥାଏ। ଏହି ବ୍ୟବସ୍ଥାରେ ଜଣେ ପ୍ରତିଭାବାନ କଳାକାର, ଖେଳାଳି କିମ୍ବା ସଂଗୀତଜ୍ଞ କେବଳ ଗଣିତରେ କମ୍ ନମ୍ବର ରଖିଥିବା ଯୋଗୁଁ ବିଫଳ ଭାବେ ଚିତ୍ରିତ ହୋଇପାରନ୍ତି। ଏହା କେବଳ ଅନ୍ୟାୟ ନୁହେଁ ବରଂ ସମାଜ ପାଇଁ କ୍ଷତିକାରକ। କାରଣ ଆମେ ଅଗଣିତ ପ୍ରତିଭାକୁ ନଷ୍ଟ କରୁ। ଶିଶୁମାନଙ୍କ ଉପରେ ଏହି ଚାପର ଆଉ ଏକ ଦିଗ ହେଉଛି ସାମାଜିକ ତୁଳନା। ସାମାଜିକ ଗଣମାଧ୍ୟମ ଯୁଗରେ ଏହି ସମସ୍ୟା ଆହୁରି ଗମ୍ଭୀର ହୋଇଛି। ଯେଉଁ ପିତାମାତାମାନେ ସେମାନଙ୍କ ପିଲାମାନଙ୍କର ସଫଳତା ପ୍ରଦର୍ଶନ କରୁଛନ୍ତି ସେମାନେ ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ସେମାନେ ସେମାନଙ୍କ ପିଲାମାନଙ୍କର ଶୈକ୍ଷିକ ସଫଳତା ସହିତ ନିଜର ଦୋଷ ପୂରଣ କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ। ପିଲାମାନଙ୍କୁ ଉତ୍ସାହିତ କରିବା, ଚିହ୍ନିବା ଏବଂ ସମର୍ଥନ କରିବା ଯେକୌଣସି ମହଙ୍ଗା ପ୍ରଶିକ୍ଷଣ ଅପେକ୍ଷା ଅଧିକ ମୂଲ୍ୟବାନ। ଯେତେବେଳେ ପିଲାମାନେ ଅନୁଭବ କରନ୍ତି ଯେ ସେମାନଙ୍କ ପିତାମାତା କେବଳ ଫଳାଫଳ ନୁହେଁ, ସେମାନଙ୍କ ପ୍ରୟାସକୁ ମୂଲ୍ୟ ଦିଅନ୍ତି, ସେମାନେ କଠିନ ପରିଶ୍ରମ କରନ୍ତି ଏବଂ ଭଲ ପ୍ରଦର୍ଶନ କରନ୍ତି।

ଯେତେବେଳେ ପିଲାମାନେ ଖୁସି ଏବଂ ଆତ୍ମବିଶ୍ୱାସୀ ହୁଅନ୍ତି ସ୍ୱାଭାବିକ ଭାବରେ ଭଲ ପ୍ରଦର୍ଶନ କରନ୍ତି। ଖୁସି ହେଉଛି ସଫଳତାର ମୂଳଦୁଆ, ଏହାର ଫଳାଫଳ ନୁହେଁ। ଆମକୁ ବୁଝିବାକୁ ପଡ଼ିବ ଯେ ମାର୍କସିଟରେ ମୁଦ୍ରିତ ନମ୍ବର ପିଲାର ସମ୍ଭାବନା କିମ୍ବା ଭବିଷ୍ୟତ ନିର୍ଣ୍ଣୟ କରେ ନାହିଁ। ପ୍ରକୃତ ସଫଳତା ଭାବପ୍ରବଣ ସନ୍ତୁଳନ, ସାମାଜିକ ଦକ୍ଷତା, ନୈତିକ ମୂଲ୍ୟବୋଧ ଏବଂ ଆତ୍ମବିଶ୍ୱାସରେ ରହିଛି।

କୋଣାର୍କ, ମୋ: ୭୩୮୧୩୮୨୨୧୦

## ଆମ ବୃକ୍ଷଲତା ଆମ ଜୀବନ

### ମୁଥା ଘାସ

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ମୁଥା ହେଉଛି ଦକ୍ଷିଣ ଏସିଆ, ଆଫ୍ରିକା, ଦକ୍ଷିଣ ଏବଂ ମଧ୍ୟ ୟୁରୋପ (ଫ୍ରାନ୍ସ ଓ ଅଷ୍ଟ୍ରିଆର ଉତ୍ତର) ରେ ବଢୁଥିବା ଏକ ଛୋଟ ଘାସ। ମୁଥା ଏକ ଆକ୍ରମଣାତ୍ମକ ଘାସ, କିନ୍ତୁ ପାରମ୍ପରିକ ଔଷଧରେ ଏକ ଶକ୍ତିଶାଳୀ ଉଦ୍ଭିଦ ଭାବରେ ବିବେଚିତ।

ମୁଥା ଏକ ବହୁବର୍ଷୀୟ ଘାସ, ଯାହା ୭-୪୦ ସେମି ପର୍ଯ୍ୟନ୍ତ ଲମ୍ବ ହୋଇଥାଏ। ଏହାର କାଣ୍ଡ ଭୂତଳେ ସମାନ୍ତରାଳ ଭାବରେ ପ୍ରସାରିତ ହୁଏ, ଯାହାକୁ ରାଇଜମ୍ କୁହାଯାଇଥାଏ। କାଣ୍ଡର ଗଣ୍ଠିରୁ ଭୂତଳେ ବଲବ୍ ଆକାରର ସୁଗନ୍ଧିତ କନ୍ଦ ସୃଷ୍ଟି ହେବା ବେଳେ ଊର୍ଦ୍ଧ୍ୱ ମୁଖ ହୋଇ ଭୂପୃଷ୍ଠ ଆଡ଼କୁ ପତ୍ର ବଢ଼େ। କନ୍ଦରୁ ସରୁ ସରୁ ସୂତା ଖିଅ ଭଳି ଚେର ସୃଷ୍ଟି ହୁଏ। ପତ୍ରଗୁଡ଼ିକ ରେଖୀୟ, ଗଛର ମୂଳରୁ ଉତ୍ପନ୍ନ ହୁଏ, ପ୍ରାୟ ୫-୨୦ ସେମି ଲମ୍ବ। ଏକ ଲମ୍ବା ଡେମ୍ଫର ଶୀର୍ଷରେ ଫୁଲଗୁଡ଼ିକ ଧାରଣ କରିଥାଏ, ଯାହ ଦ୍ୱୈତଲିଙ୍ଗୀ ଅଟେ। ଫଳଗୁଡ଼ିକ ତ୍ରିକୋଣୀୟ।

ପ୍ରାଚୀନ ଭାରତୀୟ ଆୟୁର୍ବେଦିକ ଔଷଧ ଚରକ ସଂହିତାରେ (ପ୍ରାୟ ୧୦୦ ଖ୍ରୀଷ୍ଟାବ୍ଦ) ମୁଥା ବିଷୟରେ ଉଲ୍ଲେଖ କରାଯାଇଛି। ଏହାକୁ ପ୍ରାଚୀନ ଗ୍ରୀକ୍ ଚିକିତ୍ସକ ଥିଓଫ୍ରାଷ୍ଟସ୍, ପ୍ଲିନି ଦି ଏଲ୍ଡର୍ ଓ ଡାୟୋସ୍କୋରାଇଡ୍ସ ଔଷଧ ଓ ସୁଗନ୍ଧି ଉଭୟ ଭାବରେ ବ୍ୟବହାର କରିଥିଲେ। ପ୍ରାଥମିକ ଡିସମେନୋରିଆ ବା ଯନ୍ତ୍ରଣାଜନକ ଋତୁସ୍ରାବ ଚିକିତ୍ସା ପାଇଁ ଏହାକୁ ଚୀନ୍ ପାରମ୍ପରିକ ଔଷଧରେ ବ୍ୟବହୃତ କରାଯାଏ। ଆରବୀୟମାନେ ପାରମ୍ପରିକ ଭାବରେ ପୋଡ଼ାଜଳା ଘା' ଚିକିତ୍ସା ପାଇଁ ଏହାର କନ୍ଦ ବ୍ୟବହାର କରୁଥିବା ଜଣାଯାଏ। କନ୍ଦର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଥିବା ଜଣାଯାଏ, ଯେଉଁଥିପାଇଁ ପ୍ରାୟ ୨୦୦୦ ବର୍ଷ ପୂର୍ବେ ସୁଦାନରେ ଦାନ୍ତ କ୍ଷୟକୁ ରୋକିବା ପାଇଁ ଏହାର ବ୍ୟବହାର କରାଯାଉଥିଲା।

ଭାରତରେ ପାରମ୍ପରିକ ଭାବରେ ଏହାକୁ ମୁଣ୍ଡବିନ୍ଧା, ଋତୁସ୍ରାବ ଅନିୟମିତା, ମାଂସପେଶୀ ଓ ଯନ୍ତ୍ରଣା, ଫୁଲା, ଚର୍ମ ଜ୍ୱଳନ, ଫୋଟକା, କ୍ଷତ, କୀଟ ପତଙ୍ଗ କାମୁଡ଼ା, ଅଜୀର୍ଣ୍ଣ, ପତଳା ଝାଡ଼ା, ଅବସାଦ, ନିଦ୍ରାହୀନତା ଆଦି ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ମୁଥା ପ୍ରାକୃତିକ ଭାବରେ ହରମୋନ ସନ୍ତୁଳନ ବଜାୟ ରଖିବାରେ ଏବଂ ମାନସିକ ସନ୍ତୁଳନ ଓ ଏକାଗ୍ରତା ରକ୍ଷା କରିବାରେ ସାହାଯ୍ୟ କରେ। ଏଥିରେ କର୍କଟ ପ୍ରତିରୋଧୀ କ୍ଷମତା ମଧ୍ୟ ରହିଛି। ମୁଥା କ୍ଷତିକାରକ ଜୀବାଣୁ ଓ ସଂକ୍ରମଣ ନିରୋଧୀ। କେତେକ ସ୍ଥାନରେ ଏହା ହର୍ବାଲ୍ ଚା'ରେ ବ୍ୟବହୃତ ହୁଏ।

କନ୍ଦ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପୁଷ୍ଟିକର ଉତ୍ସ। ଏହା ଆଦିମ ଜନଜାତି ହାଣ୍ଟେର-ଗେଦରର ବା ଶିକାରୀ-ସଂଗ୍ରହକଙ୍କ ତଥା ଚାଷୀଙ୍କ ପାଇଁ ଏକ ମୁଖ୍ୟ କାର୍ବୋହାଇଡ୍ରେଟ୍ ବା ଶର୍କରା ଜାତୀୟ ଖାଦ୍ୟ ଉପାଦାନ। ଏହା ବର୍ତ୍ତମାନ ବଜାରରେ ପାଉଡର ଓ କ୍ୟାପସୁଲ୍ ଆକାରରେ ଉପଲବ୍ଧ। ମୁଥାର ରାଇଜୋମ ଓ କନ୍ଦରେ ବିଭିନ୍ନ ଜୈବିକ ସକ୍ରିୟ ଯୌଗିକ ରସାୟନ ଯେପରିକି ସେସ୍କ୍ୱିଟରପେନ୍ସ, ଫ୍ଲାଭୋନଏଡ୍ସ, ଟେର୍ପେନୋଏଡ୍ସ, କାଡାଲିନ୍, ସାଇପ୍ରୋଟିନ୍, ମୁଷ୍ଟାକୋନ୍, ରୋଟୁଣ୍ଡିନ୍, ଭାଲେନସିନ୍, କ୍ୟାମ୍ପଫେରୋଲ୍, ଲ୍ୟୁଟୋଲିନ୍, କ୍ୱେରସେଟିନ୍, ପାଚୌଲେନୋନ୍, ଆଇସୋପାଚୌଲେନୋନ୍, ସୁଜିଓନିଲ୍ ଆସେଟେଟ୍, ସେଲ୍ୟୁଲୋଜ୍ ଟ୍ରାଇଆସେଟେଟ୍, ସୁଗେବିଓଲ୍ ଓ ପଲିଫେନୋଲ୍ସ ଗଛିତ ଥାଏ।

ଦ୍ରୁତ ବୃଦ୍ଧି ଓ ତୃଣକ ତତ୍ତ୍ୱ ପାଇଁ ମୁଥାକୁ 'ବିଶ୍ୱର ସବୁଠାରୁ ଖରାପ ବା ଦୁଷ୍ଟ ଘାସ' ବୋଲି କୁହାଯାଇଥାଏ। ଏହା ବିଶ୍ୱବ୍ୟାପୀ ୫୦ ରୁ ଅଧିକ ଫସଲକୁ ଆକ୍ରମଣ କରୁଥିବା ଅଭିଯୋଗ ରହିଛି। ଚାଷଜମିରେ ଏହାକୁ ନିୟନ୍ତ୍ରଣ କରିବାରେ କଷ୍ଟ ହୁଏ, କାରଣ ଏହାର ଭୂଗର୍ଭସ୍ଥ କନ୍ଦର ଅଧିକାଂଶ ତୃଣନାଶକ ରାସାୟନିକ ପ୍ରତି ଦୃଢ଼ ପ୍ରତିରୋଧୀ। ଉଦ୍ୟାନରେ ଘାସ ଉପାଡ଼ି ଟାଣିବା ବେଳେ ସାଧାରଣତଃ ମୂଳ ଛିଣ୍ଡି ଭାଙ୍ଗିଯାଏ, କନ୍ଦ ମାଟିରେ ରହିଯାଏ, ଯେଉଁଠାରୁ ନୂତନ ଗଛ ଶୀଘ୍ର ବାହାରିଥାଏ। ହଳ କରିବା ଦ୍ୱାରା କ୍ଷେତରେ କନ୍ଦ ବିକ୍ଷିପ୍ତ ହୁଏ, ଯାହା ଆକ୍ରମଣକୁ ଆହୁରି କ୍ଷୀପ୍ର କରିଥାଏ। ଏହା ପ୍ରାୟତଃ ଅନାବନା ଜମି ଏବଂ ଫସଲ କ୍ଷେତରେ ବଢ଼ିଥାଏ। ଏହା କୌଣସି ଗଛର ଛାଇ ସହ୍ୟ କରେ ନାହିଁ। ଗ୍ଲାଇଫୋସେଟ୍, ହାଲୋସଲଫ୍ୟୁରନ୍-ମିଥାଇଲ୍ ଲନ୍, ୨, ୪-ଡାଇକ୍ଲୋରୋଫେନୋକ୍ସିଆସେଟିକ୍ ଏସିଡ୍ (୨, ୪-ଡି) ଚରା ଭୂମି ଏବଂ ମଲ୍‌ଚର ଫସଲରେ ବାରମ୍ବାର ପ୍ରୟୋଗ ଦ୍ୱାରା କିଛି କନ୍ଦ ନିୟନ୍ତ୍ରଣ ହୋଇପାରେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ ମାଟିରୁ ସବୁଠୁ...

ଏହା ଭାରତୀୟ ମହାକାଶ ବିଜ୍ଞାନୀମାନଙ୍କ ପାଇଁ ସବୁଠାରୁ ବଡ଼ ଉପଲବ୍ଧି। ଏଲଭିଏମ୍‌୩ ରକେଟ 'ବାହୁବଳୀ' ରକେଟ ରୂପେ ପରିଚିତ।

ଏହାପୂର୍ବରୁ ଇସ୍ରୋ ଚନ୍ଦ୍ରଯାନ-୩ ମିସନରେ ୩୯୦୦ କିଲୋ ଓଜନର ଉପଗ୍ରହ ମହାକାଶକୁ ପଠାଇଥିଲା। ତେବେ ମହାକାଶକୁ ପଠାଯାଇଥିବା ସବୁଠାରୁ ଓଜନିଆ ଉପଗ୍ରହ ହେଉଛି ଆମେରିକାର ଇକୋଷ୍ଟାର ୨୪ (ଜୁପିଟର-୩)। ଏହାର ଓଜନ ୯,୦୦୦ କିଲୋ ଥିଲା। ଏହା ସ୍ପେସ୍‌ଏକ୍ସ ଫାଲକନ ରକେଟ୍‌ରେ ଉତକ୍ଷେପଣ କରାଯାଇଥିଲା। ପୂର୍ବରୁ ଇସ୍ରୋ ସାଧାରଣତଃ ଓଜନିଆ ଉପଗ୍ରହ ଫ୍ରେଞ୍ଚ ଗଏନାରୁ ୟୁରୋପୀୟ ସ୍ପେସପୋର୍ଟରୁ ଉତକ୍ଷେପଣ କରିଥାଏ। ଏଥର କିନ୍ତୁ ପ୍ରଥମଥର ପାଇଁ ଇସ୍ରୋ ଭାରତ ମାଟିରୁ ୪.୪ ଟନ୍‌ର ଉପଗ୍ରହ ଲଞ୍ଚ୍ କରିଛି। ପୂର୍ବରୁ ୨୦୧୮ ଡିସେମ୍ବର ୫ରେ ଏରିଆନ- ୫ ରକେଟ୍ ଦ୍ୱାରା ଫ୍ରେଞ୍ଚ୍ ଗଏନାରୁ ୫,୮୫୪ କେଜି ଓଜନର ଜିଏସ୍‌ଏଟି-୧୧ ଲଞ୍ଚ୍ କରିଥିଲା। ଏହା ଇସ୍ରୋର ଏପର୍ଯ୍ୟନ୍ତ ସବୁଠୁ ଓଜନିଆ ଉପଗ୍ରହ ଥିଲା।

ଆଜିର ସଫଳତା ପରେ ଇସ୍ରୋ ପକ୍ଷରୁ କୁହାଯାଇଛି ଯେ ଗଗନଯାନ ଅଭିଯାନରେ ବାହୁବଳୀ ସହାୟକ ହେବ।

### ଆଜି ପ୍ରଚାରକୁ...

ନୂଆପଡ଼ା ନିର୍ବାଚନମଣ୍ଡଳୀରେ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହା କୋମନା ବ୍ଲକ ଅଞ୍ଚଳରେ ଆସୁଥିଲେ ହେଁ ନୂଆପଡ଼ା ବ୍ଲକର ସୀମାବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏଠାରେ ସମାବେଶ ଦୁଇଟି ବ୍ଲକ ଉପରେ ବ୍ୟାପକ ପ୍ରଭାବ ପକାଇବ। ସେହିପରି ନୂଆପଡ଼ା ନିର୍ବାଚନମଣ୍ଡଳୀରେ କୋମନା ବ୍ଲକରେ ସର୍ବାଧିକ ଭୋଟର ଅଛନ୍ତି। ଏପରିକି କୋମନା ବ୍ଲକରେ ଅଧିକ ସଂଖ୍ୟାରେ ଭୋଟ ପାଉଥିବା ଦଳ ନୂଆପଡ଼ାରେ ବାଜିମାତ କରୁଥିବାର ଅତୀତର ଟ୍ରାକ ରେକର୍ଡ ରହିଛି। ତେଣୁ ବିଜେଡି ନେତୃତ୍ୱ ଏଠାରେ ସଭା କରି ଦୁଇବ୍ଲକର ଭୋଟରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରିଥିବା କୁହାଯାଉଛି।

ଅପରପକ୍ଷେ ସ୍ଥାନୀୟ ଲୋକଙ୍କ ମତ ଅନୁଯାୟୀ ନୂଆପଡ଼ାରେ ପ୍ରଚାରରେ ବିଜେଡି ଆଗୁଆ ରହିଛି। ସ୍ଥାନୀୟ ନେତାଙ୍କ ମତାମତ ଆଧାରରେ ଦଳ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ତଦନୁଯାୟୀ ପ୍ରଚାରକୁ କ୍ରିୟାଶୀଳ କରାଯାଉଛି। ଛୋଟ ଛୋଟ ସଭା ଏବଂ ଘରକୁ ଘର କ୍ୟାମ୍ପେନକୁ ବିଜେଡି ଗୁରୁତ୍ୱ ଦେଉଥିବା ବେଳେ ନବୀନଙ୍କ ପ୍ରଚାର ବିଜେଡିକୁ ଏହି ଦୁଇବ୍ଲକରେ ଆହୁରି ମଜବୁତ୍ କରିବ। ଆସନ୍ତାକାଲି ବିଜେଡିର ସଭା ଉପନିର୍ବାଚନର ଫଳାଫଳ ନେଇ ନିଶ୍ଚିତଭାବେ ଏକ ପୂର୍ବାଭାଷ ପ୍ରଦାନ କରିବ ବୋଲି ମତ ଦେଇଛନ୍ତି ସ୍ଥାନୀୟ ରାଜନୈତିକ ସମୀକ୍ଷକ।

### କ୍ରାଇମ୍‌ବ୍ରାଞ୍ଚ୍‌କୁ ଧରାପକାଇ...

କର୍ମଚାରୀ ତା ଲିଙ୍କ୍‌ରେ ରହି ଏଥିରେ ସହଯୋଗ କରୁଥିଲେ? ଏହି ମାମଲାରେ ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ ମୁନ୍ନା ମହାନ୍ତିକୁ ସେ କିପରି ଆଉ କେବେ ଠାରୁ ଜାଣିଛି? ବୋଲି ବିଭିନ୍ନ ପ୍ରଶ୍ନ କରାଯାଇଥିଲା। କିଛି ପ୍ରଶ୍ନର ସେ ଉତ୍ତର ଦେଇଥିଲା ଓ କିଛି ପ୍ରଶ୍ନର ଉତ୍ତର ଦେବାକୁ ମନା କରିଥିଲା। ତେବେ ପୁଲିସ ଜେରା ସମୟରେ ତାର ଅନେକ କଥା ପରସ୍ପର ବିରୋଧୀ ରହିଥିଲା। ଏହାପରେ କ୍ରାଇମ୍‌ବ୍ରାଞ୍ଚ ମୁନ୍ନା ଏବଂ ଶଙ୍କରଙ୍କୁ ମୁହାଁମୁହିଁ ଜେରା କରିଥିଲା। ତେବେ ଉଭୟଙ୍କୁ ଜେରା ସମୟରେ କେଉଁ ପ୍ରଶ୍ନ କରାଯାଇଥିଲା ତାହା ସ୍ପଷ୍ଟ ହୋଇନାହିଁ। ସେହିଭଳି ଲୋକନାଥ ଓ ସୌମ୍ୟା ପ୍ରିୟଦର୍ଶନୀଙ୍କୁ ମଧ୍ୟ ପଚରାଉଚରା କରାଯାଇଥିବା ଖବର ମିଳିଛି।

ମୁନ୍ନା ମହାନ୍ତି, ସୌମ୍ୟା ପ୍ରିୟଦର୍ଶନୀ ଓ ଲୋକନାଥଙ୍କୁ କ୍ରାଇମବ୍ରାଞ୍ଚ ଶନିବାର ଠାରୁ ରିମାଣ୍ଡରେ ଆଣିଛି। ଆସନ୍ତାକାଲି ଶଙ୍କରକୁ ଗଞ୍ଜାମ ନିଆଯିବ ଓ କୋର୍ଟରେ ହାଜର କରି ରିମାଣ୍ଡରେ ନେବାକୁ କ୍ରାଇମବ୍ରାଞ୍ଚ ଆବେଦନ କରିବ। ଗିରଫ ବେଳେ କ୍ରାଇମ୍‌ବ୍ରାଞ୍ଚ ଶଙ୍କରଠାରୁ ଠାରୁ କିଛି କାଗଜପତ୍ର ସହ ୩ଟି ଫୋନ୍ ଜବତ କରିଛି। କାଗଜପତ୍ର ଏବଂ ଫୋନକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତନ୍ନ ତନ୍ନ କରି ଯାଞ୍ଚ କରାଯାଇଛି। ଧରା ପଡ଼ିବା ପୂର୍ବରୁ କିଛି ୱାର୍ଟସପ୍ ଚାର୍ଟକୁ ଶଙ୍କର ଡିଲିଟ୍ କରିଥିବା ସୂଚନା ମିଳିଛି। ଏଣୁ କ୍ରାଇମ୍‌ବ୍ରାଞ୍ଚ ଏହି ଫୋନ୍ ଗୁଡ଼ିକୁ ଯାଞ୍ଚ ପାଇଁ ଫରେନ୍ସିକ୍କୁ ପଠାଇବ ବୋଲି ଜଣାପଡ଼ିଛି। ପୁନଶ୍ଚ କ୍ରାଇମ୍‌ବ୍ରାଞ୍ଚ ଗତକାଲି ଶଙ୍କରକୁ ଧରିବା ବେଳେ ଏକ ଫର୍ଚୁନର୍ ଗାଡି ଜବତ କରିଥିଲା। ତେଣୁ ତାଙ୍କ ଆଉ କେଉଁ ସ୍ଥାନରେ ସମ୍ପତ୍ତି ରହିଛି ତାହାର ଏକ ତାଲିକା ପ୍ରସ୍ତୁତି କରିବାରେ ଲାଗିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ମାମଲାରେ ଶଙ୍କର ପୃଷ୍ଟିକୁ ମିଶାଇ ମୋଟ ୧୦ ଦଲାଲଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଏହି ମାମଲାରେ ପୂର୍ବରୁ ଗିରଫ ହୋଇଥିବା ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଜାମିନ ପରେ ସେମାନେ ଜେଲରୁ ମୁକୁଳି ସାରିଛନ୍ତି। କିନ୍ତୁ ୯ ଦଲାଲ ଏବେ ବି ଜେଲ ରହିଛନ୍ତି। ମୋଟ ଗିରଫଦାରୀ ସଂଖ୍ୟା ୧୨୪ରେ ପହଁଚିଛି।

### ପରଲୋକରେ ମସଲା...

ମଧୁପାଟଣା ଶିଳ୍ପାଞ୍ଚଳଠାରେ ଓମ୍ ଅୟେଲ୍ ଏଣ୍ଡ ଫ୍ଲୋର ମିଲ୍ସ ଲିମିଟେଡ୍ (ରୁଚି ଉଦ୍ୟୋଗ) ପ୍ରତିଷ୍ଠା କରିଥିଲେ। ଚଳିତବର୍ଷ ରାଜ୍ୟର ଏହି ସଫଳ ଅନୁଷ୍ଠାନ ରଥଯାତ୍ରା ଦିନ ତା'ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ କରିଥିଲା। ଶରତ ବାବୁ ଛାତ୍ର ଜୀବନରେ ଜଣେ ଭଲିବଲ୍ ଓ କବାଡ଼ି ଖେଳାଳୀ ଭାବେ ସୁନାମ ଅର୍ଜନ କରିଥିଲେ ଏବଂ ରାଜ୍ୟ କବାଡ଼ି ଦଳର କ୍ୟାପଟେନ୍ ମଧ୍ୟ ଥିଲେ। ଓଡ଼ିଶା ରାଜ୍ୟ କବାଡ଼ି ଆସୋସିଏସନ୍‌ର ସଭାପତି ଭାବେ ଏହି କ୍ରୀଡ଼ାର ବିକାଶ ପାଇଁ ସେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଓଡ଼ିଶାର ମସଲା ଶିଳ୍ପର ଜନକ ଭାବରେ ପରିଚିତ ଡ. ସାହୁ ସବୁବେଳେ ଓଡ଼ିଶାର ସ୍ୱାଭିମାନ, ରାଜ୍ୟର ଶିଳ୍ପର ପ୍ରଗତି ଓ ବିକାଶ ଏବଂ ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ନୂଆ ନୂଆ ଜ୍ଞାନକୌଶଳର ଉପଯୋଗ କରୁଥିଲେ। ରାଜ୍ୟ ସରକାରଙ୍କ ସହଯୋଗରେ ରାମଦାସପୁର ଠାରେ ନୂଆ ମସଲା ଓ ପାସ୍ତା କାରଖାନା ପ୍ରତିଷ୍ଠା କରିଥିଲେ। ରାଜ୍ୟସରକାର ଶିଳ୍ପର ବିକାଶ ପାଇଁ ତାଙ୍କୁ ପ୍ରଥମ ସ୍ୱାଭିମାନ ସମ୍ମାନରେ ସମ୍ମାନିତ କରିବା ସହିତ ସେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରୁ ଅନେକ ପୁରସ୍କାର ଓ ସମ୍ମାନ ଗ୍ରହଣ କରିଥିଲେ। ଶିଳ୍ପର ବିକାଶ ପାଇଁ ସେ ଶିଳ୍ପୋଦ୍ୟୋଗୀ ବନ୍ଧୁମାନଙ୍କ ସହିତ ମିଶି ଓସ୍‌ମେ ଅନୁଷ୍ଠାନ ଗଢ଼ିବା ସହିତ ବିଭିନ୍ନ ଅନୁଷ୍ଠାନର ଶିଳ୍ପ ଉପଦେଷ୍ଟା ଭାବରେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ସମୟରେ ଜର୍ମାନୀ, ଇଟାଲୀ, ଫ୍ରାନ୍ସ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ସୁଇଜରଲ୍ୟାଣ୍ଡ, ଆମେରିକା, କାନାଡ଼ା, ସିଙ୍ଗାପୁର, ଦକ୍ଷିଣକୋରିଆ, ଓମାନ ସମେତ ୩୦ରୁ ଊର୍ଦ୍ଧ୍ୱ ଦେଶରେ ଆୟୋଜିତ ଅନେକ ଆନ୍ତର୍ଜାତିକ ପ୍ରଦର୍ଶନୀରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ୧୯୯୯ ମସିହାରେ ଇଟାଲୀ ଓ ଦକ୍ଷିଣକୋରିଆ ସହଯୋଗରେ ଓଡ଼ିଶାର ପ୍ରଥମ ପାସ୍ତା ଉଦ୍ୟୋଗ ପ୍ରତିଷ୍ଠା କରିଥିଲେ। ରାଜ୍ୟର ମାଟ୍ରିକ୍ ଟପ୍ପର, ଶ୍ରେଷ୍ଠ ବିଦ୍ୟାର୍ଥୀ ଓ ପ୍ରତିଭାବାନ ଓଡ଼ିଆମାନଙ୍କୁ ସମ୍ମାନିତ କରିବା ପାଇଁ ଡ. ସାହୁ ରୁଚି ପ୍ରତିଭା ସମ୍ମାନ ସମାରୋହ ଜରିଆରେ ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡ. ସାହୁଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ, ରୁଚି ଫୁଡ୍‌ଲାଇନ୍‌ର ପ୍ରତିଷ୍ଠାତା ଡ. ସାହୁଙ୍କ ବିୟୋଗରେ ସେ ଗଭୀର ଭାବେ ଦୁଃଖିତ। ଓଡ଼ିଶାର ଉଦ୍ୟୋଗଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ତାଙ୍କ ଶୋକବାର୍ତ୍ତାରେ ଓଡ଼ିଶାର ଶିଳ୍ପ ତଥା ପରିଚୟକୁ ବିଶ୍ୱପ୍ରସାରୀ କରିବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ ବୋଲି କହିଛନ୍ତି।

ଆସନ୍ତାକାଲି ସୋମବାର ତାଙ୍କ ମରଶରୀର ବିମାନଯୋଗେ ଆସି ସକାଳେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବ ଏବଂ ଶୋଭାଯାତ୍ରାରେ କଟକ କାଜିଡ଼ିହ ବାସଭବନରେ ପହଞ୍ଚିବା ପରେ ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ପାସ୍ତା ଭିଲେଜଠାରେ ପୂର୍ବାହ୍ନ ୧୧ ଘଟିକାରେ ସର୍ବସାଧାରଣଙ୍କ ଶେଷ ଦର୍ଶନ ପାଇଁ ରଖାଯିବ।

### ୧୫ ମାସରେ...

ତେବେ ଯାତ୍ରୀ ଏବଂ ଯାତ୍ରୀଙ୍କ ସାମଗ୍ରୀ କେତେ ସୁରକ୍ଷିତ ତାକୁ ନେଇ ଉଠିଛି ପ୍ରଶ୍ନ। ସେହିଭଳି ବସ୍ ଯାତ୍ରୀଙ୍କ ରାତ୍ରୀ ରହଣି ଦୃଷ୍ଟିରୁ ଏଠାରେ ଡର୍ମିଟୋରି ବ୍ୟବସ୍ଥା ରହିଥିଲେ ମଧ୍ୟ ସରକାର ବଦଳିବା ପରେ ଆଉ ବେଡ୍ ପଡ଼ି ପାରି ନାହିଁ। ଫଳରେ ଦୂରଦୂରାନ୍ତକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀ ବାହାରେ ଚଟାଣରେ ଶୋଉଛନ୍ତି ଏବଂ ଅସାମାଜିକ ଲୋକଙ୍କ ଶିକାର ହେଉଛନ୍ତି। ବସ୍ ଟର୍ମିନାଲର ବଡ଼ ସମସ୍ୟା ହେଉଛି ଯାତ୍ରୀଙ୍କୁ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ଅନ୍ୟାନ୍ୟ ଜିନିଷ ଯୋଗାଇ ଦେବା ପାଇଁ ୧୩୦ଟି ଦୋକାନ ଘର ତିଆରି କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ସେଗୁଡ଼ିକ ଆବଣ୍ଟନ କରାଯାଇପାରି ନାହିଁ। ଯାହାକୁ ନେଇ ବିବାଦ ଉପୁଜୁଥିବା ବେଳେ ତେଣେ ଯାତ୍ରୀମାନେ ପାଣି ବୋତଲ ପାଇଁ ମଧ୍ୟ ବସ୍‌ଷ୍ଟାଣ୍ଡ ବାହାରକୁ ଆସୁଛନ୍ତି।

### ପହିଲି ପଞ୍ଚୁକରୁ...

ନିୟମ ଯୋଗୁଁ ଏଭଳି ଅବ୍ୟବସ୍ଥା ହୋଇଥିବା ଅଭିଯୋଗ କରି ପ୍ରଶାସନ ଓ ପୁଲିସ ଉପରେ ଅସନ୍ତୋଷ ଝାଡ଼ିଛନ୍ତି ଶ୍ରଦ୍ଧାଳୁ। ସ୍ଥିତି ଏମିତି ଅଣାୟତ୍ତ ହୋଇଥିଲା ଯେ ପୁଲିସ ନିରୁପାୟ ହୋଇ ସିଂହଦ୍ୱାର ସମ୍ମୁଖରେ ସେବାୟତଙ୍କ ପାଇଁ ଉଦ୍ଦିଷ୍ଟ ରାସ୍ତାରେ ଭକ୍ତଙ୍କୁ ଛାଡ଼ିବାକୁ ବାଧ୍ୟ ହୋଇଥିଲା। ସେହିପରି ଶେଡ୍ ଭିତରେ ଅପେକ୍ଷାରତ ଶ୍ରଦ୍ଧାଳୁଙ୍କୁ ପିଇବା ପାଣି ମିଳି ନଥିବା ବେଳେ ଏକାଧିକ ଜାଗାରେ ଫ୍ୟାନ ମଧ୍ୟ ଚାଲୁନଥିଲା। ଏମିତି ନାନାପ୍ରକାର ଅବ୍ୟବସ୍ଥା ଫଳରେ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି ଶହଶହ ଶ୍ରଦ୍ଧାଳୁ।

ପଞ୍ଚୁକ ପୂର୍ବରୁ କୁହାଯାଇଥିଲା ଯେ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଛି। ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ, ସେ ଦିଗରେ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁଲିସ ପ୍ରଶାସନ ସମନ୍ୱୟ ରଖି ସମସ୍ତ ପଦକ୍ଷେପ ନେଇଛନ୍ତି। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି କେବଳ ଗୋଟିଏ ଦ୍ୱାର(ସିଂହଦ୍ୱାର)ରେ ପ୍ରବେଶ ହେବ ଏବଂ ବାକି ତିନିଦ୍ୱାରରେ ଶ୍ରଦ୍ଧାଳୁ ପ୍ରସ୍ଥାନ କରିବେ ବୋଲି କୁହାଯାଇଥିଲା। ହେଲେ ଠିକଣା ବେଳକୁ ସବୁ ଫେଲ୍ ମାରିଥିଲା। କେବଳ ସିଂହଦ୍ୱାରରେ ପ୍ରବେଶ ଅନୁମତି ଥିବାରୁ ଧାଡ଼ି ମାର୍କେଟ୍ ଛକ ପର୍ଯ୍ୟନ୍ତ ଲମ୍ବିଯାଇଥିଲା। ସ୍ଥିତିକୁ ଦେଖି ଅପରାହ୍ଣରେ ବ୍ୟାରିକେଡ୍‌କୁ ଆହୁରି ବଢ଼ାଇଥିଲା ପ୍ରଶାସନ। ଫଳରେ ଅସ୍ଥାୟୀ ବ୍ୟାରିକେଡ୍‌ରେ ଘଣ୍ଟାଘଣ୍ଟା ଧରି ଚିପିଚାପି ହୋଇ ଠିଆ ହୋଇଥିଲେ ବୃଦ୍ଧବୃଦ୍ଧା, ମହିଳା, ଶିଶୁ। ଆନନ୍ଦବଜାରରେ ବି ଚରମ ବିଶୃଙ୍ଖଳା ଦେଖିବାକୁ ମିଳିଥିଲା। ଅବଢ଼ା ଏବଂ ଶୁଖିଲି ଭୋଗ ବିକ୍ରେତାମାନେ ଅବ୍ୟବସ୍ଥିତ ଢଙ୍ଗରେ ବସିଥିଲେ। ଫଳରେ ବୋଝିଆମାନେ ମହାପ୍ରସାଦ ନେଇ ଯିବା ବେଳେ ରଖିବା ପାଇଁ ନାକେଦମ୍ ହୋଇପଡୁଥିଲେ।

ଏହି ଅବ୍ୟବସ୍ଥାକୁ ନେଇ ଜଣେ ବରିଷ୍ଠ ନାଗରିକ ଗଣମାଧ୍ୟମ ସମ୍ମୁଖରେ ସରକାରଙ୍କ ଉପରେ ଅସନ୍ତୋଷ ଝାଡ଼ିଥିଲେ। କହିଥିଲେ, ଛି... ଏ ସରକାର ଛି...। ବରିଷ୍ଠ ନାଗରିକଙ୍କ ପାଇଁ କୌଣସି ପ୍ରକାର ସୁବିଧା ହୋଇନି। ଧାଡ଼ିରେ ୫ଘଣ୍ଟା ଛିଡ଼ା ହେବା ପରେ ଆମେ ଦର୍ଶନ ନ କରି ଫେରିଯାଉଛୁ। ସରକାରକୁ କ'ଣ ଏଇଥିପାଇଁ ଜିତାଇଥିଲୁ, ଆମ ଜୀବନ ଧିକ୍ କହି ଘରକୁ ପଳାଇଥିଲେ।

PUJA OFFER SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

AFFIDAVIT
By virtue of an affidavit (No.3123) sworn before the Executive Magistrate, Khordha, dated - 16.10.2025. I, Rasmita Pradhan, W/o- Dillip Kumar Pradhan, At-Balipatana, PO- Kunjuri, PS-Khordha Sadar, Dist- Khordha, PIN- 752056, Odisha declare that I have changed my minor son's name from Sriman Subhrajit Pradhan to Subhrajit Pradhan. Henceforth, he shall be known as **Subhrajit Pradhan** (new name) for all purposes.
Rasmita Pradhan

AFFIDAVIT
By virtue of an affidavit sworn before Executive Magistrate Baramba, on dated 18.10.2025, I Susanta Kumar Dalua S/o- Kailash Chandra Dalua resident at Village-Gopinathpur, Po- Singhanathpitha, Ps- Badamba, Dist- Cuttack, Odisha, PIN- 754031, declare that I have changed my daughter's name from Bishnuptiya Dalua to Bishnupriya Dalua. Henceforth, she shall be known as **BISHNUPRIYA DALUA** for all future purposes.

AFFIDAVIT
By virtue of an affidavit sworn before Executive Magistrate Bhubaneswar on dated, 27.10.2025, I Lusi Baral, D/o-Sankar Baral, resident Village-Bhagabati Basti, Po-Bhoinagar, Ps- Kharvel Nagar, Dist- Khorda, Odisha, PIN-751022 declare that I have changed my name from Lusai Barala to Lusi Baral . Henceforth I shall be known as **LUSI BARAL** for all future purposes.

AFFIDAVIT
By virtue of an affidavit sworn before the Executive Magistrate, Garadpur, I, Shrabani Mohanty, Vill.: Solapat, Po- Bedari, Ps-Patkura, Kendrapara here by declare that before marriage my name recorded as Shrabani Ray but after marriage my surname has missed. therefore Shrabani Ray and Shrabani Mohanty is one and the same person. Henceforth I shall be known as **Shrabani Mohanty** for all purposes.

658-B

E-Mail I.D.-eernbkdp@gmail.com
Tel.(06727)-220268
Fax No.(06727)-220862

OFFICE OF THE SUPERINTENDING ENGINEER
KENDRAPARA (R&B) DIVISION-I, KENDRAPARA
GOVERNMENT OF ODISHA "e" procurement Notice (Short Notice)
e-procurement Notice for Road works
Bid Identification No. S.E., R & B KDP- 11/ 2025-26

| | | | |
|---|---|---|---|
| 22. | No of work | :- | 01 no of Building work, 01 no of Drain work, 01 no of Culvert work |
| 23. | Estimated Cost | :- | ₹.66 lakhs to ₹. 89 lakhs (Approximately) |
| 24. | Period of completion | :- | 12 (Twelve) Months for Building work<br>6 (Six) Months for Drain and Culvert works |
| 25. | Date and time of sale and receipt of bid document | :- | From 11:00 AM of 04/11/2025 to 5:30 PM of 20/11/2025 |
| 26. | Last date / time of receipt of bids | :- | 5:30 PM of 20/11/2025 |
| 27. | Date and time of Opening of Bids | :- | 11.00 AM of 21/11/2025 |
| 28. | Name and address of the Officer Inviting Bid | :- | Superintending Engineer, Kendrapara (R&B) Division-I, Kendrapara |

Further details with any addendum, corrigendum, cancellation can be seen from the State Govt. portal "https://tendersorissa.gov.in

Superintending Engineer,
Kendrapara (R&B) Division-I

## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର
# ପୁଲିସ ଜରିଆରେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନୋଟିସ ନିର୍ଦ୍ଦେଶ

କଟକ,୨/୧୧(ସମିସ): ଅନୁକମ୍ପାମୂଳକ ଚାକିରି ପାଇଁ ଆବେଦନ ପ୍ରସଙ୍ଗରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁପାଳନ ନ କରିବା କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। କାହିଁକି ଅଦାଲତ ଦେଇଥିବା ନିୟମକୁ କାର୍ଯ୍ୟକାରୀ କରାଯାଇନାହିଁ ସେ ସଂକ୍ରାନ୍ତରେ ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ପୁଲିସ ଜରିଆରେ ନୋଟିସ୍ ପଠେଇବାକୁ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ବ୍ୟକ୍ତିଗତ ଭାବେ ଏ ସଂକ୍ରାନ୍ତରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅନ୍ୟ ସମସ୍ତ ପ୍ରତିପକ୍ଷଙ୍କୁ ନୋଟିସ ଦେବାକୁ ବିଚାରପତି ନିର୍ଦ୍ଦେଶ ଦେବା ସହ ୩ କାର୍ଯ୍ୟ ଦିବସ ମଧ୍ୟରେ ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ଅଦାଲତ ସୁଯୋଗ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ ଆବେଦନକାରୀ କ୍ଷଣପ୍ରଭା ନାୟକଙ୍କ ସ୍ୱାମୀ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ। ମାତ୍ର କାର୍ଯ୍ୟରତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସରକାରୀ ଆଇନ ଅନୁସାରେ ଚାକିରିରେ ଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଦେବାର ପ୍ରାବଧାନ ଥିବା ସତ୍ତ୍ୱେ କ୍ଷଣପ୍ରଭାଙ୍କୁ ଅନୁମ୍ପାମୂଳକ ନିଯୁକ୍ତି ଦିଆଯାଇ ନ ଥିଲା। ବିଳମ୍ବରେ ଆବେଦନ କରିଥିବାରୁ ତାଙ୍କ ଆବେଦନ ଗ୍ରହଣଯୋଗ୍ୟ ନୁହେଁ ବୋଲି କୁହାଯାଇଥିଲା। ଏହା ବିରୋଧରେ କ୍ଷଣପ୍ରଭା ନାୟକ ଆଇନଜୀବୀ ସତ୍ୟ ରଞ୍ଜନ ପତିଙ୍କ ଜରିଆରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଇଥିଲେ। ଅଦାଲତ ଗତ ଅଗଷ୍ଟ ୧୮ ତାରିଖରେ କ୍ଷଣପ୍ରଭା ନାୟକଙ୍କ ଆବେଦନକୁ ବିଚାର କରି ୮ ସପ୍ତାହ ମଧ୍ୟରେ ଆଦେଶ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଧାର୍ଯ୍ୟ ଅବଧି ମଧ୍ୟରେ କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀ ଅଦାଲତ ନିର୍ଦ୍ଦେଶର ଅନୁପାଳନ କରି ନ ଥିଲେ। ତେଣୁ ଏହା ବିରୋଧରେ ଆବେଦନକାରୀ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

**Format C-1**

(For candidate to publish in Newspapers, TV)

**Declaration about criminal cases**

***(as per the judgment dated 25th September, 2018 of Hon'ble Supreme Court in WP(Civil) No-536 of 2011 (Public Interest Foundation & Ors. Vs. Union of India & Anr.)***

**Name and address of candidate: Smt Snehangini Chhuria,**
**W/o-Durga Prasad Chhuria, At/Po-Dekulba,**
**Ps/Tah-Bheden, Dist-Bargarh**

**Name of Political Party: - BIJU JANATA DAL**

**(Independent candidate should write "Independent" here)**

**Name of Election: - BYE-ELECTION TO THE STATE LEGISLATIVE ASSEMBLY OF ODISHA-2025,**

**Name of Constituency: - 71-Nuapada Legislative Assembly**

**I, Smt Snehangini Chhuria** (name of candidate), a candidate for the above mentioned election, declared for public information the following details about my criminal antecedents:

**(A) Pending criminal cases**

| SL No | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| **1** | **S.D.J.M, Bargarh** | **C.T No-83 of 2025 arising out of Bargarh Town PS Case No-36 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards. |
| **2** | **S.D.J.M, Bargarh** | **C.T No-84 of 2025 arising out of Bargarh Town PS Case No-37 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| **3** | **S.D.J.M, Bargarh** | **C.T No-86 of 2025 arising out of Rural PS Case No-11 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| **4** | **S.D.J.M, Bargarh** | **CT No- 89 of 2025 arising out of Bargarh Town PS Case No-38 dt 22/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |

**(B) Details about cases of conviction for criminal offences**

| SL No | Name of Court & date(s) of order(s) | Description of offence(s) & punishment imposed | Maximum punishment imposed |
|---|---|---|---|
| | NIL | NIL | NIL |
| | NIL | NIL | NIL |

***In the case of election to Council of State or election to Legislative Council by MLAs, mention the election concerned in place of name of constituency.**

**Sd/- Smt Snehangini Chhuria**

ସକାଳ THE SAKALA



### ଶବଦାହ ଗୃହକୁ ବାଟ ନାହିଁ

# ସରକାର ଶୁଣିଲେନି, ସଫା କଲେ ଗ୍ରାମବାସୀ



**ପଞ୍ଚୁପାଣ୍ଡବ, ୨।୧୧(ସମିସ)**

ଡେରାବିଶ ବ୍ଲକ ରଘୁଦେଈପୁର ପଞ୍ଚାୟତ ଅନ୍ତର୍ଗତ କଂସାରିପାଟଣା ଗ୍ରାମର ପଡ଼ିଆଠାରେ ହୋଇଥିବା ଶ୍ମଶାନ ଗୃହ ଜଙ୍ଗଲରେ ଲୁଚି ଯାଇଥିବାବେଳେ ଶବଦାହ ଘରକୁ ରାସ୍ତା ନ ଥିବା କିଛିଦିନ ତଳେ 'ସକାଳ' ଖବରକାଗଜରେ ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ବିଳମ୍ବ ହେଉ ପଛେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଆଜି ଜେସିବି ମେସିନ ସାହାଯ୍ୟରେ ପ୍ରାୟ ଦୁଇ ଏକର ଜଙ୍ଗଲ ଜମିକୁ ସଫା କରାଯାଇଥିବା ଦେଖିବାକୁ ମିଳିଛି। ଏହି ଶ୍ମଶାନ ଘରଟି ପ୍ରାୟ ଦଶବର୍ଷ ତଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ହୋଇଥିଲା। ଲୋକଙ୍କ ସୁବିଧା ପାଇଁ ଏହି ଘର ହୋଇଥିବାବେଳେ ଏବେ ଲୋକଙ୍କ କାମରେ ଲାଗୁ ନ ଥିବା ଅଭିଯୋଗ ହେଉଥିଲା। ଏହି ଶ୍ମଶାନ ଘର ଚାରିପଟରେ ଜଙ୍ଗଲ ହୋଇଥିବାବେଳେ ଜଙ୍ଗଲରେ ବିଭିନ୍ନ ପ୍ରକାରର ଜନ୍ତୁ ରହଣି କରିଲେଣି। ଶ୍ମଶାନ ଘରକୁ ଯାତାୟାତ କରିବା ପାଇଁ ବାଟ ନ ଥିବା ଦେଖିବାକୁ ମିଳୁଛି। ଏହାର ରକ୍ଷଣାବେକ୍ଷଣ ନ ହେବାରୁ ଏମିତି ପରିସ୍ଥିତି ହୋଇଥିବା ଅଭିଯୋଗ ହେଉଛି। ଯେହେତୁ ଏହି ଘରଟି ହେଲାଣି ଶବ ବାହାରେ ପୋଡ଼ା ଯାଉଥିବାବେଳେ ଏ ଘରଟି କାମରେ ଲାଗୁ ନ ଥିଲା। ଏ ବିଷୟରେ ସରକାର ହେଉ କି ପ୍ରଶାସନ ଅଧିକାରୀଙ୍କୁ ଜଙ୍ଗଲ ସଫା, ଶବଦାହ ଘରକୁ ରାସ୍ତା ଓ ନିକଟରେ ଏକ ନଳକୂପ ବସାଇବା ପାଇଁ ବାରମ୍ବାର ଅବଗତ କରିଥିଲେ ସୁଦ୍ଧା କେହି ସମସ୍ୟାକୁ ସମାଧାନ କଲେନାହିଁ। ଏହି ଜଙ୍ଗଲ ସଫା କାର୍ଯ୍ୟ ସରିଲା ପରେ ବୃକ୍ଷ ରୋପଣ କରାଯିବ ବୋଲି ସମାଜସେବୀ ଦିଗମ୍ବର ମିଶ୍ର କହିଛନ୍ତି। ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ଭକ୍ତିଲାଲ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ରାମବାସୀ ଜଙ୍ଗଲକୁ ସଫା କରିଛନ୍ତି। ମୁଁ ପଞ୍ଚାୟତ ପକ୍ଷରୁ ସହଯୋଗ କରିବି ବୋଲି ପ୍ରତିଶ୍ରୁତି ଦେଇଛି। ସରକାରୀ ସ୍ତରରେ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏହି ସଫା କାର୍ଯ୍ୟରେ ଗ୍ରାମର ହୃଷିକେଶ ମହାରଣା, ଗୋପୀନାଥ ମହାରଣା, ସପନ ମହାପାତ୍ର, ଦିଗମ୍ବର ମିଶ୍ର, ପ୍ରିୟରଞ୍ଜନ କର, ଖଗେଶ୍ୱର ମହାରଣା, ସଦାଶିବ ମହାରଣା, ଗଦାଧର ଦାସ, ଅକ୍ଷୟ ତ୍ରିପାଠୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ଅବକାରୀ ବିଭାଗର ଚଢ଼ଉ

# କାର୍ ସହ ୮ ଲକ୍ଷ ଟଙ୍କାର ବ୍ରାଉନସୁଗର; ୨ ଗିରଫ

**ପଟ୍ଟାମୁଣ୍ଡାଇ, ୨।୧୧(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଷାକ୍ତ ନିଶାଦ୍ରବ୍ୟ ବ୍ରାଉନସୁଗର ଚାଲାଣ ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୮୦ ଗ୍ରାମର ବ୍ରାଉନସୁଗର ସହ ଏକ ମାରୁତି କାରକୁ ଜବତ କରାଯାଇଛି। ଏହି ଘଟଣାରେ ୨ ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ଅନ୍ୟଜଣେ କୌଶଳକ୍ରମେ ଗାଡ଼ିରୁ ଡେଇଁ ଚମ୍ପଟ ମାରିଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ୨୦୪/୨୦୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଏଏସଆଇ ସୁନୀଲ ମିଶ୍ର କହିଛନ୍ତି।



ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗର ନେଇ ୩ ଜଣ ଯୁବକ ଏକ କାର୍ ଯୋଗେ ପଟ୍ଟାମୁଣ୍ଡାଇକୁ ଆସୁଥିବା ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇଥିଲା। ଜିଲ୍ଲା ଅବକାରୀ ଅଧୀକ୍ଷକ ବିପ୍ର ମଣ୍ଡଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ସ୍କାର୍ଡର ନେତୃତ୍ୱରେ ଏକ ଅବକାରୀ ବିଭାଗ ଟିମ ଶନିବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବାଲିପଡ଼ା ଛକ ନିକଟରେ ପହଞ୍ଚିଥିଲେ। ସେହି ସମୟରେ କାର୍ ଯୋଗେ ୩ ଜଣ ଯୁବକ ସେହି ସ୍ଥାନରେ ଅଟକିବାରୁ ଲୁଚି ରହିଥିବା ଅବକାରୀ ଟିମ୍ ଚଢ଼ଉ କରି ନିଶା ବେପାରୀଙ୍କୁ କାବୁ କରିବାବେଳେ ଜଣେ ଖସି ପଳାଇଥିଲା। ଅବକାରୀ ଟିମ ଗାଡ଼ି ଯାଞ୍ଚ କରି ସେମାନଙ୍କ ନିକଟରୁ ୮୦ ଗ୍ରାମ ବ୍ରାଉନସୁଗର ଜବତ କରିଥିଲେ। ଏଥିସହ ଦୁଇ ବ୍ରାଉନସୁଗର ବେପାରୀ ପିଣ୍ଟୁ ମଲିକ ଓ ଚନ୍ଦ୍ରକାନ୍ତ ମଲିକଙ୍କୁ ଗିରଫ କରିବା ସହିତ ୮ ଲକ୍ଷ ଟଙ୍କା ମୂଲ୍ୟରେ କାର୍‌କୁ ଅବକାରୀ ବିଭାଗ ଜବତ କରିଥିଲା। ଉଭୟ ନିଶା ବେପାରୀଙ୍କୁ ଶନିବାର ରାତିରେ ପଟ୍ଟାମୁଣ୍ଡାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବାରିମୂଳ ଜେଲ୍‌କୁ ପଠାଇ ଦିଆଯାଇଛି।

## ତୁଳସୀ ମହିଳା କଲେଜରେ 'ଶୂନ୍ୟ ମୃତ୍ୟୁ ପକ୍ଷ' ସଚେତନତା

**କେନ୍ଦ୍ରାପଡ଼ା, ୨।୧୧(ସମିସ):** କେନ୍ଦ୍ରାପଡ଼ାର ତୁଳସୀ ମହିଳା ମହାବିଦ୍ୟାଳୟରେ 'ଶୂନ୍ୟ ମୃତ୍ୟୁ ପକ୍ଷ' ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମାନବ ଜୀବନର ସୁରକ୍ଷା ଓ ସଡ଼କ ଦୁର୍ଘଟଣା ହାର କମାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ଡ. ମଥୁରୀ ନାୟକ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କଲେ। ସଡ଼କ ସୁରକ୍ଷା ବିଶେଷଜ୍ଞ ବିଧୁଭୂଷଣ ମହାପାତ୍ର ଦୁର୍ଘଟଣାର ବିଭିନ୍ନ କାରଣ ଓ ସମାଧାନ ଉପରେ ଆଲୋଚନା କରି ଛାତ୍ରୀଙ୍କୁ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର 'ନିଜ ଜୀବନ ନିଜ ହାତରେ' ବାକ୍ୟକୁ ଉଦ୍ଧୃତ କରି ସୁରକ୍ଷିତ ଚଳାଚଳ ଓ ସତର୍କ ଚାଳନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କନିଷ୍ଠ ଏମ୍‌ଭିଆଇ ଶ୍ରୀକାନ୍ତ ଜୁଡୁ ଓ ଟ୍ରାଫିକ୍ ଇନ୍ସପେକ୍ଟର ରାଜନାରାୟଣ ସ୍ୱାଇଁ ସଡ଼କ ଶିଷ୍ଟାଚାର ବିଷୟରେ ଗୁରୁତ୍ୱପୂର୍ଣ୍ଣ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ଆଶୁତୋଷ ରାଉତ ପରିଚାଳନା କରିଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ଜେନା ଧନ୍ୟବାଦ ଜଣାଇଥିଲେ। ଅଧ୍ୟାପିକା ପ୍ରଭାସିନୀ ଜେନା ସହଯୋଗ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା ଓ ୩ ଶହରୁ ଅଧିକ ଛାତ୍ରୀ ଉପସ୍ଥିତ ଥିଲେ।

## ଡେରାବିଶ ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା

**ଡେରାବିଶ, ୨।୧୧(ସମିସ):** ଡେରାବିଶ ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଡେରାବିଶ ଥାନା ଅଧିକାରିଣୀ ଅମ୍ବିକା ଦାସଙ୍କ ସଂଯୋଜନାରେ ଗୋଲରାହାଟ ବଜାର, ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଓଲଡ଼ି ବଜାର ଓ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ପଞ୍ଚୁପାଣ୍ଡବରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଆଜି ଏକ ସଚେତନତା ରଥ ଡେରାବିଶ ଥାନା ପରିସରରୁ ବାହାରି ଉପରୋକ୍ତ ସ୍ଥାନଙ୍କୁ ଯାଇଥିଲା। ସେଠାରେ ଏହି ରଥରେ ଲାଗିଥିବା ଏଲଇଡି ମାଧ୍ୟମରେ କ୍ଷୁଦ୍ର ନାଟିକା ପରିବେଷଣ କରାଯାଇ ଲୋକମାନେ କିପରି ସାଇବର ଠକଙ୍କ ଦ୍ୱାରା ଠକାମୀର ଶିକାର ହେଉଛନ୍ତି, ଏଥିରୁ ରକ୍ଷା ପାଇବାର ବିଭିନ୍ନ ଉପାୟ ସମ୍ପର୍କରେ ବୁଝାଇଥିଲେ। ଏଥିସହିତ କୁନିକୁନି କଳାକାର ସଙ୍ଗୀତ ଓ ନୃତ୍ୟ ନାଟିକା ଦ୍ୱାରା ଉପସ୍ଥିତ ଲୋକଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମାବେଶ

**ମାର୍ଶାଘାଇ, ୨।୧୧(ସମିସ):** ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଯୁବ ସମ୍ମିଳନୀରେ ମାର୍ଶାଘାଇ, ମହାକାଳପଡ଼ା ଓ ଗରଦପୁର ବ୍ଲକର ଶତାଧିକ ଯୁବକ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ବିରଞ୍ଚି ନାରାୟଣ ମହାପାତ୍ର, ମୁଖ୍ୟବକ୍ତା ଭାବେ ସହ ଜିଲ୍ଲା ସଂଘ ଚାଳକ ସଞ୍ଜୟ କୁମାର ପତ୍ରୀ ଯୋଗ ଦେଇଥିଲେ। ବର୍ତ୍ତମାନ ସମାଜରେ ରାଷ୍ଟ୍ରର ସୁରକ୍ଷା ପାଇଁ ଯୁବକଙ୍କ ଭୂମିକା ଓ ଯୁବକଙ୍କ ରାଷ୍ଟ୍ର ପାଇଁ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିବା ସହିତ ଭାରତର ଗୌରବମୟ ଇତିହାସ ବିଷୟରେ ଯୁବକଙ୍କୁ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକର୍ତ୍ତା ସୁରେଶ ନାୟକ, ତ୍ରିନାଥ ରାୟ, ପ୍ରସନ୍ନଜିତ ଦାସ, ପ୍ରିୟବ୍ରତ ପରିଡ଼ା, ସୁଲେଖ ପ୍ରଧାନ, ଜଗବନ୍ଧୁ ପ୍ରଧାନ, ବ୍ଲକ କାର୍ଯ୍ୟକର୍ତ୍ତା ରଜନୀକାନ୍ତ ନାୟକ, କାବୁଲି ରାଉତ, ବିଜୟ ରାଉତ, ତନୁଜ ଜେନା, ବିପିନ ବେହେରା, ମଣ୍ଟୁ ସିଂ, ହିମାଂଶୁ ନାୟକ, ମନ୍ମଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଟିକରପଙ୍ଗା ଓ ନାରାୟଣପୁରରେ ଡ୍ରାମା ପରିବେଷଣ

**ମହାକାଳପଡ଼ା, ୨।୧୧(ସମିସ):** ମହାକାଳପଡ଼ା ବ୍ଲକ ଟିକରପଙ୍ଗା ଓ ନାରାୟଣପୁର ମା' ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ଶ୍ୟାମାକାଳୀ ପୂଜା ଅବସରରେ ୩ ଦିନ ଧରି ଡ୍ରାମା କରାଯାଇ ତିନିଟି ନାଟକ ପରିବେଷଣ କରାଯାଇଥିଲା। ପୂଜା କମିଟି ସଭାପତି ଅମୂଲ୍ୟ ମଲ୍ଲିକ, ଉପଦେଷ୍ଟା ତଥା ସମାଜସେବୀ ଚିତ୍ତରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିବସରେ ଡ. ଦୀପକ ଜେନାଙ୍କ ରଚିତ ଉମାକାନ୍ତ ନାୟକଙ୍କ ନିର୍ଦ୍ଦେଶିତ ନାଟକ 'ଆଖି ଅବୁଝାକୁ ଲୁହ ଅବୁଝା' ମା' ବ୍ରଜସୁନା ଡ୍ରାମାଟିକ୍ କ୍ଲବ ଟିକରପଙ୍ଗା କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଦ୍ୱିତୀୟ ଦିବସରେ ମଦନମୋହନ ଡ୍ରାମାଟିକ କ୍ଲବ୍ ଟିକରପଙ୍ଗାର କଳାକାଳରଙ୍କ ପକ୍ଷରୁ 'ଦରିଆ କୂଳର ଦରଦୀ ବନ୍ଧୁ' ନାଟକ ପରିବେଷଣ କରାଯାଇଥିଲା। ମା' ଅନାମେଶ୍ୱରୀ ଡ୍ରାମାଟିକ୍ କ୍ଲବ ନାରାୟଣପୁର ପକ୍ଷରୁ 'ହା କୃଷ୍ଣ ବୋଲି ଯାଉ ଯିବ' ନାଟକ ଶୁକ୍ରବାର ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ଦିବସରେ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ ନାୟକ, ମହାକାଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପ୍ରତିନିଧି କୁମରକାନ୍ତ ମହାନ୍ତି, ସାମ୍ବାଦିକ ସନ୍ଦୀପ ଚୌଧୁରୀ, ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ବିମଳ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## କଳିଙ୍ଗ ଆବାସିକରେ ଗୀତା ଆବୃତ୍ତି ପ୍ରତିଯୋଗିତା

**ଡେରାବିଶ, ୨।୧୧(ସମିସ):** ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏମାନଙ୍କୁ ୪ଟି ବର୍ଗରେ ବିଭକ୍ତ କରାଯାଇ ପ୍ରତିଯୋଗିତା କରାଯାଇଥିଲା। ଅପରାହ୍ନରେ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ରମେଶ ଶତପଥୀ, ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ରିନା ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ପ୍ରଭାତୀ ନନ୍ଦ ଓ ଦମୟନ୍ତୀ ସ୍ୱାଇଁ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଅଧ୍ୟାପକ ନିଶିକାନ୍ତ ପଣ୍ଡା ସଭା ସଂଯୋଜନା କରିଥିବାବେଳେ ଶିକ୍ଷକ ସୌମେନ୍ଦ୍ର ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରିୟଙ୍କା ନାୟକ, କାଜଲ ବେହେରା, ଅନୀତା ପ୍ରଧାନ, ସୁଚିସ୍ମିତା ଜେନା, ତପସ୍ୱିନୀ ସାହୁ ଓ ବିଜୟଲକ୍ଷ୍ମୀ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। କଳିଙ୍ଗ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ ନିଶିକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ବାଙ୍କୁଆଳ ଗ୍ରାମବାସୀଙ୍କ ସ୍ଥାୟୀ ପଟ୍ଟା ଦାବି

## ଭିତରକନିକା ଗେଟ୍ ସମ୍ମୁଖରେ ଅନଶନ




**ରାଜନଗର, ୨।୧୧(ସମିସ):** ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ଭିତରକନିକା ପ୍ରବେଶ ପଥରେ ଥିବା ବାଙ୍କୁଆଳ ଗାଁରେ ଲୋକେ ଶହେ ବର୍ଷରୁ ଅଧିକ ଦିନ ଧରି ବସବାସ କରୁଛନ୍ତି। ଗାଁରେ ବସବାସ କରୁଥିବା ପରିବାର ମଧ୍ୟରୁ ୧୦ ପ୍ରତିଶତ ଲୋକଙ୍କ ସ୍ଥାୟୀ ପଟ୍ଟା ଥିବାବେଳେ ଅନ୍ୟ ପରିବାରକୁ ସ୍ଥାୟୀ ପଟ୍ଟା ଯୋଗାଇ ଦେବା କ୍ଷେତ୍ରରେ ସରକାର ଦୀର୍ଘ ବର୍ଷ ହେଲା ସମୟ ଗଡ଼ାଇ ଚାଲିଛନ୍ତି। ବାଙ୍କୁଆଳ ଗ୍ରାମର ଅଧିବାସୀ ବାରମ୍ବାର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଭେଟି ସ୍ଥାୟୀ ପଟ୍ଟା ପାଇଁ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଆଜି ଯାଏଁ ପଟ୍ଟା ଯୋଗାଇ ଦିଆଯାଇନାହିଁ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଭିତରକନିକାକୁ ପର୍ଯ୍ୟଟକଙ୍କ ପ୍ରବେଶ ପାଇଁ ନୂତନ ଗେଟ ନିର୍ମାଣ କରାଯିବ। ସେଥିପାଇଁ ପ୍ରବେଶ ପଥ ନିକଟରେ ଥିବା ୮ଟି ପରିବାରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ନୋଟିସ ଦିଆଯାଇଛି। ଆସନ୍ତା ସୋମବାର ସେମାନଙ୍କୁ ଉଚ୍ଛେଦ କରାଯିବା ପାଇଁ ନୋଟିସ ଜାରି କରାଯାଇଛି। ଏହି ନୋଟିସ ଜାରି ହେବା ପରେ ଗାଁରେ ଉତ୍ତେଜନା ସୃଷ୍ଟି ହୋଇଛି। ଆଜି ବାଙ୍କୁଆଳ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଭିତରକନିକା ପ୍ରବେଶ ପଥ ନିକଟରେ ଅନଶନରେ ବସିଥିଲେ। ସକାଳୁ ଅପରାହ୍ନ ୫ ଘଟିକା ଯାଏଁ ଅନଶନରେ ବସିଥିଲେ। ପ୍ରଥମେ ଆମକୁ ସରକାର ଥଇଥାନ କରନ୍ତୁ। ତା'ପରେ ଉଚ୍ଛେଦ କରନ୍ତୁ ବୋଲି ଅନଶନକାରୀ ଦାବି କରିଛନ୍ତି।

## ଡେରାବିଶ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ



**ଡେରାବିଶ, ୨।୧୧(ସମିସ):** ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ବେଲରପା ଜାଗୁଲାଇ ବିଦ୍ୟାନିକେତନରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜାଗୁଲାଇ ବିଦ୍ୟାନିକେତନ ପ୍ରଧାନଶିକ୍ଷକ ଉପେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ନମିତା ବାରିକ, ସ୍ୱତନ୍ତ୍ର ଅତିଥି ଭାବେ କଳାକାର ପ୍ରଜ୍ଞା ଖଟୁଆ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଅନନ୍ତ ଜେନା, ବ୍ଲକ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ନୋଡାଲ ପ୍ରଧାନଶିକ୍ଷୟିତ୍ରୀ କାନନବାଳା ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ରଥ, ଚୈତନ୍ୟ ଖଟୁଆ, ପୂର୍ବତନ ଛାତ୍ର ପ୍ରବୀର ସିଂ, ବିଆରସିସି ଦେବଦତ୍ତ ଶତପଥୀ ଯୋଗଦେଇ ବ୍ଲକ ଅନ୍ତର୍ଗତ ୧୭ଟି କ୍ଲଷ୍ଟର ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜାଗୁଲେଇପଡ଼ା ଦେଶପୁର ସାଧନକେନ୍ଦ୍ରର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଉପେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ତର୍କ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାକୁ ସିଆରସିସି ବିଶ୍ୱଜିତ ମୁଦୁଲି, ସୁଜାତା ନାୟକ, ବେଣୁଧର ପ୍ରଧାନ, ଅକ୍ଷୟ ପୋଥାଳ, ହରେକୃଷ୍ଣ କର, ପ୍ରମୋଦ ମଲ୍ଲ, ମନୋଜ ନାୟକ, ନିର୍ମଳ ଜେନା, ସାନମଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଅପରାହ୍ନରେ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ସମ୍ମାନିତ ଅତିଥି ଭାବେ ନରସିଂହପୁର ସରପଞ୍ଚ ସୁଧିର ଖଟୁଆ, ବ୍ଲକ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ଖଗେଶ୍ୱର ନାୟକ, ଶିକ୍ଷାବିତ୍ ପୀତବାସ ପଣ୍ଡା, କ୍ରୀଡ଼ାବିତ୍ ଦୃତିଚାନ୍ଦ, କଳାକର ପ୍ରେମ ଆନନ୍ଦ, ଶଙ୍କର୍ଷଣ ପ୍ରଧାନ, ସୁଶ୍ରୀ ତେଜି ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ରଘୁନାଥ ଶତପଥୀ, ପ୍ରତାପ ଶତପଥୀ, ପ୍ରଶାନ୍ତ ଶତପଥୀଙ୍କ ସମେତ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ଡେରାବିଶର ବିଭିନ୍ନ ସ୍ଥାନରେ ରାହାସ ଉତ୍ସବ

**ଡେରାବିଶ, ୨।୧୧(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ରାହାସ ଉତ୍ସବ ଅନୁଷ୍ଠିତ ହେଉଛି। ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗରେ ୪ଟି ଓ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଓଉଖଣ୍ଡରେ ୪ଟି ଓ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ୧୫ଟି ମଣ୍ଡପରେ ରାଧାକୃଷ୍ଣଙ୍କ ମୂର୍ତ୍ତି ପୂଜା ପାଉଛନ୍ତି। ଏହି ମଣ୍ଡପରେ ରାଧାକୃଷ୍ଣଙ୍କ ସହିତ ଗୋପୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି। ପ୍ରତ୍ୟେହ ସନ୍ଧ୍ୟାରେ ଆଳତୀ ପରେ ରାଧାକୃଷ୍ଣଙ୍କ ରାହାସ ଗାନ କରାଯାଇ ଭଜନ ସଂକୀର୍ତ୍ତନ କରାଯାଉଛି।

## ଶ୍ରୀଜଗନ୍ନାଥ ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ସୁରଭି



**ରାଜନଗର, ୨।୧୧(ସମିସ):** କେରଡ଼ାଗଡ଼ସ୍ଥ ଶ୍ରୀଜଗନ୍ନାଥ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କ ପୌରୋହିତ୍ୟ ଓ ପଣ୍ଡିତ ବରଦାକାନ୍ତ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଅନୀଲ ବଳ, ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ ବରାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ତର୍କ, ପିଏମ୍ ପୋଷଣର ଚିତ୍ରକଳା ଓ ଶିଳ୍ପକଳା, ଶାସ୍ତ୍ରୀୟ ନୃତ୍ୟ, କୁଇଜ୍, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ସନ୍ଧ୍ୟାରେ ଉଦ୍‌ଯାପନ ଉତ୍ସବରେ ବିଜେପି ନେତା ଲଳିତ ବେହେରା, ବାଲିସାହିପାଟଣା ସରପଞ୍ଚ ସୁଚିସ୍ମିତା ପରିଡ଼ା, ବିକ୍ରମ ବାରିକ, ଏବିଇଓ ଚିତ୍ତରଞ୍ଜନ ଜେନା, ମାନସ ମିଶ୍ର, ଚନ୍ଦ୍ରକାନ୍ତ ରାଉତ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ହେମନ୍ତ ବାରିକ, ବ୍ରହ୍ମାନନ୍ଦ ପରିଡ଼ା, ସରସ୍ୱତୀ ସାହୁ, ନିରଜ ଦାସ, ଅଳକା ରାଉତ, ଶ୍ରୀକାନ୍ତ ଦାସ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବୈଲୋଚନ ଦାସ, ପ୍ରଶାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଅମର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଧାମୋହନଙ୍କ ପୀଠରେ ଗୋ-ସମ୍ବର୍ଦ୍ଧନା ଉତ୍ସବ





**ପଟ୍ଟାମୁଣ୍ଡାଇ, ୨।୧୧(ସମିସ):** ସ୍ଥାନୀୟ ବାଘୁଆ-କେଶପୁର ଗ୍ରାମରେ ଥିବା ପ୍ରସିଦ୍ଧ ରାଧାମୋହନଙ୍କ ପୀଠରେ ଚତୁର୍ଥ ବାର୍ଷିକ ଗୋ-ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୀଠାଧିଶ ରଙ୍ଗାଧର ଦାସ ଓରଫ ନନ୍ଦ ବାବା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଗୋ ସମ୍ବର୍ଦ୍ଧନା ଉତ୍ସବରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ମୀରା ଗୋଶାଳା ପରିଚାଳକ ଜୀବନକୃଷ୍ଣ ରାୟ ଓରଫ ଶଙ୍କର ବାବା, ପୂର୍ବତନ ସରପଞ୍ଚ ସନ୍ଧ୍ୟାରାଣୀ ଚୌଧୁରୀ, ବରିଷ୍ଠ ସାମ୍ବାଦିକ ସୁଧାଂଶୁ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋ-ସମ୍ବର୍ଦ୍ଧନା ଉତ୍ସବରେ ସାମିଲ ହୋଇଥିବା ତିନି ଶହରୁ ଅଧିକ ଗାମାତାଙ୍କୁ ପାରମ୍ପରିକ ରୀତିନୀତିରେ ବନ୍ଦାପନା କରାଯିବା ସହିତ ପୂଜାର୍ଚ୍ଚନା କରାଯାଇ ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରାଯାଇଥିଲା।

ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମାର୍କ ଇଣ୍ଡିଆ, ଏକ୍ସେଲାର, ଜେବି ଫାର୍ମା, ୟୁନିମ୍, ବ୍ୟାକସନ୍, କର୍ଣ୍ଣାଟକ ଆଣ୍ଟି ବାଇଓଟିକସ, ଏନଏଚଏଫ, ୟୁନିରେ ପ୍ରମୁଖ ଔଷଧ କମ୍ପାନୀଙ୍କ ପକ୍ଷରୁ ଷ୍ଟଲ୍ ଖୋଲାଯାଇ ଗୋମାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରାଣୀଧନ ନିରୀକ୍ଷକ ପ୍ରଶାନ୍ତ ଜେନା, ସୁରଜ ରାଉତ ଓ ସୁବ୍ରତ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ। ଏହି ଗୋ-ସମ୍ବର୍ଦ୍ଧନା ଉତ୍ସବକୁ ସୁରଜ ରାଉତ, ରାଧାକାନ୍ତ ନାଥ, ସୁବ୍ରତ ମଲ୍ଲିକ, ତାପସ ପଣ୍ଡା, ଆକାଶ ପଣ୍ଡା, ବିକାଶ ସାହୁ, ପ୍ରକାଶ ସାହୁ, ପ୍ରକାଶ ପଣ୍ଡା, ବିକାଶ ପଣ୍ଡା, ଶୈଳେନ୍ଦ୍ର ବେହେରା, ତାପସ ସାହୁ, ସୁଶାନ୍ତ ବେହେରା, ଅନ୍ତରା ମଲିକ ପ୍ରମୁଖ ପରିଚାଳନା କରିଥିଲେ। ଗୋ-ସମ୍ବର୍ଦ୍ଧନା ଉତ୍ସବ ଉପଲକ୍ଷେ ରାଧାମୋହନଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହିତ ନାମ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା।

# ଗୋଟିଏ ଦିନରେ ପଡ଼େ ଓକିଲପାଳ ଗାଁରେ ସମୂହ ଶ୍ରାଦ୍ଧ

**ରାଜନଗର, ୨।୧୧(ସମିସ)**



ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର ଓକିଲପାଳ ଗାଁ। ଯେଉଁଠି ଗୋଟିଏ ଦିନରେ ପଡ଼େ ଗାଁ ସମୂହର ଶ୍ରାଦ୍ଧ। ଏହିଦିନ ନିଜର ପୂର୍ବଜଙ୍କୁ ପିଣ୍ଡଦାନ କରିଥା'ନ୍ତି ଗାଁ ଲୋକେ। ଆଜିବି ଏହି ଗାଁର ବୟସ୍କ ଲୋକଙ୍କ ମନରେ ୧୯୭୧ ମହାବାତ୍ୟାର ଭୟଙ୍କର ସ୍ମୃତି ସତେଜ ରହିଛି। ଏହା ମଧ୍ୟରେ ପାଞ୍ଚ ଦଶନ୍ଧି ବିତିଗଲାଣି। ଏହି ଗାଁର ବୟସ୍କ ସନାତନ ସାମଲ ନିଜ ପରିବାରର ୬ ଜଣ ଲୋକଙ୍କୁ ହରାଇଥିଲେ। ଆଜି ବି ସେ କଥା ମନେ ପଡ଼ିଲେ ତାଙ୍କ ଆଖିରୁ ଲୁହ ଝରିପଡ଼େ। ବୟସ୍କା ମହିଳା ଦୁର୍ଗା ଦଳପତି କହନ୍ତି, ତାଙ୍କ ପରିବାରର ୧୭ ଜଣ ଲୋକ ଭୟଙ୍କର ମହାବାତ୍ୟାରେ ଭାସିଗଲେ। ସେ ଏକ ପାଳଗଦା ଉପରେ ରହିଗଲେ। ଯଦୁମଣି ପରିଡ଼ା କୁହନ୍ତି, ତାଙ୍କ ପରିବାରର ୫ ଜଣ ସଦସ୍ୟଙ୍କୁ ବାତ୍ୟାରେ ହରାଇଥିଲେ। ବିବାହର ମାତ୍ର ସପ୍ତାହେ ବିତିଥାଏ। ବାପାମାଆ, ଜେଜେମା ଓ ଭଉଣୀଙ୍କ ସହିତ ତାଙ୍କ ନବବିବାହିତା ପତ୍ନୀ ଭାସିଯାଇଥିଲେ। ଆଜି ବି ସେ ୫୫ ବର୍ଷ ପରେ ସେ ଦୁଃଖକୁ ଭୁଲି ପାରିନାହାନ୍ତି। କାଳନ୍ଦୀ ମହାରଣା, ଶଙ୍କର୍ଷଣ ଲେଙ୍କା, କୁନିଲତା ପାତ୍ର ଓ ବିଚିତ୍ର ଦାସ ପ୍ରମୁଖ ମହାବାତ୍ୟାର ସ୍ମୃତି ସାଉଁଟୁଥିବାବେଳେ ସେମାନଙ୍କ ଆଖିରେ ଲୁହ ଜକେଇ ଆସୁଥିଲା।

ପୁରୁଣା ସାତଭାୟାର ଗୋବିନ୍ଦପୁର ଗାଁ। ସାତଭାୟାର ସାତଟି ଗାଁ ମଧ୍ୟରୁ ସମୁଦ୍ରକୂଳରେ ଅବସ୍ଥିତ ଗୋବିନ୍ଦପୁର ଅନ୍ୟତମ। ୧୯୭୧ ଅକ୍ଟୋବର ମାସ ୨୯ ଓ ୩୦ ତାରିଖ ଦିନ ମହାବାତ୍ୟା ମହାତାଣ୍ଡବ ରଚିଥିଲା। ଏହି ଗାଁରେ ରହୁଥିଲେ ୧୮୪ ପରିବାରର ୧୧୭୫ ଜଣ ଲୋକ। ମହାବାତ୍ୟାର ମହାବିଭୀଷିକାରେ ଏହି ପରିବାର ଉଚ୍ଛନ୍ନ ହୋଇଗଲେ। ୩୨ଟି ପରିବାର ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲେ। ଏହି ଗାଁର ୭୫୨ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଗାଁଟି ସମ୍ପୂର୍ଣ୍ଣ ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା ବୋଲି କହନ୍ତି ସନ୍ତୋଷ ମଣ୍ଡଳ।

**୧୯୭୧ ମହାବାତ୍ୟା ସ୍ମୃତି ଆଜି ବି ପରିବାର ଲୋକଙ୍କ ମନରେ ରହିଛି ସତେଜ**

ମହାବାତ୍ୟା ପରେ ୧୫୨ଟି ପରିବାରର ମାତ୍ର ୪୦୩ ଜଣ ଲୋକ ଜୀବିତ ଥିଲେ। ସମୁଦ୍ରକୂଳରେ ଥିବା ନିଜ ଗାଁକୁ ଫେରି ଘରଦ୍ୱାର କରିବାର ଇଚ୍ଛା ମଉଳିଗଲା। ମହାନ ସ୍ୱାଧିନତା ସଂଗ୍ରାମୀ ଭୂଦାନ ଆନ୍ଦୋଳନର ନେତ୍ରୀ ମା' ରମାଦେବୀ ଏହି ଅସହାୟ ପରିବାରକୁ ଓକିଲପାଳଠାରେ ଥଇଥାନ କରିବା ପାଇଁ ସହାୟତାର ହାତ ବଢ଼ାଇଲେ। ସାତଭାୟାର ଗୋବିନ୍ଦପୁର କେବଳ ସରକାରୀ କାଗଜପତ୍ରରେ ରହିଗଲା। ଓକିଲପାଳକୁ ସ୍ଥାୟୀ ଠିକଣା କରିବା ସହ ସେବେଠାରୁ ଆଜିଯାଏ ଏହି ଗାଁରେ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ସମଗ୍ର ଗାଁ ଲୋକେ ପିଣ୍ଡଦାନ କରିଥା'ନ୍ତି। ଯାହା ଅନ୍ୟତ୍ର ଦେଖାଯାଏନାହିଁ। ସବୁଠୁ ବଡକଥା ହେଲା, ଯେଉଁ ୩୨ଟି ପରିବାର ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିଲେ ସେମାନଙ୍କ ଉଦ୍ଦେଶ୍ୟରେ ଓକିଲପାଳର ଗଣେଶ ପୂଜା କମିଟି କିଛି ବର୍ଷ ହେବ ସାମୂହିକ ପିଣ୍ଡଦାନ କରିଆସୁଛି। କମିଟି ସଭାପତି ତଥା ଗୁପ୍ତିର ନାଏବ ସରପଞ୍ଚ ସର୍ବେଶ୍ୱର ବିଶ୍ୱାଳଙ୍କ ସହ ସମସ୍ତ ସଭ୍ୟସଭ୍ୟା ଶ୍ରଦ୍ଧାର ସହ ଏହି ସାମୂହିକ ପିଣ୍ଡଦାନ କରିଛନ୍ତି।

# ମା' ଶାରଳା ପୀଠରେ 'ବାଣୀପର୍ବ' ଲୋଗୋ ଉନ୍ମୋଚିତ

ଜଗତସିଂହପୁର/ତିର୍ତ୍ତୋଲ,୨।୧୧(ସମିସ):




ମା' ଶାରଳାଙ୍କ ପୀଠରେ ବାଣୀକ୍ଷେତ୍ର ସାହିତ୍ୟ ମହୋତ୍ସବ 'ବାଣୀପର୍ବ'ର ଲୋଗୋ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ୮ଟି ବ୍ଲକ ଓ ଦୁଇ ପୌରାଞ୍ଚଳରେ ସକ୍ରିୟ ରହିଥିବା ବିଭିନ୍ନ ସାହିତ୍ୟ, ସାଂସ୍କୃତିକ, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ସାମାଜିକ କର୍ମୀ ଗୌରାଙ୍ଗ ହୋତାଙ୍କ ପୌରୋହିତ୍ୟରେ ଜଗତସିଂହପୁରର ସାଂସଦ ଡଃ ବିଭୁପ୍ରସାଦ ତରାଇ ମୁଖ୍ୟଅତିଥି, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ସମ୍ମାନିତ ଅତିଥି, ଶାରଳା ମନ୍ଦିରର ମୁଖ୍ୟ ପୂଜକ ରଞ୍ଜନ ପଣ୍ଡା, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, କ୍ୟାପଟେନ ସଞ୍ଜୀବ ମୁଦୁଲି ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଏହି ସାହିତ୍ୟ ପର୍ବର ଲୋଗୋ ଉନ୍ମୋଚନ କରିଥିଲେ।

ପ୍ରଭାତରୁ ଅନୁଷ୍ଠାନ ପକ୍ଷରୁ ସାରଳା ଦାସଙ୍କ ଜନ୍ମସ୍ଥଳୀ କାଳୀନାଗଠାରେ ଆଦିକବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସାରଳା ରୋଡସ୍ଥ ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମା' ଶାରଳାଙ୍କ ମନ୍ଦିରରେ ଅତ୍ୟନ୍ତ ଭକ୍ତିପୂର୍ଣ୍ଣ ପରିବେଶରେ ବାଣୀପର୍ବର ଲୋଗୋ ଅର୍ପଣ ସହିତ ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଶତାଧିକ ଅନୁଷ୍ଠାନର ସଭାପତି ଓ ସମ୍ପାଦକ ଯୋଗଦେଇ ଜିଲ୍ଲାରେ ହେବାକୁ ଯାଉଥିବା ପ୍ରଥମ ଜାତୀୟ ପର୍ବକୁ ଅତ୍ୟନ୍ତ ଦିବ୍ୟ ଓ ଭବ୍ୟ କରିବା ପାଇଁ ନିଜର ସମର୍ଥନ ଦେବା ସହିତ ଅନେକ ମୂଲ୍ୟବାନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ସାଂସଦ ଡଃ ତରାଇ ଏହି ପ୍ରୟାସ ମାଧ୍ୟମରେ ସାରଳା ଦାସଙ୍କ କୃତିକୁ ବିଶ୍ୱ ଦରବାରରେ ସଫଳତାର ସହିତ ଉପସ୍ଥାପନ କରିବା ପାଇଁ ସମସ୍ତ ପ୍ରସ୍ତୁତି କରାଯିବ ବୋଲି ମତ ଦେଇଥିଲେ। ବିଧାୟକ ଶ୍ରୀ ଭୋଇ ଏହାକୁ ଏକ ଅଭିନବ ପ୍ରଚେଷ୍ଟା ବୋଲି କହିବା ସହିତ ଏହାର ସଫଳତା ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ। ଆବାହକ ଶ୍ରୀ ରାଉତ ବାଣୀପର୍ବ ଆୟୋଜନର ଆବଶ୍ୟକତା ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ଆଗାମୀ ତିନିମାସ ମଧ୍ୟରେ ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌର ପରିଷଦ ଅଞ୍ଚଳରେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ବାଣୀପର୍ବ ସମ୍ପର୍କିତ ସାହିତ୍ୟ ଆଲୋଚନା ଅନୁଷ୍ଠିତ ହେବ। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ ଅନୁଷ୍ଠାନ ଦ୍ୱାରା ସାରଳା ଦାସଙ୍କ ସୃଷ୍ଟି ଉପରେ ଆଧାରିତ ସାହିତ୍ୟ ଆଲୋଚନାଚକ୍ର ଅୟୋଜନ କରାଯିବ ବୋଲି ଶ୍ରୀ ରାଉତ ସୂଚନା ଦେଇଥିଲେ। ଏଥିସହିତ ଦେଶର ବିଭିନ୍ନ ମେଟ୍ରୋ ସିଟି ଓ ଭାରତ ବାହାରେ ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସାରଳା ସାହିତ୍ୟ ଆଲୋଚନାଚକ୍ର ଅୟୋଜନ କରାଯିବ। ସାରଳା ଦାସଙ୍କ ଶ୍ରାଦ୍ଧ ଦିବସରେ ତିନିଦିନ ଧରି ସମାବର୍ତ୍ତନ ଉତ୍ସବରେ ମହାମହିମ ରାଷ୍ଟ୍ରପତି, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରଜ୍ୟମନ୍ତ୍ରୀ, ବିଶିଷ୍ଟ ସାହିତ୍ୟିକ, ଗବେଷକ, ଭାଷାବିତ୍, ବିଶିଷ୍ଟ ବ୍ୟକ୍ତିଙ୍କୁ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଆଜି କାର୍ଯ୍ୟକ୍ରମରେ ଅଧ୍ୟାପକ ଭଗବାନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ନେହମୟୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଡଃ ସୁରେନ୍ଦ୍ର ତ୍ରିପାଠୀ ଓ ଡଃ ସିଦ୍ଧେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ପ୍ରଧାନ, ନଗେନ୍ଦ୍ର ସ୍ୱାଇଁ, ଦେବୀପ୍ରସାଦ ତ୍ରିପାଠୀ, ବିବେକାନନ୍ଦ ହୋତା, ଅମରଜ୍ୟୋତି ସାହୁ, ହେମନ୍ତ ନାୟକ, ସରୋଜିନୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ପାରାଦୀପ ବନ୍ଦର ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ଗଣଦୌଡ଼

ପାରାଦୀପ,୨।୧୧(ସମିସ): ଦୁର୍ନୀତି ନିର୍ବାରଣ ସଚେତନତା ସପ୍ତାହ ଅବସରରେ ପାରାଦୀପ ବନ୍ଦର ପକ୍ଷରୁ ଏକ ଗଣଦୌଡ ଆଜି ସକାଳେ ଆୟୋଜିତ ହୋଇଥିଲା। ପାରାଦୀପ ବଡ଼ପଡିଆସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ପତାକା ଦେଖାଇ ଏହି ଗଣଦୌଡର ଶୁଭାରମ୍ଭ କରିଥିଲେ। ଭାରପ୍ରାପ୍ତ ଉପାଧ୍ୟକ୍ଷ କ୍ୟାପଟେନ୍ ଏ.ସି. ସାହୁଙ୍କ ସମେତ ବିଭାଗୀୟ ମୁଖ୍ୟ, ଅଧିକାରୀ ଓ ଛାତ୍ରଛାତ୍ରୀ ଏହି ଦୌଡ଼ରେ ସାମିଲ ହୋଇଥିଲେ। ସ୍ୱଚ୍ଛତା, ଦାୟିତ୍ୱବୋଧତାକୁ ଗୁରୁତ୍ୱ ଦେଇ ଏହି ଗଣଦୌଡ ସହର ମଧ୍ୟ ଦେଇ ପ୍ରଶାସନିକ ଭବନରେ ପହଞ୍ଚିଥିଲା। ସ୍ୱଚ୍ଛତା ଦାୟିତ୍ୱବୋଧତା ଆମର ଲକ୍ଷ୍ୟ। ଆମେ ଏହାକୁ ଗୁରୁତ୍ୱ ଦେଇ କାମ କଲେ ସଫଳତା ହାସଲ କରିପାରିବା ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ।



## ରାଷ୍ଟ୍ରୀୟ ପ୍ରତୀକର ଦୁରୂପଯୋଗ ନିବାରଣ ପାଇଁ ଜନସାଧାରଣଙ୍କୁ ପରାମର୍ଶ

ଜଗତସିଂହପୁର,୨।୧୧(ସମିସ): ରାଜସ୍ୱ ବିଭାଗୀୟ ଆୟୁକ୍ତଙ୍କ ନିର୍ଦ୍ଦେଶ ଅନୁଯାୟୀ ଜଗତସିଂହପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଭାରତ ସରକାରଙ୍କ ରାଷ୍ଟ୍ରୀୟ ପ୍ରତୀକର ଦୁରୂପଯୋଗ ବା ଅନୁମତି ବିହୀନ ବ୍ୟବହାର ଆଇନ ଅନୁଯାୟୀ ଅପରାଧ ସମାନ। ରାଷ୍ଟ୍ରୀୟ ପ୍ରତୀକ ହେଉଛି ଭାରତ ସରକାରଙ୍କ ମର୍ଯ୍ୟାଦା, ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ। ଏହାର ଅନୁଚିତ ବ୍ୟବହାର ରାଷ୍ଟ୍ରୀୟ ପ୍ରତୀକ ଆଇନ, ୨୦୦୫ ଅନୁଯାୟୀ ଦଣ୍ଡନୀୟ ଅପରାଧ। ତେଣୁ ଜିଲ୍ଲାର ସମସ୍ତ ନାଗରିକ, ସଂସ୍ଥା, ବ୍ୟବସାୟିକ ସଂଗଠନ ଓ ମିଡିଆ ପ୍ରତିଷ୍ଠାନଙ୍କୁ ଅନୁରୋଧ ରାଷ୍ଟ୍ରୀୟ ପ୍ରତୀକର ସମ୍ମାନ ରକ୍ଷା କରି ଏହାକୁ କେବଳ ସରକାରୀ ନିୟମ ଅନୁସାରେ ବ୍ୟବହାର କରନ୍ତୁ।

## କୋଷ୍ଟଗାର୍ଡ କମାଣ୍ଡାଣ୍ଟଙ୍କ ନାମରେ ଥାନାରେ ଅଭିଯୋଗ

ପାରାଦୀପ, ୨।୧୧ (ସମିସ): ଭାରତୀୟ ତଟରକ୍ଷୀ ବାହିନୀ କମାଣ୍ଡାଣ୍ଟ ନୀତିନ ମୋହନ ରାଫୋରଙ୍କ ନାମରେ ଭାରତୀୟ ତଟରକ୍ଷୀ ବାହିନୀର ରାଜେନ୍ଦ୍ର ପ୍ରସାଦ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି, କମାଣ୍ଡାଣ୍ଟ ନୀତିନ ମୋହନ ରାଫୋର ତାଙ୍କୁ ଏକ ବନ୍ଦ ଘରେ ପୂରାଇ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ମୋବାଇଲ ଛଡ଼ାଇ ନେଇଥଲେ। ରାଜେନ୍ଦ୍ର ପ୍ରସାଦ କୌଶଳକ୍ରମେ ସେଠାରୁ ଖସି ଆସି ପାରାଦୀପ ଆଦର୍ଶ ଥାନାରେ କମାଣ୍ଡାଣ୍ଟଙ୍କ ନାମରେ ଏତଲା ଦେଇଥିଲେ। ସେହିପରି କିଛି ସମୟ ପରେ ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ରାଜେନ୍ଦ୍ର ପ୍ରସାଦଙ୍କ ନାମରେ କମାଣ୍ଡାଣ୍ଟ ନୀତିନ ମୋହନ ରାଫୋର ପାଲଟା ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ପତ୍ରରେ ସେ ଦର୍ଶାଇଛନ୍ତି ଯେ ରାଜେନ୍ଦ୍ର ପ୍ରସାଦ ନିଜ ମୋବାଇଲରେ କୋଷ୍ଟଗାର୍ଡ ପରିସରରେ ବିଭିନ୍ନ ସ୍ଥାନର ଫଟୋ ଉତ୍ତୋଳନ କରୁଥିଲେ। ଯାହା ଭାରତୀୟ ତଟରକ୍ଷୀ ବାହିନୀର ନିୟମ ବିରୋଧୀ ଅଟେ। ଦୁଇଟି ଯାକ ରିପୋର୍ଟ ପାରାଦୀପ ଆଦର୍ଶ ଥାନାରେ ପହଞ୍ଚିବା ପରେ ଥାନା ଅଧିକାରୀ କାବୁଲି ବାରିକ ଏଏସଆଇ ଏନକେ ସ୍ୱାଇଁଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି। ଏ ନେଇ ଥାନାରେ ଦୁଇଟି ଅଲଗା ଅଲଗା ମାମଲା ରୁଜୁ କରାଯିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ରଘୁନାଥପୁର ବ୍ଲକ୍‌ରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ରଘୁନାଥପୁର,୨।୧୧(ସମିସ): ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଅଭିବୃଦ୍ଧି ଓ ଚାଷୀଙ୍କ ଆର୍ଥିକ ଉନ୍ନତି ପାଇଁ ରଘୁନାଥପୁର ବ୍ଲକ୍ ଅଢ଼େଇକୂଳ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଉଦଘାଟନ କରି ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାରଙ୍କ ପ୍ରଦତ୍ତ ବିଭିନ୍ନ ପ୍ରକାରର ଯୋଜନା ସ୍ୱାଗତଯୋଗ୍ୟ ହୋଇଥିବାବେଳେ ତୃଣମୂଳ ସ୍ତରରେ ଏହା କିପରି କାର୍ଯ୍ୟ କରୁଛି, ସେଥିପ୍ରତି ସରକାର ତୀକ୍ଷଣ ନଜର ଦେବା ଦରକାର ବୋଲି କହିଥିଲେ। ସରକାରଙ୍କ ପ୍ରଦତ୍ତ ଗୋପାଳନ ଯୋଜନାରେ ଦୁଗ୍ଧ ଚାଷୀ ରିହାତି ପାଇ ବାହାର ରାଜ୍ୟରୁ ଉନ୍ନତମାନର ଗାଇ କିଣି ଆଣୁଥିବାବେଳେ ସେଗୁଡ଼ିକ ମୂଲ୍ୟ ଅନୁଯାୟୀ ବହୁ କ୍ଷୀର କମ୍ ଦେଉଥିବାରୁ ସଂପୃକ୍ତ ଚାଷୀ କ୍ଷତି ସହୁଥିବା ଓ ସରକାରଙ୍କ ଆର୍ଥିକ ସହାୟତା ବାଟମାରଣା ହେଉଥିବା ସେ ସୂଚନା ପ୍ରଦାନ କରିଥିଲେ।



ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଣୀ ସମ୍ପଦ ଅତିରିକ୍ତ ନିର୍ଦ୍ଦେଶକ ଡ. ମିହିର କୁମାର ନାୟକ ଯୋଗଦେଇ ଚାଷୀ ଗୋପାଳନ କରି ନିଜର ଆର୍ଥିକ ଅଭିବୃଦ୍ଧି କରିପାରିବେ। ଏଥିପାଇଁ ସରକାରଙ୍କ ଦ୍ୱାରା ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡକ୍ଟର ଅଜୟ କୁମାର ସାହୁ, ସାଂସଦ ପ୍ରତିନିଧି ଗଗନ ଦାଶ, ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ ଓ ଅଢ଼େଇକୂଳ ସମିତି ସଭ୍ୟା ମୀତାଞ୍ଜଳି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ରଘୁନାଥପୁର ପ୍ରାଣୀଧନ ଚିକିତ୍ସକ ଡ. ଚିନ୍ମୟ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ପ୍ରାଣୀଧନ ଚିକିତ୍ସକ ଡଃ ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ରଘୁନାଥପୁର ଏସଏଫଟିଏ ଅନୀତା ବେହୁରା, ଜେଏଫଟିଏ ସନ୍ତୋଷିନୀ ସାହୁ, ପ୍ରଭାସିନୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଗୋପାଳନ ଓ ମତ୍ସ୍ୟଚାଷ କ୍ଷେତ୍ରରେ ଆଗୁଆ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ମେଳାରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ୪ଟି ଷ୍ଟଲ ଖୋଲାଯାଇଥିବାବେଳେ ଅନୁପ ସ୍ୱାଇଁ, ସରପଞ୍ଚ ବଟକୃଷ୍ଣ ନାୟକ, ସରପଞ୍ଚ ସୁଶୀଲ ବାରିକ, ସରପଞ୍ଚ ଧର୍ମାନନ୍ଦ ସେଠୀ, ସରପଞ୍ଚ ମନୋଜିନୀ ସାହୁ, ସରପଞ୍ଚ ପ୍ରଭାସିନୀ ପ୍ରଧାନ, ସରପଞ୍ଚ ବନମାଳୀ ସାହୁ, ସମିତି ସଭ୍ୟ ବିଶ୍ୱଜିତ ଦାଶ, ସମିତି ସଭ୍ୟ ସ୍ୱଦେଶ ଦାସ, ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ ପ୍ରମୁଖ ସାମିଲ ଥିଲେ।

## ଗୀତା ଆବୃତ୍ତି ପ୍ରତିଯୋଗିତା




କୁଜଙ୍ଗ, ୨।୧୧(ସମିସ): ସ୍ଥାନୀୟ ନ୍ୟାସନାଲ ସ୍କୁଲ ପରିସରରେ ବ୍ଲକ୍‌ସ୍ତରୀୟ ସପ୍ତମ ଶ୍ରୀମଦ ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଚାରକଙ୍କ ଦ୍ୱାରା ୧ମ, ୨ୟ, ୩ୟ ମନୋନୀତ କରାଯାଇଥିଲା। ଗ୍ରୁପ୍-ଏରୁ ସୁଷମା ସରଙ୍ଗୀ ପଲାଇ, ଅଂଶୁମାନ ସାହୁ, ଆୟୁଷମାନ ସାହୁ, ଗ୍ରୁପ୍-ବିରୁ ସମ୍ପୂର୍ଣ୍ଣା ସ୍ୱାଇଁ, ସୋମନାଥ ସାହୁ, ଦିବ୍ୟଜ୍ୟୋତି ମହାପାତ୍ର, ଅର୍ପିତା ଦାସ, ଗ୍ରୁପ-ସିରୁ ଶ୍ରୁତି ପଟ୍ଟନାୟକ, ପୂଜାରାଣୀ ତ୍ରିପାଠୀ, ମାମୁନୀ ମୁଦୁଲୀ ଓ ଗ୍ରୁପ୍-ଡିରୁ ମୀରା ଡାକେ ଲେଙ୍ଗା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲେ। ବିଚାରକ ଭାବେ ଶ୍ରୀକାନ୍ତ ଶତପଥୀ, ଅଞ୍ଜନା ମହାନ୍ତି, ପ୍ରତିଭା ମିଶ୍ର, ସରୋଜିନୀ ସାହୁ, ସୁଶ୍ରୀ ସଂଗୀତା ମିଶ୍ର, ଜୟନ୍ତୀ ଦାସ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କ ଆବୃତ୍ତିକୁ ମୂଲ୍ୟାଙ୍କନ କରିଥିଲେ। ଉକ୍ତ କାର୍ଯ୍ୟକୁ ଜିଲ୍ଲା ସଂଯୋଜକ ପଣ୍ଡିତ ବାସବ ନନ୍ଦ ପରିଚାଳନା କରିଥିଲେ। ନ୍ୟାସ୍‌ନାଲ୍ ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିବାବେଳେ ସ୍କୁଲ ଉପାଧ୍ୟକ୍ଷ ଓ କାର୍ଯ୍ୟକ୍ରମ ସହସଞ୍ଚାଳକ ସଞ୍ଜୟ ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୩୦ ତାରିଖରେ ଜଗତସିଂହପୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ହେବ ବୋଲି ଜିଲ୍ଲା ସଂଯୋଜକ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ସୂଚନା ପ୍ରଦାନ କରିଥିଲେ।

## ଶ୍ରମିକ ନେତା ତନ୍ମୟ ଜେନାଙ୍କ ପାରାଦୀପ ଗସ୍ତ



ପାରାଦୀପ,୨।୧୧(ସମିସ): ପାରାଦୀପ ଗସ୍ତରେ ଆସିଛନ୍ତି ସର୍ବଭାରତୀୟ ଶ୍ରମିକ ନେତା ତନ୍ମୟକୁମାର ଜେନା। ହଜାର ହଜାର ଶ୍ରମିକ ଦୋଛକିରେ ଶ୍ରମିକ ନେତା ଶ୍ରୀ ଜେନାଙ୍କୁ ସ୍ୱାଗତ କରି ବଡ଼ପଡିଆସ୍ଥ ସଂଘ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ଶ୍ରୀ ଜେନା ତିନିଦିନ ଧରି ପାରାଦୀପରେ ରହିବା ସହିତ ଭାରତୀୟ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷଙ୍କ ସହ ଶ୍ରମିକଙ୍କ ସେଟେଲମେଣ୍ଟ ସମ୍ପର୍କରେ ଆଲୋଚନା କରିବେ। ଏଠାରେ ଶ୍ରମିକମାନେ ଠିକାଦାର ଓ ସଂଗଠନ ଦ୍ୱାରା ଶୋଷିତ ହେଉଥିବାବେଳେ ଶ୍ରମିକମାନେ କିପରି ସେମାନଙ୍କର ନାର୍ଯ୍ୟ ଦାବି ହାସଲ କରିବେ, ସେନେଇ ଆଗାମୀ ଦିନରେ ଅନେକ କାର୍ଯ୍ୟପନ୍ଥା ସଂଘ ପକ୍ଷରୁ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମକୁ ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ରାତାରାତି ଗଢି ଉଠୁଥିବା ଶ୍ରମିକ ସଂଗଠନ ହିଁ ଶ୍ରମିକଙ୍କ ଶତ୍ରୁ ଓ ନିଜ ଫାଇଦା ପାଇଁ ସେମାନେ ସଂଗଠନ ଗଢି କମ୍ପାନୀ ସହ ସାଲିସ କରୁଛନ୍ତି। କମ୍ପାନୀରୁ ଅର୍ଥ ଆଣି ନିଜେ ମାଲାମାଲ ହେଉଥିବାବେଳେ ଶ୍ରମିକମାନେ ଯେଉଁ ଅବସ୍ଥାରେ ଅଛନ୍ତି ସେହି ଅବସ୍ଥାରେ ରହୁଥିବା ଶ୍ରମିକ ନେତା ତନ୍ମୟ ଜେନା ପ୍ରକାଶ କରିଛନ୍ତି। ତନ୍ମୟ ଜେନା ଶ୍ରମିକ ନେତା ଘନଶ୍ୟାମ ଜେନାଙ୍କ ପୁଅ। ତାଙ୍କ ସହ ଆରଏନ ଦାସ ଆସିଥିବାବେଳେ ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିଅନର ସାଧାରଣ ସମ୍ପାଦକ ସନାତନ ବେହେରା, ପରେଶ ପ୍ରଧାନ, କୁମର ରାଉତ, ନୃସିଂହ ଜେନା, ରଜନୀ ସ୍ୱାଇଁ, ପ୍ରମୋଦ ପାଲଟା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଏଏମ୍‌ଏନଏସ ପୋର୍ଟସ୍ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପ୍ରସ୍ତୁତି ସାମଗ୍ରୀ ପ୍ରଦାନ



ପାରାଦୀପ,୨।୧୧(ସମିସ): ଯୁବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୈକ୍ଷିକ ଉତ୍କର୍ଷତା ଓ ଆତ୍ମବିଶ୍ୱାସ ବୃଦ୍ଧି କରିବା ପାଇଁ ଏଏମ୍‌ଏନଏସ ପୋର୍ଟସ୍ ଏହାର ପ୍ରମୁଖ ପ୍ରକଳ୍ପ 'ପଢେଗା ଭାରତ' ଅଧୀନରେ ପାରାଦୀପର ମା' ଅମ୍ବିକା ହାଇସ୍କୁଲରେ ପରୀକ୍ଷା ପ୍ରସ୍ତୁତି ଉପରେ ଏକ ଅଧିବେଶନ ଆୟୋଜନ କରିଥିଲା। ଯେଉଁଠାରେ ଆଗାମୀ ଦଶମ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ସ୍କୁଲର ୫୪ ଜଣ ଛାତ୍ରଛାତ୍ରୀଙ୍କୁ ଅଭ୍ୟାସ ପରୀକ୍ଷା ପତ୍ର ପ୍ରଦାନ କରାଯାଇଥିଲା। ଅଭ୍ୟାସ ପରୀକ୍ଷା ପତ୍ର ବଣ୍ଟନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସମର୍ଥନ କରିବା, ସେମାନଙ୍କ ପ୍ରସ୍ତୁତିକୁ ମଜବୁତ କରିବା, ପରୀକ୍ଷା ସମ୍ବନ୍ଧୀୟ ଚାପ ପରିଚାଳନା କରିବା ଓ ସେମାନଙ୍କ କ୍ୟାରିଅରର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ପୂର୍ବରୁ ଆତ୍ମବିଶ୍ୱାସ ସୃଷ୍ଟି କରିବା ଏହାର ଲକ୍ଷ୍ୟ ଅଟେ। ଏହି କାର୍ଯ୍ୟକ୍ରମରେ ପାରାଦୀପର କ୍ଲଷ୍ଟର ରିସୋର୍ସ ସେଣ୍ଟର ସଂଯୋଜକ (ସିଆରସିସି) ସୁକାନ୍ତ ସ୍ୱାଇଁ, ଏଏମ୍‌ଏନଏସ ପୋର୍ଟସର ଅର୍ଥ ବିଭାଗ ମୁଖ୍ୟ ପ୍ରଶାନ୍ତ ବେହେରା, ନରେନ୍ଦ୍ର ରାଉତ ଓ ମା' ଅମ୍ବିକା ହାଇସ୍କୁଲର ପ୍ରଧାନଶିକ୍ଷକ ଭ୍ରମରବର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଏମଏନଏସ ପୋର୍ଟସର ମୁଖ୍ୟ ଶ୍ରୀ ବେହେରା ଦୃଢ଼ ଶୈକ୍ଷିକ ଭିତ୍ତିଭୂମି ଉପରେ ଗୁରୁତ୍ୱାରୋପ କରି କହିଥିଲେ, ଏହି ପରୀକ୍ଷା ପ୍ରତ୍ୟେକ ଛାତ୍ରର ଭବିଷ୍ୟତ ପାଇଁ ଏକ ପାହାଚ। ସଠିକ୍ ପ୍ରସ୍ତୁତି, ଶୃଙ୍ଖଳା ଓ ଆତ୍ମବିଶ୍ୱାସ ସହିତ ସଫଳତା ସ୍ୱାଭାବିକ ଭାବରେ ଆସିଥାଏ। ସିଆରସିସି ଶ୍ରୀ ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ଶାନ୍ତ ଓ ଏକାଗ୍ର ରହିବାକୁ ଉତ୍ସାହିତ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଏରସମା,୨।୧୧(ସମିସ): ଏରସମା ବ୍ଲକ୍‌ରେ ଭୀମଭାଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ବିଡିଓ ଦାଶରଥି ଜେନା, ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ବ୍ଲକ୍ ଜନମଙ୍ଗଳ ଅଧିକାରୀ ଗୁରୁପ୍ରସନ୍ନ ସାହୁ, ନଳିନୀ ରଞ୍ଜନ ମନ୍ତ୍ରୀ ପ୍ରମୁଖ ପରିଚାଳନା କରିଥିଲେ। ଅସ୍ଥିଶଲ୍ୟ ୧୦୩, ସ୍ନାୟବିକ ୪୧, ମାନସିକ ଅସୁସ୍ଥତା ୪୩, ଶ୍ରବଣବାଧିତ ୩୨, ଦୃଷ୍ଟିବାଧିତ ୩୭, ଭେଷଜ ୮, ଶିଶୁ ରୋଗ ୭ ଜଣ ମୋଟ ୨୭୧ ଜଣ ନାମ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୬୪ ଜଣ ଭିନ୍ନକ୍ଷମଙ୍କୁ ଡାକ୍ତର ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଅସ୍ଥିଶଲ୍ୟ ବିଭାଗର ଡା ବିଜୟଶ୍ରୀ ଦୁର୍ଗାପ୍ରସାଦ ରାଉତ, ସିଦ୍ଧାର୍ଥ ମହାନ୍ତି, ମାନସିକ ବିଭାଗର ଡା ସ୍ୱୟଂସିଦ୍ଧ ଦାସ, ମନୋଜ ପରିଡା, ସ୍ନାୟୁ ବିଭାଗର ଡା ସୁଶାନ୍ତ ଖିଲାର, ଶ୍ରବଣ ବିଭାଗର ଡା ଶ୍ରୀମନ୍ତିନୀ ରାଉତ, ଚକ୍ଷୁ ବିଭାଗର ଡା ଆୟସକାନ୍ତା ଦାସ, ଶିଶୁ ରୋଗ ବିଶେଷଜ୍ଞ ଡା ହିମାଂଶୁ ଶେଖର ସାହୁ, ଭେଷଜ ବିଭାଗର ଡା ପ୍ରସନ୍ନ ସାମଲ, ଅଡିଓଲୋଜିଷ୍ଟ ରାଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ହୋଇ ରୋଗ ଚିହ୍ନଟ କରିଥିଲେ।



## ଉତ୍କଳ ରାମକୃଷ୍ଣ ସେବାସଂଘ ପକ୍ଷରୁ ବିଦ୍ୟାର୍ଥୀ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ




ଜଗତସିଂହପୁର,୨।୧୧(ସମିସ): ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଜଗତସିଂହପୁର ଜିଲ୍ଲା ଶାଖା ଓ ଭୁବନେଶ୍ୱରସ୍ଥ ଉତ୍କଳ ରାମକୃଷ୍ଣ ସେବାସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ନାରାୟଣୀ କଲେଜ ଅଫ୍ ନର୍ସିଂ ପରିସରରେ ବିବେକାନନ୍ଦ ବକ୍ତୃତା ମାଳା 'ଉଦ୍‌ବୋଧନୀ' ତଥା ବିଦ୍ୟାର୍ଥୀ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷା କଳ୍ପନା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ସଂସଦ ଅଧ୍ୟକ୍ଷ ସୌମ୍ୟରଞ୍ଜନ ନାୟକ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଧ୍ୟାପିକା ମାଳତୀ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ରାମକୃଷ୍ଣ ସେବା ସଂଘର ପ୍ରବକ୍ତା ଜୟନ୍ତ ମହାନ୍ତି, ମୁଖ୍ୟଅତିଥି ଭାବେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଓଡ଼ିଶା ପୂର୍ବ ସମ୍ଭାଗ ମୋ ଗାଁ ପରିଷଦ (ପରିବେଶ)ର ସଂଯୋଜକ ଉତ୍କଳ ରଞ୍ଜନ ମହାନ୍ତି ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ୧୮୯୩ ସେପ୍ଟେମ୍ବର ୧୧ ତାରିଖ ଆମେରିକାର ଚିକାଗୋ ସହରସ୍ଥ କଲମ୍ବସ୍ ହଲରେ ଆୟୋଜିତ ବିଶ୍ୱ ଧର୍ମସଭାରେ ହିନ୍ଦୁଧର୍ମର ପ୍ରତିନିଧି ଭାବେ ଉପସ୍ଥାପିତ କରିଥିବା ବକ୍ତବ୍ୟର ସାରାଂଶ ଉପସ୍ଥାପିତ କରିବା ସହ ସେହି ଯୋଗଜନ୍ମା କାଳଜୟୀ ମହାନ୍ ବିଶ୍ୱବନ୍ଦିତ ସନ୍ନ୍ୟାସୀ ତଥା ଦାର୍ଶନିକ ଯଥାର୍ଥରେ ମହାଭାରତୀୟ ସଂସ୍କୃତିର ସର୍ବଶ୍ରେଷ୍ଠ ପ୍ରଚାରକ ବୋଲି ମତବ୍ୟକ୍ତ କରିଥିଲେ। ବ୍ୟକ୍ତିତ୍ୱ ବିକାଶର ପ୍ରୟୋଜନୀୟ ଗୁଣାବଳୀକୁ ଆପଣେଇ ନେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଭାବେ ସୂର୍ଯ୍ୟକାନ୍ତ ନାୟକ, ଅର୍ଚ୍ଚନା ପ୍ରିୟଦର୍ଶିନୀ ଲେଙ୍କା, ସୁଶ୍ରୀ ବନାନୀ ରାଉତରାୟ, ସୁଶ୍ରୀ ସଙ୍ଗୀତା ବେହେରା ଓ ସ୍ୱାଗତିକା ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷା ଶ୍ରୀମତୀ ସ୍ୱାଇଁଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ର ଓ ପାଠାଗାର ନିମନ୍ତେ ଉପାଦେୟ ପୁସ୍ତକ ପ୍ରଦାନ କରାଯାଇଥିବାବେଳେ ଉପସ୍ଥିତ ଥିବା ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ବିବେକାନନ୍ଦ ଜୀବନୀ ଆଧାରିତ ପୁସ୍ତକ ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ସୁଚିସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପିକା ମଧୁସ୍ମିତା ପରିଡା, ପ୍ରମୋଦିନୀ ସାହୁ, ମେନକା ବିଶ୍ୱାଳ, ମୋନାଲିସା ମଲ୍ଲିକ, ବିଶ୍ୱଜିତା ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଦଶମ ସଂସ୍କରଣରେ ଲକ୍ଷ୍ମୀନାରାୟଣ ମନ୍ଦିର

ଜଗତସିଂହପୁର,୨।୧୧(ସମିସ):




ପୂର୍ବ ୯ଟି ସଂସ୍କରଣ ଭଳି 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ଦଶମ ସଂସ୍କରଣ ମଧ୍ୟ ଖୁବ୍ ସୁନ୍ଦର ଓ ଚିତ୍ତାକର୍ଷକ ଭାବରେ ସମ୍ପନ୍ନ ହୋଇଛି। ପ୍ରଥମେ ଐତିହ୍ୟାନୁରାଗୀ ବନ୍ଧୁ ବିରିଡ଼ି ବ୍ଲକ୍ ଅନ୍ତର୍ଗତ ଅଣଖିଆ ପୋଷ୍ଟ ଅଫିସ ନିକଟରେ ଏକତ୍ରିତ ହୋଇ ନିକଟସ୍ଥ ସଢ଼େଇ ଶାସନ ଗ୍ରାମର 'ଲକ୍ଷ୍ମୀନାରାୟଣ ମନ୍ଦିର'କୁ ପରିଦର୍ଶନରେ ଯାଇଥିଲେ। ଏହି ମନ୍ଦିରଟି ବହୁ ପ୍ରାଚୀନ ହୋଇ ନ ଥିଲେ ବି ଗଜପତି ଶାସନକାଳୀନ ପଞ୍ଚଦଶ ବା ଷୋଡ଼ଶ ଶତାବ୍ଦୀରେ ନିର୍ମାଣ ହୋଇଥିବା ଅନୁମାନ କରାଯାଏ। ପଥର ନିର୍ମିତ ପୀଢ଼ ଶୈଳୀର ଏକକ ମନ୍ଦିର। ମନ୍ଦିର ବିମାନ ସମ୍ମୁଖରେ ଆୟତାକାର ସମତଳ ଛାତ ବିଶିଷ୍ଟ ଏକ ଜଗମୋହନ ଓ ଜଗମୋହନ ସମ୍ମୁଖରେ ଆଧୁନିକ ସମୟରେ ନିର୍ମାଣ ହୋଇଥିବା ଏକ ପ୍ରଶସ୍ତ ଛାତଘର। ସ୍ୱଳ୍ପ ପରିଚିତ ଏହି ମନ୍ଦିର ଗର୍ଭଗୃହରେ କଳା ମୁଗୁନି ପଥରରେ ନିର୍ମିତ ନାରାୟଣଙ୍କ ଏକ ସ୍ୱଳ୍ପ ଉଚ୍ଚର ପ୍ରତୀମା ରହିଛି। ପ୍ରତୀମାକୁ ନିରେଖି ଦେଖିଲେ ଏହା ଗଙ୍ଗବଂଶୀ ଶାସନ କାଳର ନିର୍ମାଣ ବୋଲି ପ୍ରତୀୟମାନ ହୁଏ। ପ୍ରତୀମାର ଉଭୟ ପାର୍ଶ୍ୱରେ ଲକ୍ଷ୍ମୀ ଓ ସରସ୍ୱତୀ ବିରାଜମାନ କରିଛନ୍ତି। ମନ୍ଦିର ଗର୍ଭ ଗୃହରେ ଥିବା ନାରାୟଣଙ୍କ ପ୍ରତୀମା ଖୁବ୍ ସୁନ୍ଦର ଓ କମନୀୟ। ଏହି ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ବନ୍ତେଶ୍ୱର ମହାଦେବଙ୍କ ମନ୍ଦିର ମଧ୍ୟ ରହିଛି।

ଏହାପରେ ଐତିହ୍ୟାନୁରାଗୀ ବନ୍ଧୁ ଅବିଭକ୍ତ କଟକ ଜିଲ୍ଲା ତଥା ବର୍ତ୍ତମାନ ଜଗତସିଂହପୁର ଜିଲ୍ଲାର ବିରିଡ଼ି ବ୍ଲକ ଅନ୍ତର୍ଗତ ବାଲିଆ ଗୋପୀନାଥପୁର ଗ୍ରାମ ନିକଟ ବିଲୁଆଖାଇ ନଦୀଗର୍ଭରେ ଥିବା ସହସ୍ର ବର୍ଷ ପ୍ରାଚୀନ ଶୈବ ପୀଠ ଭୁବନେଶ୍ୱର ମହାଦେବ ମନ୍ଦିର ଓ ଭଗବତୀ ପୀଠ ପରିଦର୍ଶନରେ ଯାଇଥିଲେ। ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହି ମନ୍ଦିରଟି ବହୁ ପ୍ରାଚୀନ। ସ୍ଥାନୀୟ ପୂଜକଙ୍କ କହିବାନୁସାରେ ଏହି ମନ୍ଦିରଟି ୧୧ ଶହ ବର୍ଷରୁ ଅଧିକ ପୁରୁଣା ହେବ ବୋଲି ପ୍ରତ୍ନତତ୍ତ୍ୱ ବିଭାଗ କର୍ମକର୍ତ୍ତା ପରିଦର୍ଶନ କାଳରେ ମତବ୍ୟକ୍ତ କରିଛନ୍ତି। ଭୁବନେଶ୍ୱର ମନ୍ଦିରଟି କଳା ପଥରରେ ନିର୍ମିତ ହୋଇଥିବାବେଳେ ଗର୍ଭଗୃହସ୍ଥ ଶିବଲିଙ୍ଗ ମୁଗୁନି ପଥରରେ ନିର୍ମିତ। ଏହି ମନ୍ଦିରର ବିଶେଷତ୍ୱ ହେଲା ଏଠାରେ ଭଗବାନ ଶିବଙ୍କ ଭୁବନମୋହନ ରୂପ ଦେଖିବାକୁ ମିଳେ। ଅର୍ଥାତ ଅବସର ବିନୋଦନକାଳୀନ ବୀଣା ବାଦନରତ ହରପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଦେଖିବାକୁ ମିଳେ। ସେହିପରି ମା' ଭଗବତୀଙ୍କ ମନ୍ଦିରଟି ପ୍ରାଚୀନ ମନ୍ଦିରର ଭଗ୍ନାବଶେଷ ଉପରେ ନିର୍ମିତ ଏକ ଆଧୁନିକ ମନ୍ଦିର। ମାତ୍ର ମା' ଭଗବତୀଙ୍କ ପ୍ରତୀମା ବହୁ ପ୍ରାଚୀନ ଓ ଦିବ୍ୟ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୫ ଜଣ ଐତିହ୍ୟାନୁରାଗୀ ବନ୍ଧୁ ଯୋଗ ଦେଇଥିଲେ।

ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଉପଦେଷ୍ଟା ପ୍ରଭାଂଶୁ ସାମନ୍ତରାୟ, ସଂଯୋଜକ ଶ୍ରୀକାନ୍ତ ସିଂହ, ଅନୁଷ୍ଠାନର ବୟୋଜ୍ୟେଷ୍ଠ ସଦସ୍ୟ ବିଶ୍ୱରଞ୍ଜନ ଦେହୁରୀ, ବସନ୍ତ ନାୟକ, ରଞ୍ଜିତ ସାହୁ, ପବିତ୍ର ମୋହନ ନାୟକ, ସଦସ୍ୟ ତ୍ରିଲୋଚନ ସ୍ୱାଇଁ, ସମ୍ବିତ ସିଂହ, ଦେବାଶିଷ ପାତ୍ର, ଦିନେଶ ସ୍ୱାଇଁ, ରତିରଞ୍ଜନ ପଣ୍ଡା, ଅମର ପ୍ରସାଦ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଆଦିତ୍ୟ ପ୍ରସାଦ ଘୋଷଙ୍କ ଦ୍ୱାରା ପ୍ରସ୍ତୁତ ଅନୁଷ୍ଠାନର ଦ୍ୱିତୀୟ ଇ-ମାଗାଜିନ ଉପଦେଷ୍ଟା ପ୍ରଭାଂଶୁ ସାମନ୍ତରାୟଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

# ୫ କୋଟିର ଟ୍ରେଡିଂ ଠକେଇ: ମୁମ୍ବାଇରୁ ୨ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨।୧୧(ସମିସ): ୫ କୋଟି ଟଙ୍କା ଟ୍ରେଡିଂ ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ମୁମ୍ବାଇରୁ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହିମାଂଶୁ ଖେଷର ଦେହେରା ଏବଂ ସୁନିଲ ରାୟ। କିଛି ନାମୀ ଟ୍ରେଡିଂ ସଂସ୍ଥାର କଣ୍ଟାକ୍ଟ ହାସଲ କରିଥିବାର ଫେକ୍ କଣ୍ଟାକ୍ଟ ପେପର ପ୍ରସ୍ତୁତ କରି ଏମାନେ ଲୋକଙ୍କୁ ନିବେଶ କରିବାକୁ ପ୍ରବର୍ତ୍ତାଉଥିଲେ। ଅଧିକ ସୁଧର ଲୋଭ ଦେଖାଇ ଟ୍ରେଡିଂ ପାଇଁ ମାର୍କେଟରୁ ବହୁ କୋଟି ଟଙ୍କା ଉଠାଉଥିଲେ। ହେଲେ ଟଙ୍କା ଦେଇ ନ ପାରିବାରୁ ନିବେଶକାରୀ ଖୋଳତାଡ଼ କରିବା ଆରମ୍ଭ କରିଥିଲେ। ଏହା ଜାଣିବା ପରେ ସେମାନେ ରାଜ୍ୟ ଛାଡ଼ି ଚାଲିଯାଇଥିଲେ। ଗତ ୧୪ ତାରିଖରେ ଏନେଇ ଅଭିଯୋଗ ହେବା ପରେ ଇଓଡବ୍ଲୁ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରୁଥିଲା।

■ ଶ୍ରୀକାକୁଲମ୍ ଦଳାଚକଟାରେ ରଙ୍ଗଲା ରୂପାଙ୍କ ପ୍ରାଣହାନୀ

## ମୁଖ୍ୟମନ୍ତ୍ରୀଙ୍କ ଶୋକ, ୬ ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା

ଭୁବନେଶ୍ୱର,୨।୧୧(ସମିସ): ଅନ୍ଧ୍ରପ୍ରଦେଶର ଶ୍ରୀକାକୁଲମସ୍ଥିତ ଭେଙ୍କଟେଶ୍ୱର ମନ୍ଦିର ଦଳଚକଟାରେ ଗଞ୍ଜାମ ଜିଲ୍ଲା ଗୁଡ଼ିଆପଦରର ରଙ୍ଗଲା ଦିନେଶଙ୍କ ଝିଅ ରୂପାଙ୍କ ପ୍ରାଣହାନୀ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

■ ରାଜ୍ୟ ମାନବାଧିକାର ଆୟୋଗରେ ଅଭିଯୋଗ

## ଜବ୍‌କାର୍ଡଧାରୀଙ୍କୁ ମିଳୁନି କାମ

ଭୁବନେଶ୍ୱର,୨।୧୧(ସମିସ): କାଶୀପୁର ଗ୍ରାମବଡ଼ପାଟଣାରଜବ୍‌କାର୍ଡଧାରୀଙ୍କୁ କାମମିଳୁନି। ସେମାନେ ଜିଲ୍ଲାପାଳ, ବିଡିଓ ଏବଂ ଅନ୍ୟ ଅଧିକାରୀଙ୍କୁ ଭେଟିଥିଲେ ମଧ୍ୟ କିଛି ସୁଫଳ ମିଳିପାରିନି। ଯେଉଁଥିପାଇଁ ଡିଆ ପଞ୍ଚାୟତର ଏକାଧିକ ଗ୍ରାମବାସୀ ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି। ମନରେଗା ଆଇନ ୨୦୦୫ ଅନୁସାରେ ଜବ୍‌କାର୍ଡଧାରୀଙ୍କୁ କାମ ଦେବା ବାଧ୍ୟତାମୂଳକ। ହେଲେ ଗ୍ରାମର ଅଧିକାରୀମାନେ ବିଭିନ୍ନ ପ୍ରକାର ମେସିନ ଲଗାଇ କାମ କରାଉଥିବା ବେଳେ ଲୋକଙ୍କୁ କାମ ଦେଉନାହାନ୍ତି। ଗ୍ରାମବାସୀ ବିଭିନ୍ନ ସରକାରୀ ଅଧିକାରୀଙ୍କ ଅଫିସ୍ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। କିନ୍ତୁ କିଛିବି ସୁଫଳ ମିଳୁନି। କାମ ପାଉ ନ ଥିବାରୁ ଗ୍ରାମବାସୀ ପରିବାର ପୋଷିବାରେ ସମସ୍ୟା ହେଉଛି। ଆଗକୁ ଏମିତି କାମ ନ ଦେଲେ ସେମାନଙ୍କ ପରିବାର ଭୋକଉପାସରେ ମୃତ୍ୟୁବରଣ କରିପାରନ୍ତି ବୋଲି କହୁଛନ୍ତି। ତେଣୁ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଆୟୋଗଙ୍କ ନିକଟରେ ନିବେଦନ କରିଛନ୍ତି।

## ବିଶ୍ୱବିଦ୍ୟାଳୟରେ ଖୁବ୍‌ଶୀଘ୍ର ନିଯୁକ୍ତ ହେବେ ପରୀକ୍ଷା ନିୟନ୍ତ୍ରକ

ଭୁବନେଶ୍ୱର, ୨।୧୧(ସମିସ): ରାଜ୍ୟର ଏକାଧିକ ବିଶ୍ୱବିଦ୍ୟାଳୟରେ ନିୟମିତ ପରୀକ୍ଷା ନିୟନ୍ତ୍ରକ ନାହାନ୍ତି। ପରୀକ୍ଷା ପରିଚାଳନାରେ ବିଳମ୍ବ ହେବା ସହ ବହୁ ସମୟ ପରେ ଯାଇ ପରୀକ୍ଷା ଫଳ ପ୍ରକାଶ ପାଉଛି। ପିଲାଙ୍କ ଶିକ୍ଷାରେ ଏହା ସିଧାସଳଖ ପ୍ରଭାବ ପକାଉଛି। ଏପରିକି, ବିଳମ୍ବିତ ପରୀକ୍ଷା ଫଳ ପାଇଁ ନାମ ଲେଖାଇନପାରି ଗୋଟିଏ ଶିକ୍ଷାବର୍ଷ ଖୋଇ ଯାଉଛି। ଏସବୁକୁ ବ୍ୟବସ୍ଥିତ କରିବା ପାଇଁ ଯୋଜନା କରିଛି ଉଚ୍ଚଶିକ୍ଷା ବିଭାଗ। ସମସ୍ତ ବିଶ୍ୱବିଦ୍ୟାଳୟରେ ନିୟମିତ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତ କରିବା ପାଇଁ ପଦକ୍ଷେପ ନେଉଛି। ଆସନ୍ତା ସପ୍ତାହରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ୧୩ଟି ବିଶ୍ୱବିଦ୍ୟାଳୟରେ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି କରିବ ବୋଲି ଜଣାପଡ଼ିଛି। ରାଜ୍ୟର ପ୍ରଥମ ଓ ସର୍ବପୁରାତନ ବିଶ୍ୱବିଦ୍ୟାଳୟ 'ଉତ୍କଳ'ରେ ନିୟମିତ ପରୀକ୍ଷା ନିୟନ୍ତ୍ରକ ନାହାନ୍ତି। ଭାରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକ ଥିବା କାରଣରୁ ପରୀକ୍ଷା ପରିଚାଳନା ବିଳମ୍ବ ହେଉଛି। ୨୦୨୪-୨୫ ଶିକ୍ଷାବର୍ଷରେ ପିଜି ଦ୍ୱିତୀୟ ସେମିଷ୍ଟାର ପରୀକ୍ଷାଫଳ ବିଳମ୍ବ ହେବା କାରଣରୁ ବ୍ୟାକ୍ ପେପର ପରୀକ୍ଷା ଦେଇଥିବା ଅନେକ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇପାରି ନ ଥିଲେ। ଫଳରେ ଉଚ୍ଚଶିକ୍ଷା ପାଇଁ ଆଉ ବର୍ଷେ ଅପେକ୍ଷା କରିବାକୁ ପଡ଼ିଥିଲା। ଅନୁରୂପ ଭାବେ ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ବିଶେଷଜ୍ଞଙ୍କୁ ମଧ୍ୟ ସେମାନେ ପାରିଶ୍ରମିକ ଠିକ୍ ସମୟରେ ମିଳୁ ନଥିବା ଅଭିଯୋଗ ରହିଛି। ଫଳରେ ପ୍ରଶ୍ନପତ୍ର ପ୍ରସ୍ତୁତିରେ ସେମାନେ ଆଗ୍ରହ ପ୍ରକାଶ କରୁନଥିବାରୁ ପରୀକ୍ଷା ବିଳମ୍ବିତ ହେଉଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପରି ସମସ୍ତ ବିଶ୍ୱବିଦ୍ୟାଳୟରେ ସମସ୍ୟା ଲାଗି ରହିଛି। ଏହାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁତ୍ୱ ସହ ନେଇ ନିୟମିତ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି କରିବାକୁ ଷ୍ଟିର କରିଛି। ସମସ୍ତ ବିଶ୍ୱବିଦ୍ୟାଳୟରେ ପରୀକ୍ଷା ନିୟନ୍ତ୍ରକ ପାଇଁ ୩ମଣ ବରିଷ୍ଠ ଅଧ୍ୟାପକଙ୍କ ନାମ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଯାଇଛି। ଏପରିକି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ସବୁଜ ସଙ୍କେତ ମିଳିଥିବା ଜଣାପଡ଼ିଛି। ସମସ୍ତଙ୍କ କାର୍ଯ୍ୟକାଳ ତିନି ବର୍ଷ ଲେଖାଏଁ ରହିବ। ଆସନ୍ତା ସପ୍ତାହରେ ବିବିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇପାରେ ବୋଲି ଜଣାପଡ଼ିଛି।

**୩ବର୍ଷ ଲେଖାଏଁ ରହିବ କାର୍ଯ୍ୟକାଳ**

**୭ ମାସ ହେଲା ମିଳିନି ଦରମା**

# ହସ୍ପିଟାଲ କୋଠାରୁ ଡେଇଁ ସିକ୍ୟୁରିଟି ଗାର୍ଡଙ୍କ ଆତ୍ମହତ୍ୟା

ନୂଆପଡ଼ା, ୨।୧୧(ସମିସ): ୭ମାସ ହେଲା ଦରମା ନ ମିଳିବାରୁ ୭ ମହଲା ହସ୍ପିଟାଲ କୋଠାରୁ ଡେଇଁ ଜୀବନ ହାରିଲେ ସିକ୍ୟୁରିଟି ଗାର୍ଡ। ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ଏପରି ଏକ ଅଭାବନୀୟ ଘଟଣା ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ, ସ୍ଥାନୀୟ ସାଲେଭଟା ଗାଁର ଲକ୍ଷ୍ମଣ ସାହୁ(୩୬)। ଏହାକୁ ନେଇ ବକେୟା ଦରମା ଦେବାକୁ ଲକ୍ଷ୍ମଣ ବାରମ୍ବାର ସିକ୍ୟୁରିଟି ସଂସ୍ଥାର ଚକ୍କର କାଟୁଥିଲେ ହେଁ କେହି ତାଙ୍କ କଥା ଶୁଣିନଥିଲେ। ଏପଟେ ଚାକିରି ହରାଇଥିବା ଲକ୍ଷ୍ମଣଙ୍କ ପକ୍ଷେ ଘର ଚଳାଇବା ଏକପ୍ରକାର ଅସମ୍ଭବ ହୋଇପଡ଼ିଥିଲା। ହେବା ପରେ ହସ୍ପିଟାଲ ପରିସରରେ ଚାଞ୍ଚଲ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ବିଜେଡି ପକ୍ଷରୁ ହରିଶ୍ଚନ୍ଦ୍ର ପଣ୍ଡା ନିଜ ସମର୍ଥକଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ବନ୍ଧୁ ବିଜେଡି କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପିସିସି ସଭାପତି ଭକ୍ତଚରଣ ଦାସ ଘଟଣାସ୍ଥଳରେ ପହଞ୍ଚି ଦାବି ଦୋହରାଇଥିବା ବେଳେ ବହୁସଂଖ୍ୟାରେ କଂଗ୍ରେସ କର୍ମୀ ଦୀର୍ଘ ସମୟ ଧରି ଧାରଣା ଦେଇଥିଲେ।





**ବିଜେଡି, କଂଗ୍ରେସ କର୍ମୀଙ୍କ ଆନ୍ଦୋଳନ**

ଘଟଣାସ୍ଥଳରେ ବିଜେଡି ଓ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।

ସୂଚନାନୁସାରେ, ଲକ୍ଷ୍ମଣ ଦୀର୍ଘଦିନ ଧରି ହସ୍ପିଟାଲରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି କରୁଥିଲେ। କୌଣସି କାରଣରୁ ସିକ୍ୟୁରିଟି ସଂସ୍ଥା ୭ ମାସ ତଳେ ତାଙ୍କୁ ଚାକିରିରୁ ବାହାର କରିଦେଇଥିଲା। ସେତେବେଳକୁ ସଂସ୍ଥା ତାଙ୍କର ୭ ମାସର ଦରମା ଦେଇନଥିଲା। ତେବେ ଏଥିରେ ସେ ମାନସିକସ୍ତରରେ ପୂରା ଭାଙ୍ଗି ପଡ଼ିଥିଲେ। ଆଜି ସଂଧାରେ ସେ ହସ୍ପିଟାଲର ୭ମହଲା କୋଠାକୁ ଚଢ଼ି ଡେଇଁ ପଡ଼ିଥିଲେ। ଶବ୍ଦ ଶୁଣି ସ୍ଥାନୀୟ ଲୋକ ହସ୍ପିଟାଲ ପଛପଟକୁ ଯାଇ ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଅପରପକ୍ଷେ, ଏହି ଖବର ପ୍ରଚାରିତ ମହାଲିଙ୍ଗଙ୍କ ଇସ୍ତଫା ଦାବି କରିଥିଲେ। ପରେ ଯୁବ ଓ ଛାତ୍ର ବିଜେଡି ତରଫରୁ ହସ୍ପିଟାଲ ପରିସରରେ ଧାରଣା ଦିଆଯାଇଥିଲା। ଏଥିରେ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାପତି ଇନ୍ଦ୍ରଜିତ ସାହୁଙ୍କ ସମେତ ବିଧାୟକ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ, ଦାପାଳି ଦାସଙ୍କ ସମେତ ଏହାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମହେଶ୍ୱର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଲକ୍ଷ୍ମଣଙ୍କୁ ମର୍ଣ୍ଣରେ ସମ୍ପୃକ୍ତ ସର୍ଭିସ୍ ପ୍ରୋଭାଇଡର୍ କିଛି ମାସ ତଳେ ଚାକିରିରୁ ବରଖାସ୍ତ କରିଥିଲା। ପରେ ପୁଣି ଚାକିରି ଦେଇଥିଲା। ତାଙ୍କର ମାସ ପୂରି ନଥିବା ହେତୁ ଦରମା ପାଇନଥିଲେ ବୋଲି ସେ କହିଛନ୍ତି। ଏହାକୁ ନେଇ ପୁଲିସ ତଦନ୍ତ କରୁଛି ବୋଲି କହିଛନ୍ତି।

## ଲ୍ୟାବ୍ ଟେକ୍‌ନିସିଆନଙ୍କ ସନ୍ଦେହଜନକ ମୃତ୍ୟୁ

ବାଲେଶ୍ୱର, ୨।୧୧(ସମିସ): ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସେଣ୍ଟ୍ରାଲ ଲାବରୋଟୋରୀରେ ଲାବ୍-ଟେକ୍ନିସିଆନ ଭାବେ ପ୍ରଶିକ୍ଷଣ ନେଉଥିବା ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ତାଙ୍କ ଭଡ଼ାଘରୁ ଉଦ୍ଧାର ହୋଇଛି। ମୃତକ ହେଲେ, ବସ୍ତା ଥାନା ଅନ୍ତର୍ଗତ ଗୁଡ଼ିଶାଳର ଭାଗବତ ରାଉତଙ୍କ ପୁଅ କଳିଙ୍ଗ ରାଉତ। ତେବେ କଳିଙ୍ଗଙ୍କ ଏହି ଅସ୍ୱାଭାବିକ ମୃତ୍ୟୁକୁ ତାଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି। ପୁଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଅପଚେଷ୍ଟା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି।

ଦୁଇ ମାସ ହେବ କଳିଙ୍ଗ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରରେ ଲାବ୍-ଆସିଷ୍ଟାଣ୍ଟ ଭାବେ ଇଣ୍ଟର୍ଣ୍ଣସିପ କରୁଥିଲେ। ସେ ମେଡିକାଲ ପାଖରେ ଏକ ଘରେ ଭଡ଼ାରେ ରହୁଥିଲେ। ଆଜି ସକାଳେ ଭଡ଼ାଘର ମଧ୍ୟରୁ ତାଙ୍କର ଝୁଲନ୍ତା ମୃତଦେହ ମିଳିଥିଲା। ପରିବାରଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭାଗବତଙ୍କ କହିବା ଅନୁସାରେ, ଗତକାଲି ପୁଅ ସହ କଥା ହୋଇଥିଲି, ସେ ରବିବାର ଘରକୁ ଯିବା କଥା କହିଥିଲା। ତେଲେ ରବିବାର ସକାଳେ ପୁଅ ଫୋନ ଉଠାଇ ନଥିଲା। ଦିନ ୧୧ଟାରେ ହାଇଦ୍ରାବାଦରେ ରହୁଥିବା ତା' ଭାଇ ନିକଟକୁ ଫୋନ ଯାଇଥିଲା ଯେ କଳିଙ୍ଗ ଦେହ ବହୁତ ଖରାପ ଅଛି। ପରିବାରଲୋକେ ତୁରନ୍ତ ମେଡିକାଲରେ ପହଞ୍ଚିବା ପରେ ସେଠାରେ ସେ ନଥିବା ବେଳେ ଭଡ଼ା ଘରକୁ ଯାଇଥିଲେ। ସେଠାରେ ଜାଣିବାକୁ ପାଇଥିଲେ ଯେ ତାଙ୍କ ପୁଅର ମୃତ୍ୟୁ ହୋଇଯାଇଛି। ତାଙ୍କ ପୁଅକୁ ଯେଉଁ ଦୁଇଜଣ ପିଲା ନେବା ଆଣିବା କରୁଥିଲେ। ସେମାନେ ଏବଂ ଘର ମାଲିକ ପୁଅକୁ ହତ୍ୟା କରି ଝୁଲାଇ ଦେଇଥିବା ନେଇ ବାପା ଭାଗବତ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ସେ ସହଦେବଖୁଣ୍ଟା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ହତ୍ୟା ଅଭିଯୋଗ ଆଣିଲେ ବାପା**

**କେନ୍ଦ୍ରର ଦ୍ୱୈତ ନୀତିକୁ ନେଇ ଦ୍ୱନ୍ଦ୍ୱରେ ପହରିଆ ଜାତି**

# ଛତିଶଗଡ଼ରେ ଆଦିବାସୀ; ଓଡ଼ିଶାରେ ପଛୁଆବର୍ଗ

ସିନାପାଲି,୨।୧୧ (ଶୁଭାଂଶୁ ନାଏକ):

ଘଞ୍ଚ ସବୁଜ ବନାନୀ ଜଙ୍ଗଲର ପ୍ରକୃତି କୋଳରେ କେଉଁ ଆଦିମ ଯୁଗରୁ ରହି ଆସୁଛନ୍ତି ପହରିଆ ଜନଜାତି। ଏହି ଜନଜାତିଙ୍କୁ କେନ୍ଦ୍ର ସରକାର ଆଦିବାସୀର ମାନ୍ୟତା ଦେଇ ନ ଥିବାରୁ ସେମାନେ ଅନେକ ଜନକଲ୍ୟାଣ ଯୋଜନାରୁ ବଞ୍ଚିତ ହେଉଛନ୍ତି ଓ ସୁବିଧା ସୁଯୋଗରୁ ବଞ୍ଚିତ ହେବାରୁ ସେମାନେ ଏବେ ଓଡ଼ିଶା ଛାଡ଼ି ଛତିଶଗଡ଼ମୁହାଁ ହୋଇଛନ୍ତି। ପହରିଆ ବର୍ଗର ଲୋକମାନଙ୍କ ଚାଲିଚଳଣି, ଭାଷା, ବେଶଭୂଷା, ଯାନିଯାତ୍ରା, ପର୍ବପର୍ବାଣୀ ସମେତ ଅନ୍ୟାନ୍ୟ ପାରମ୍ପରିକ ନୀତି ଭିନ୍ନ ଓ ଆଦିବାସୀ ମାନ୍ୟତା ପାଇବା ପାଇଁ ସବୁ ସର୍ତ୍ତକୁ ଏହି ବର୍ଗ ପୂରଣ କରିଛି। ମାତ୍ର ଓଡ଼ିଶାରେ ପହରିଆ ସମ୍ପ୍ରଦାୟର ଲୋକମାନେ ପଛୁଆ ବର୍ଗରେ ଥିବାବେଳେ ପଡ଼ୋଶୀ ଛତିଶଗଡ଼ରେ ପହରିଆଙ୍କୁ ଅନୁସୂଚିତ ଜନଜାତି ମାନ୍ୟତା ମିଳିଛି। ଓଡ଼ିଶା ସୀମା ଆରପଟେ ଛତିଶଗଡ଼ରେ ପହରିଆମାନେ ଆଦିବାସୀମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ ପାଉଛନ୍ତି, ମାତ୍ର ସୀମା ଏପଟେ ଥିବା ଓଡ଼ିଶାର ପହରିଆମାନେ ଏହି ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି।

ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ବଣପାହାଡ଼ ଘେରା ଦୁର୍ଗମ ଅଞ୍ଚଳରେ ଏହି ଜନଜାତିର ଲୋକେ ବସବାସ କରିଛନ୍ତି। ସିନାପାଲି ବ୍ଲକର ନଙ୍ଗଲବୋର୍ଡ, ଖଇରପଦର ଘାଟମାଳ, ଝରବନ୍ଧ, ନୂଆମାଳପଡ଼ା, ମଶାପଦର ସମେତ ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ବଣ ଜଙ୍ଗଲ ଘେରା ଜଙ୍ଗଲ ଅଞ୍ଚଳରେ ବିଶେଷ ଭାବରେ ବସତି ସ୍ଥାପନ କରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି କିଛି ଲୋକ ଜଙ୍ଗଲ ଜମିକୁ ଦଖଲ କରି ସେମାନେ ଚାଷ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ଏହାର ପଟ୍ଟା ମିଳୁନାହିଁ। ଫଳରେ ସେମାନେ ସରକାରୀ ଯୋଜନାରୁ ସେମାନେ ବଞ୍ଚିତ ହେଉଛନ୍ତି ଓ ଆବାସ ପରି ଯୋଜନାରୁ ବାଦ୍ ପଡ଼ିଛନ୍ତି। ଜଙ୍ଗଲରୁ ବାଉଁଶ ସଂଗ୍ରହ କରି ବିଭିନ୍ନ ଉପକରଣ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି ଓ ସେଥିରୁ ଲବ୍ଧ ଅର୍ଥରେ ପରିବାର ପ୍ରତିପୋଷଣ କରୁଛନ୍ତି। ବର୍ତ୍ତମାନ ଆଧୁନିକ ଯୁଗରେ ଏହି ଉପକରଣର ସେତେଟା ଚାହିଦା ନ ଥିବା ବେଳେ ପରିବାର ଚଳାଇବା କଷ୍ଟକର ହେବା ସହ କୌଳିକ ବୃତ୍ତି ବୁଡ଼ିବାକୁ ଯାଉଛି ବୋଲି ଏହି ଜନଜାତି ର ଲୋକେ ପ୍ରକାଶ କରିଛନ୍ତି।

ଏହି ସମ୍ପ୍ରଦାୟର ଲୋକମାନେ ଆଦିବାସୀ ମାନ୍ୟତା ପାଇଁ ବହୁବାର କେନ୍ଦ୍ର ସରକାର ଙ୍କ ନିକଟରେ ଦାବି ଜଣାଇ ଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ସୁଫଳ ମିଳିନାହିଁ। ଏହି ବର୍ଗଙ୍କୁ ଆଦିବାସୀ ମାନ୍ୟତା ଦେବାକୁ ତତ୍କାଳୀନ ବିଜେଡି ସରକାର କେନ୍ଦ୍ର ନିକଟରେ ବାରମ୍ବାର ଦାବି କରିଥିଲେ ବି ତାହାକୁ କେନ୍ଦ୍ର ବିଚାରକୁ ନେଇନାହିଁ। ୨୦୨୩ ମସିହାରେ ଏହି ଲୋକମାନଙ୍କୁ ଆଦିବାସୀର ମାନ୍ୟତା ପାଇଁ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହାର ଅନୁସନ୍ଧାନ ପାଇଁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ଏକ ପ୍ରତିନିଧି ଦଳ ଓଡ଼ିଶାକୁ ପଠାଇଥିଲା। ୨୦୨୩ ମାର୍ଚ୍ଚ ୨୫ ତାରିଖରେ ଭୁବନେଶ୍ୱରସ୍ଥ ରାଜ୍ୟ ଅତିଥି ଭବନରେ ପ୍ରତିନିଧି ଦଳ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସମ୍ପୃକ୍ତ ପ୍ରତିନିଧିମାନେ ତାଙ୍କର ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିବାର ୨ ବର୍ଷ ବିତିଥିଲେ ବି ଏଯାଏ ପହରିଆଙ୍କୁ ଜନଜାତି ମାନ୍ୟତା ମିଳିନାହିଁ। ସେହିପରି ଗତମାସରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏହି ବର୍ଗର ଲୋକମାନେ ଭେଟି ଦାବି ଦୋହରାଇଛନ୍ତି।

**ଜନଜାତି ମାନ୍ୟତା ଦେବାକୁ ପୂର୍ବ ସରକାର ଲେଖିଥିଲା ଚିଠି**

**ବାରମ୍ବାର ଦାବି ସତ୍ତ୍ୱେ ବିଚାର କରୁନାହାନ୍ତି କେନ୍ଦ୍ର ସରକାର**

■ ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା

## ଖାଲି ହେଲା ବ୍ରହ୍ମପୁର ଜେଲର ୪ ୱାର୍ଡ

ବ୍ରହ୍ମପୁର, ୨।୧୧(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାର ସମସ୍ତ ୧୧୪ଜଣ ଚାକିରି ଆଶାୟୀଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜାମିନ ପ୍ରଦାନ କରିଥିଲେ। ସେଥିମଧ୍ୟରୁ ପ୍ରଥମେ ୯୪ ଏବଂ ପରେ ୧୮ଜଣ ସର୍ତ୍ତମୂଳକ ଜାମିନରେ ମୁକୁଳିଥିବା ବେଳେ ଶନିବାର ଆଉ ୨ଜଣ ମୁକୁଳିଛନ୍ତି। ଏହି ମାମଲାରେ ଗିରଫ ସମସ୍ତ ଚାକିରି ଆଶାୟୀ ୧୧୪ଜଣ ମୁକୁଳିବା ପରେ ଜେଲର ଗୋଟିଏ ପୁରୁଣା ୱାର୍ଡ ସମେତ ୩ଟି ନୂଆ ୱାର୍ଡ ଖାଲି ହୋଇଛି।

୧୧୪ ଚାକିରି ଆଶାୟୀଙ୍କ ସମେତ ମୋଟ ୧୨୩ଜଣ ଗିରଫ ହୋଇଥିଲେ। ଶଙ୍କର ପ୍ରଷ୍ଟି ଗିରଫ ହେବା ପରେ ଏହି ସଂଖ୍ୟା ୧୨୪କୁ ବୃଦ୍ଧି ପାଇଛି। ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ସମସ୍ତ ଯୋଗାଣ କାର୍ଯ୍ୟ ପଞ୍ଚସ୍ତର କମ୍ପାନୀର ନିର୍ଦ୍ଦେଶକ ଥିବା ଶଙ୍କର ପ୍ରଷ୍ଟି କରୁଥିଲା ଏବଂ ସେହିଠାରୁ ହିଁ ସେ ପ୍ରଶ୍ନପତ୍ର ଲିକ୍ କରି ପରୀକ୍ଷା ପୂର୍ବରୁ ପିଲାଙ୍କୁ ପ୍ରସ୍ତୁତି କରିବାକୁ ଯୋଜନା କରିଥିବା ଅଭିଯୋଗ ହୋଇଥିଲା। ୧୧୪ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ଜଣ ଦଲାଲ୍ ବିଶାଖାପାଟଣା ଯାଉଥିବା ବେଳେ ଅନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ଠାରୁ ଗତ ସେପ୍ଟେମ୍ବର ୩୦ତାରିଖ ରାତିରେ ବ୍ରହ୍ମପୁର ଗୋଲନ୍ଥରା ଥାନା ପୁଲିସ ଗିରଫ କରିଥିଲା। ପରେ ଆଉ ଦୁଇଜଣ ଦଲାଲ୍

**ଜାମିନରେ ମୁକୁଳିଲେ ଆଉ ୨ଚାକିରି ଆଶାୟୀ**

ବିଶ୍ୱରଞ୍ଜନ ବେହେରା ଓ ଅରବିନ୍ଦଙ୍କୁ ଗିରଫ କରିବା ପରେ ଗିରଫଦାରୀ ସଂଖ୍ୟା ୧୧୯ରେ ପହଞ୍ଚିଥିଲା। ଘଟଣାର ୧୭ ଦିନ ପରେ ମୁନା ସମେତ ତାର ସହଯୋଗୀ ଶ୍ରୀକାନ୍ତ ମହାରଣା ଓ ସୁକାନ୍ତ ମହାରଣାଙ୍କୁ ନୟାଗଡ଼ ଜିଲ୍ଲା ଦଶପଲ୍ଲାର ଏକ ଫାର୍ମ ହାଉସରୁ ସଂପ ପିଲା ଯୋଗାଡ଼ କରୁଥିବା ପ୍ରିୟଦର୍ଶନୀ ସାମଲଙ୍କୁ ଗିରଫ କରାଯାଇଥିଲା। ମୁନା ମହାନ୍ତି, ଲୋକନାଥ ସାହୁ ଓ ପ୍ରିୟଦର୍ଶନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ନଭେମ୍ବର ପହିଲାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନିଆ ରିମାଣ୍ଡରେ ନେଇ ଜେରା କରୁଛି।

## ବିପୁଳ ମାଓ ସାମଗ୍ରୀ ଓ ବିସ୍ଫୋରକ ଜବତ

ମାଲକାନଗିରି, ୨।୧୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲାର ତିନୋଟି ଭିନ୍ନ ଜଙ୍ଗଲ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ସମୟରେ ନକ୍ସଲମାନେ ଲୁଚାଇ ରଖିଥିବା ବିସ୍ଫୋରକ, ବିପୁଳ ପରିମାଣର ମାଓ ସାମଗ୍ରୀ ପୁଲିସ ଜବତ କରିଛି। ତଥ୍ୟ ଅନୁସାରେ, ଗରିଆବନ୍ଧ ଜିଲ୍ଲାର ସାଇକିଆରେ, ଜୋଗୋମାଲି ଏବଂ ଭୂତବେଡ଼ା ଜଙ୍ଗଲ ଅଞ୍ଚଳରେ ପୁଲିସ ପକ୍ଷରୁ ମାଓ ଦମନ ପାଇଁ ତଲାସି ଅଭିଯାନ ଜାରି ରହିଥିଲା। ଜଙ୍ଗଲଗୁଡ଼ିକରେ ମାଓବାଦୀମାନେ ଲୁଚାଇ ରଖିଥିବା ବହୁ ମାଓ ସାମଗ୍ରୀ ଓ ବିସ୍ଫୋରକ ସାମଗ୍ରୀକୁ ପୁଲିସ ଜବତ କରିଥିଲା। ଉଦ୍ଧାର ସାମଗ୍ରୀ ମଧ୍ୟରେ ୪ଟି କୁକରବୋମା, ବିଦ୍ୟୁତ୍ ତାର, ବିସ୍ଫୋରକ ସାମଗ୍ରୀ ଏବଂ ମାଓବାଦୀଙ୍କ ନିତ୍ୟବ୍ୟବହୃତ ସାମଗ୍ରୀ ରହିଥିବା ଜଣାପଡ଼ିଛି। ଏନେଇ ଗରିଆବନ୍ଧ ଏସ୍‌ପି ନିଖିଲ ରାଖେଚା ସୂଚନା ଦେବା ସହ ପ୍ରକାଶ କରିଛନ୍ତି ଯେ ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ ନିରନ୍ତର ନଜର ରଖାଯାଉଛି। ସୁରକ୍ଷାବାହିନୀ ସେମାନଙ୍କ ପ୍ରତ୍ୟେକ କାର୍ଯ୍ୟକଳାପ ଉପରେ ନଜର ରଖିଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ସୁରକ୍ଷା ବାହିନୀର ସର୍ଚ୍ଚ ଅପରେସନ ଜାରି ରହିବ।

## ୨ ଲୁଟେରାଙ୍କୁ ରାସ୍ତାରେ ଚଲାଇ ପୁଲିସ ଜିମା

ବାଲେଶ୍ୱର,୨।୧୧(ସମିସ): ବାଲେଶ୍ୱର ଚାନ୍ଦିପୁର ଥାନା ଅଞ୍ଚଳର ପଟାପୋଲଠାରେ ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ୍ କରି ଫେରାର ହେଉଥିବା ଲୁଟେରାଙ୍କୁ ଗ୍ରାମବାସୀ କାବୁକରି ବାନ୍ଧି ରାସ୍ତାରେ ଚଲାଇ ଚଲାଇ ପୁଲିସ ଜିମା ଦେଇଛନ୍ତି।

ରବିବାର ପୂର୍ବାହ୍ନରେ ଚାନ୍ଦିପୁର ଥାନା ପଟାପୋଲ ଛକଠାରେ ତିନି ଜଣ ଅସାମାଜିକ ଖଣ୍ଡା, ଛୁରାଳି ଦେଖାଇ ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ କରି ଫେରାର ହେବାକୁ ବସିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ଜଣେ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯିବା ସହ ଅନ୍ୟ ଦୁଇ ଜଣ ଗ୍ରାମବାସୀଙ୍କ ହାତ୍ରରେ ପଡିଯାଇଥିଲେ। ଫଳରେ ଲୋକେ ସେମାନଙ୍କୁ କାବୁ କରିବା ସହ ସେମାନଙ୍କ ହାତକୁ ବାନ୍ଧି ବିଚ ରାସ୍ତାରେ ଚଲାଇଥିଲେ। ଚାନ୍ଦିପୁର ପୁଲିସ ଘଟଣା ସ୍ଥଳରେ ପହଁଚିବା ପରେ ଲୋକେ ଉକ୍ତ ଦୁଇ ଜଣ ଯୁବକଙ୍କୁ ପୁଲିସ ଜିମା ଦେଇଥିଲେ। ପୁଲିସ ଘଟଣାର ତଦନ୍ତ ଚଳାଇଛି।



**ଚର୍ଚ୍ଚାରେ ବ୍ରହ୍ମପୁର ମଣ୍ଡଳ କାରାଗାର**

# ଏମ୍‌ଜେଏମ୍‌ସି ପାସ୍ କଲେ କଏଦୀ ବିମଳ

ବ୍ରହ୍ମପୁର, ୨।୧୧(ସମିସ): ଦୃଢ଼ ସଂକଳ୍ପ ଓ ଇଚ୍ଛାଶକ୍ତି ଆଗରେ ସବୁ ବାଧାବିଘ୍ନ ହାର୍ ମାନିଥାଏ। ଏହି ଉକ୍ତିକୁ ପ୍ରମାଣିତ କରି ଦେଖାଇଛନ୍ତି ବ୍ରହ୍ମପୁର ମଣ୍ଡଳ କାରାଗାରରେ ବନ୍ଦୀ ଜୀବନ ବିତାଉଥିବା ବିମଳ କୁମାର ମିଶ୍ର(୫୧)। ଏକ ନିର୍ଦ୍ଦିଷ୍ଟ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ସଜା କାଟୁଥିବା ବିମଳ ସାମ୍ବାଦିକତା ଓ ଗଣଯୋଗାଯୋଗ (ଏମଜେଏମସି)ର ସ୍ନାତକୋତ୍ତର ଡିଗ୍ରୀ ପାଠ୍ୟକ୍ରମରେ ପାସ୍ କରିଛନ୍ତି। ସେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଏହି ପାଠ୍ୟକ୍ରମରେ ୭.୪୯ ସିଜିପିଏ ସହ ପ୍ରଥମ ସ୍ଥାନରେ ପାସ୍ କରିଛନ୍ତି। ବ୍ରହ୍ମପୁର କାରାଗାରର ପୂର୍ବରୁ କୌଣସି କଏଦୀ ଏମଜେଏମସି ପାଠ୍ୟକ୍ରମ ପାସ୍ କରିନଥିବା ବେଳେ ପ୍ରଥମଥର ନିମନ୍ତେ ୫୧ବର୍ଷୀୟ ବିମଳ ଉକ୍ତ ସ୍ନାତକୋତ୍ତର ପାଠ୍ୟକ୍ରମରେ ଡିଗ୍ରୀ ହାସଲ କରିଛନ୍ତି।

ମଣ୍ଡଳ କାରାଗାରରେ ରହୁଥିବା ବନ୍ଦୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସେଥିମଧ୍ୟରୁ ମୁକ୍ତ ବିଶ୍ୱବିଦ୍ୟାଳୟରେ ମାଗଣା ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ସହ ସମସ୍ତ ପ୍ରକାର ପାଠ୍ୟପୁସ୍ତକ ସହାୟତା ପ୍ରଦାନ କରାଯାଉଛି। ଯାହାର ଫଳସ୍ୱରୂପ ବିମଳ ଏହି କୃତିତ୍ୱ ହାସଲ କରିବାବା ସହ ଡିଗ୍ରୀ ହାସଲ କରିବାରେ ସକ୍ଷମ ହୋଇଛନ୍ତି।

ସୂଚନାଯୋଗ୍ୟ, ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିମଳ ୧୭ବର୍ଷ ହେବ ଏକ ନିର୍ଦ୍ଦିଷ୍ଟ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ କୋଦଳା ଥାନା ଅଞ୍ଚଳର ବିମଳ ଆଜୀବନ ସଜା କାଟୁଛନ୍ତି। ବର୍ତ୍ତମାନ୍ ସେ ମଣ୍ଡଳ କାରାଗାରରେ ପାରାଲିଗାଲ ଭାଲ୍ୟୁଣ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ସେ ନିୟମିତ ଶିକ୍ଷକ କାରାଗାରରେ ରହିଥିବା ଶ୍ରେଣୀଗୃହକୁ ପରିଭ୍ରମଣ କରି ଅନ୍ୟାନ୍ୟ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ କରୁଛନ୍ତି। ଏହି କ୍ରମରେ ନିକଟରେ ପ୍ରକାଶିତ ପରୀକ୍ଷା ଫଳରେ ବିମଳ ପ୍ରଥମ ସ୍ଥାନରେ ପାସ କରିଥିବା ବ୍ରହ୍ମପୁର ମଣ୍ଡଳ କାରାଗାର ବରିଷ୍ଠ ଅଧୀକ୍ଷକ ଧୀରେନ୍ଦ୍ର ନାଥ ବାରିକ କହିଛନ୍ତି। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ଲାଭ କରିବା ସହ ଉଚ୍ଚଶିକ୍ଷିତ ଲକ୍ଷ୍ୟରେ ଅନ୍ତେବାସୀଙ୍କୁ ନିୟମିତ ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଉତ୍ସାହିତ କରାଯାଉଥିବା ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ଶାଖାର ସଂଯୋଜିକା ଶୀତଲ ପୂର୍ଣ୍ଣିମା କହିଛନ୍ତି। ଗତ ୨୦୨୨ ମସିହାରେ ଏହି ପାଠ୍ୟକ୍ରମରେ ୧୧ଜଣ ଅନ୍ତେବାସୀ ନାମ ଲେଖାଇଥିଲେ। ତନ୍ମଧ୍ୟରୁ ପ୍ରଥମ ବିଦ୍ୟାର୍ଥୀ ରୂପେ ବିମଳ ଶିକ୍ଷା ଶେଷ କରିବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ଅନେକ ଅନ୍ତେବାସୀ ଏଠାରେ ଶିକ୍ଷାବର୍ଷ ଶେଷ କରିଥିଲେ ମଧ୍ୟ ପିଜି ପାଠ୍ୟକ୍ରମ ଶେଷ କରିବାରେ ବିମଳ ପ୍ରଥମ ବୋଲି ସେ କହିଛନ୍ତି।

# ଆଦର୍ଶ ଆଚରଣ ବିଧି ବେଳେ ସିଇଓଙ୍କ ଟେଣ୍ଡର ଆହ୍ୱାନ

ଭୁବନେଶ୍ୱର,୨।୧୧(ସମିସ): ନୂଆପଡ଼ା ବିଧାନସଭା ଉପନିର୍ବାଚନ ତାରିଖ ଘୋଷଣା ସହିତ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏହି ଉପନିର୍ବାଚନ ସମ୍ବନ୍ଧୀୟ ଗଜେଟ୍ ନୋଟିଫିକେସନ୍ ଅକ୍ଟୋବର ୧୩ରେ ପ୍ରକାଶ ପାଇବା ପରେ ମଧ୍ୟ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ରାଜ୍ୟ ସରକାର ଅତିରିକ୍ତ ଦାୟିତ୍ୱରୁ ମୁକ୍ତ କରି ନାହାନ୍ତି। ବରିଷ୍ଠ ଆଇଏଏସ୍ ଆର୍.ଏସ୍.ଗୋପାଳନ୍ ବର୍ତ୍ତମାନ ସିଇଓ ଭାବେ କାର୍ଯ୍ୟ କରୁଥିବା ବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶକ୍ତିକରଣ (ଏସ୍‌ଏସ୍‌ଇପିଡି) ବିଭାଗର ମଧ୍ୟ କମିସନର ତଥା ସଚିବ ଭାବେ କାର୍ଯ୍ୟରତ ଅଛନ୍ତି।

ଦ୍ୱୈତ ଦାୟିତ୍ୱରେ ରହି ଶ୍ରୀ ଗୋପାଳନ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରିଥିବା ନେଇ ଅଭିଯୋଗ ଆସିଛି। କାରଣ ନୂଆପଡ଼ା ଉପନିର୍ବାଚନ ଘୋଷଣା ପରେ, ସିଇଓ ତଥା ଏସ୍‌ଏସ୍‌ଇପିଡି ବିଭାଗ ସଚିବ ଶ୍ରୀ ଗୋପାଳନ ପ୍ରାୟ ୪୦ କୋଟି ଟଙ୍କାର ଟେଣ୍ଡର ଜାରି କରିଛନ୍ତି। ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ଅର୍ଥାତ ଅକ୍ଟୋବର ୧୩ ତାରିଖରେ ଏହି ଟେଣ୍ଡର ଜାରି ହୋଇଛି। ଏଥିରେ ରାଜ୍ୟର ୩୦ଟି ଜିଲ୍ଲା ପାଇଁ ଭିନ୍ନକ୍ଷମ ଲୋକଙ୍କ ସାଧନ ସରଞ୍ଜାମ କିଣିବା ପାଇଁ ଟେଣ୍ଡର ହୋଇଛି। ଟେଣ୍ଡର ଦାଖଲର ଶେଷ ତାରିଖ ଅକ୍ଟୋବର ୩୧ ତାରିଖ ରହିଛି, ଯାହା ନିର୍ବାଚନ ଆଚରଣ ବିଧି ସମୟସୀମା ମଧ୍ୟରେ ପଡୁଛି। ଏହି ଟେଣ୍ଡର ସିଧାସଳଖ ଭାବରେ ନୂଆପଡ଼ାର ୪ ହଜାର ଭିନ୍ନକ୍ଷମ ଭୋଟରଙ୍କୁ ପ୍ରଭାବିତ କରିପାରେ ବୋଲି ଅଭିଯୋଗ ହୋଇଛି। ଶ୍ରୀ ଗୋପାଳନ ଏହି ଟେଣ୍ଡରର କମିଟିର ମୁଖ୍ୟ ହୋଇଥିବାରୁ, ଏହା ସ୍ପଷ୍ଟ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଛି।

ଭାରତ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ନିୟମାବଳୀ ଅନୁଯାୟୀ, ଯଦି କୌଣସି ଆଇଏଏସ୍ ମୁଖ୍ୟ

■ ଦ୍ୱୈତ ଦାୟିତ୍ୱରେ ରହି ଭିନ୍ନକ୍ଷମଙ୍କ ପାଇଁ ହୋଇଛି ଟେଣ୍ଡର
■ ଉପନିର୍ବାଚନରେ ଦିବ୍ୟାଙ୍ଗ ଭୋଟରଙ୍କୁ ପ୍ରଭାବିତ ଅଭିଯୋଗ
■ ଆଚରଣ ବିଧି ଉଲ୍ଲଙ୍ଘନ, ନିଷ୍ପକ୍ଷତା ଉପରେ ଉଠିଲା ପ୍ରଶ୍ନ

ନିର୍ବାଚନ ଅଧିକାରୀ ସହିତ ଅନ୍ୟ କୌଣସି ପଦବୀ ଧାରଣ କରୁଛନ୍ତି, ତେବେ ନିର୍ବାଚନ ସମୟରେ ସେମାନଙ୍କୁ ସେହି ଅନ୍ୟ ପଦବୀରୁ ମୁକ୍ତ କରାଯିବ। ଦ୍ୱୈତ ଦାୟିତ୍ୱ ଧାରଣ କରିବା ଦ୍ୱାରା ସରକାରୀ ଯୋଜନା, ଆଇନଶୃଙ୍ଖଳା ଓ ସାମାଜିକ ସେବା ଇତ୍ୟାଦି ମାମଲାରେ ପ୍ରଭାବ ପକାଇ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିବାର ଆଶଙ୍କା ରହୁଛି। ତେଣୁ ଇସିଆଇ ଏହି କ୍ଷେତ୍ରରେ ରାଜ୍ୟଗୁଡ଼ିକ ପାଇଁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିଥାନ୍ତି। ମାତ୍ର ବର୍ତ୍ତମାନ ଗୋପାଳନଙ୍କ ଦୁଇଟି ଦାୟିତ୍ୱ ଧାରଣ କରିବା ନିୟମ ବିରୋଧୀ ଓ ନୀତିବିରୋଧୀ ହୋଇଥିବା ସତ୍ତ୍ୱେ ରାଜ୍ୟ ସରକାର ଏଥିପ୍ରତି ଆଖିବୁଜି ଦେଇଥିବା ପରିଲକ୍ଷିତ ହୋଇଛି। ନୂଆପଡ଼ା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଉପନିର୍ବାଚନରେ ବିରୋଧୀ ଏକାଧିକବାର ନିର୍ବାଚନର ସ୍ୱଚ୍ଛତା ଓ ନିରପେକ୍ଷତାକୁ ନେଇ ପ୍ରଶ୍ନ କରୁଥିବା ବେଳେ ରାଜ୍ୟ ସରକାର ତାଙ୍କୁ ଶାସନ ସଚିବ ପଦରୁ ଅପସାରଣ ନ କରିବା ଲୋକମାନଙ୍କ ମଧ୍ୟରେ ଅନେକ ପ୍ରଶ୍ନ ଉଠାଉଛି।

ସୂଚନା ଥାଉ କି ଜଣେ ସିଇଓ ରାଜ୍ୟ ସରକାରଙ୍କ ସହିତ ଅନ୍ୟ କୌଣସି ବିଭାଗ ଦାୟିତ୍ୱରେ ରହିଥାନ୍ତି, ତେବେ ନିର୍ବାଚନ ଆୟୋଗ ସେହି ଅଧିକାରୀଙ୍କୁ ନିର୍ବାଚନ ଅବଧି ପାଇଁ ଅଣ-ସିଇଓ କର୍ତ୍ତବ୍ୟରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେବା ପୂର୍ବରୁ ରାଜ୍ୟ ସରକାରମାନେ ନିଜଆଡୁ ସେମାନଙ୍କୁ ଅନ୍ୟ ଦାୟିତ୍ୱରୁ ମୁକ୍ତ କରିଥାନ୍ତି। ହେଲେ ରାଜ୍ୟ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟ କରିନାହାନ୍ତି। ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିବା ବେଳେ ଏହି ନିର୍ବାଚନମଣ୍ଡଳୀରେ ୧,୬୮୬ ଜଣ ବରିଷ୍ଠ ଭୋଟର ଏବଂ ୩,୯୮୮ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି। ଏହି ଟେଣ୍ଡର ପରେ ତାଙ୍କ ନିରପେକ୍ଷତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦୂର ହେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।


**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୯୪୮ - ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ମିଳିତ ଜାତିସଂଘରେ ତାଙ୍କ ପ୍ରଥମ ଅଭିଭାଷଣ ରଖିଲେ।
- ୧୯୫୭ - ସୋଭିଏତ୍ ସଂଘ 'ଲାଇକା' ନାମକ କୁକୁରକୁ ମହାକାଶକୁ ପଠାଇଲା।
- ୧୯୫୮ - ପ୍ୟାରିସ୍‌ରେ ୟୁନେସ୍କୋ ଭବନର ଉଦ୍‌ଘାଟନ କରାଗଲା।
- ୨୦୦୪- ଜର୍ଜ ଡବ୍ଲୁ ବୁଶ୍ ଆମେରିକାର ରାଷ୍ଟ୍ରପତି ହେଲେ।

# ୧୮ ବର୍ଷ ପରେ ଏକାଠି ଗୋବିନ୍ଦା-ସଲମାନ



ନବେ ଦଶକର ସୁପରଷ୍ଟାର୍ ଗୋବିନ୍ଦା ତାଙ୍କର ଆଗାମୀ ଫିଲ୍ମକୁ ନେଇ ଚର୍ଚ୍ଚାରେ। ସେ ସଲମାନ୍‌ଙ୍କ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍'ରେ ନଜର ଆସିବେ। ଏଥିରେ ସେ ନିଶ ରଖିଥିବାର ଦେଖାଯିବେ। ହିରୋ ନମ୍ବର ୱାନ୍‌ଙ୍କର ନିଶ ରଖିଥିବା ଏହି ଫଟୋ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ନିକଟରେ 'ବିଗ୍‌ବସ୍ ୧୯' ଶୋ'କୁ ଗୋବିନ୍ଦାଙ୍କ ପତ୍ନୀ ସୁନୀତା ଆହୁଜା ଆସିଥିଲେ। ଶୋ'ରେ ସଲମାନ୍ ଗୋବିନ୍ଦାଙ୍କ ସହ କାମ କରୁଛନ୍ତି ବୋଲି ଇଶାରା ଦେଇଥିଲେ। ଗୋବିନ୍ଦା ଏହି ଫିଲ୍ମର ସୁଟିଂ ମଧ୍ୟ ଆରମ୍ଭ କରି ଦେଇଛନ୍ତି। ଏଠାରେ ପ୍ରକାଶ ଥାଉ କି, ସଲମାନ୍ ଓ ଗୋବିନ୍ଦା ଏକାଠି ଶେଷଥର ପାଇଁ ୨୦୦୭ ମସିହାରେ 'ପାର୍ଟନର' ସିନେମାରେ ଦେଖାଯାଇଥିଲେ। ଏହି ଦୁହିଁଙ୍କ ଯୋଡ଼ି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ସିନେମାଟି ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା। ଏବେ ପୁଣି ଥରେ ୧୮ ବର୍ଷ ପରେ ସଲମାନ ଏବଂ ଗୋବିନ୍ଦାଙ୍କୁ ବଡ଼ ପରଦାରେ ଏକାଠି ଦେଖିବାକୁ ମିଳିବ। 'ବ୍ୟାଟଲ୍ ଅଫ୍ ଗଲୱାନ୍'ରେ ଚିତ୍ରାଙ୍ଗଦା ସିଂହ, ଅଙ୍କୁର ଭାଟିଆ, ଅଭିଳାଷ ଚୌଧୁରୀ, ବିପିନ ଭରଦ୍ୱାଜ ପ୍ରମୁଖ ଦେଖାଯିବେ। ଅପୂର୍ବା ଲାଖିଆ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

# 'ସିଙ୍ଗାପୁର' ନାମକରଣରେ କୃତଜ୍ଞତା ଜ୍ଞାପନ



ପାଲେଷ୍ଟାଇନର ଜଣେ ଦମ୍ପତି ନିଜ ପିଲାର ନାମକରଣକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସମ୍ପୃକ୍ତ ଦମ୍ପତି ନିଜ ପିଲାର ନାଁ 'ସିଙ୍ଗାପୁର' ରଖିଛନ୍ତି। ତେବେ ଏଭଳି ନିଆରା ନାମକରଣ ପଛରେ କାରଣ ଥିବା ସେମାନେ କହିଛନ୍ତି। ହମଦାନ ହଦାଦ ଏବଂ ତାଙ୍କ ସ୍ତ୍ରୀଙ୍କୁ ଯୁଦ୍ଧ ସମୟରେ ସିଙ୍ଗାପୁରର ଏକ ଚ୍ୟାରିଟି ଲଗାତାର ଖାଦ୍ୟ ଯୋଗାଇ ଆସୁଥିଲା, ତାକୁ କୃତଜ୍ଞତା ଜଣାଇବା ପାଇଁ ସେମାନେ ନିଜ ପିଲାର ନାମକରଣ ଏଭଳି କରିଛନ୍ତି। ତେବେ ପିଲାଟିର ଜନ୍ମ ଅକ୍ଟୋବର ୧୬ରେ ହୋଇଛି। ପାଲେଷ୍ଟାଇନ୍‌ରେ 'ସିଙ୍ଗାପୁର' ନାଁରେ ଏହା ପ୍ରଥମ ଶିଶୁ। ହମଦାନ 'ଲଭ ଆଣ୍ଡ ସିଙ୍ଗାପୁର' ଦ୍ୱାରା ପରିଚାଳିତ ଏକ ସୁପ୍ କିଚେନରେ ରୋଷେୟା ଭାବେ କାମ କରନ୍ତି। ଏହା ଦୁଇବର୍ଷ ହେବ ଗାଜାରେ ରନ୍ଧା ଖାଦ୍ୟ ପ୍ରଦାନ କରି ଆସୁଛି। ହମଦାନ କହନ୍ତି, ତାଙ୍କ ସ୍ତ୍ରୀ ଗର୍ଭବତୀ ଥିବା ବେଳେ ସେ 'ଲଭ୍ ଆଣ୍ଡ ସିଙ୍ଗାପୁର' ଖାଦ୍ୟ ଖାଇ ଆସୁଥିଲେ। ଯୁଦ୍ଧ ଭଳି ପରିସ୍ଥିତିରେ ଏହା ଖାଦ୍ୟ ପ୍ରଦାନ କରିଥିବାରୁ ସେ ତାଙ୍କ ପିଲାର ନାଁ ସିଙ୍ଗାପୁର ରଖିବାର ନିଷ୍ପତ୍ତି ନେଲେ। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ 'ଲଭ୍ ଆଣ୍ଡ ସିଙ୍ଗାପୁର' ପକ୍ଷରୁ ପିଲାଟିର ଜନ୍ମ ପ୍ରମାଣପତ୍ରର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯାଇଛି। ଏନେଇ ଚ୍ୟାରିଟି ପକ୍ଷରୁ କୁହାଯାଇଛି, ଏହି ଘଟଣା ତା'ର ସ୍ୱେଚ୍ଛାସେବକ ଏବଂ ଯୁଦ୍ଧ ଭଳି ସ୍ଥିତିରେ ଜୀବିତ ରହିବା ପାଇଁ ସେମାନଙ୍କ ରୋଷେଇ ଉପରେ ନିର୍ଭର କରୁଥିବା ପରିବାରଗୁଡ଼ିକ ମଧ୍ୟରେ ଥିବା ବିଶେଷ ସମ୍ପର୍କକୁ ପ୍ରତିଫଳିତ କରିଛି। ଅନ୍ୟପଟେ ଚ୍ୟାରିଟି ମଧ୍ୟ ପିଲାଟିର ଦୀର୍ଘ ତଥା ସୁସ୍ଥ ନିରାମୟ ଜୀବନ କାମନା କରିଛି। ତା'ସହ ଯୁଦ୍ଧ ବିରତି ପରେ ପିଲାଟି ଏକ ଭଲ ଦୁନିଆରେ ବଡ଼ ହେବା ଆଶା ରଖିଛି।

# ଫଳାହାରରୁ ଜୀବନ ଗଲା



ଆଜିକାଲି ଲୋକେ ବିଭିନ୍ନ ପ୍ରକାର ଡାଏଟ୍‌କୁ ଆପଣାଇ ଓଜନ ହ୍ରାସ କରୁଛନ୍ତି। ହେଲେ ବେଳେବେଳେ ଏହା ସ୍ୱାସ୍ଥ୍ୟ ପକ୍ଷେ ବେଶ୍ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ। ଏହିପରି ଏକ ଖବର ଏବେ ସାମ୍ନାକୁ ଆସିଛି। ବାଲିର ଏକ ହୋଟେଲରେ ଥିବା କାରୋଲିନା କ୍ରଜିୟାକ ନାମକ ଜଣେ ୨୭ ବର୍ଷୀୟା ଯୁବତୀଙ୍କର ଅତ୍ୟଧିକ ଭୋକ ଯୋଗୁ ମୃତ୍ୟୁ ହୋଇଛି। କାରୋଲିନା ଅନେକ ଦିନରୁ ଫଳାହାର କରୁଥିଲେ। ମୃତ୍ୟୁ ବେଳକୁ ତାଙ୍କର ଓଜନ ୨୨ କେଜି ଥିଲା। କେବଳ ସେ ଖାଦ୍ୟରେ ଫଳକୁ ସାମିଲ କରି କୁପୋଷଣ ଶିକାର ହୋଇଥିଲେ। ମେଡିକାଲ ରିପୋର୍ଟ ଅନୁସାରେ, ସେ ଦୀର୍ଘଦିନ ଧରି କୁପୋଷଣର ଶିକାର ହୋଇ ଅଷ୍ଟିଓପୋରୋସିସ୍ ଏବଂ ଆଲବୁମିନରେ ପୀଡ଼ିତ ଥିଲେ। କାରୋଲିନା ବ୍ରିଟେନରେ ପଢ଼ିବା ବେଳେ ଯୋଗ ଏବଂ ଭେଗାନିଜିମ୍‌କୁ ଆପଣାଇ ଥିଲେ। ଏହା ହିଁ ତାଙ୍କୁ ଫଳାହାର ଡାଏଟ୍ ପ୍ରତି ଆକର୍ଷିତ କରିଥିଲା। ସେହିପରି ସୋସିଆଲ ମିଡିଆ ପୋଷ୍ଟ ତାଙ୍କର ବିଗୁଡ଼ିଥିବା ସ୍ୱାସ୍ଥ୍ୟାବସ୍ଥାକୁ ଦର୍ଶାଉଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦେଖି କାରୋଲିନାଙ୍କ ପରିବାର ଓ ସାଙ୍ଗସାଥୀ ଏହି ଡାଏଟ୍ ଗ୍ରହଣ କରିବାକୁ ମନା କରିଥିଲେ ବି ସେ ଏଥିରୁ ଓହରି ନ ଥିଲେ। ତେବେ ଫ୍ରୁଟାରିଆନ ଡାଏଟ୍ ହେଉଛି ଏକ ସୀମିତ ଭେଗାନ ଡାଏଟ। ଏଥିରେ କ୍ଷୀର, ଦହି ଭଳି ପ୍ରାଣୀଜାତ ଦ୍ରବ୍ୟ ସାମିଲ ନ ଥାଏ। ମୁଖ୍ୟତଃ ଫଳ ଖାଇବା ଉପରେ ଉକ୍ତ ଡାଏଟ୍ ଗୁରୁତ୍ୱ ଦିଏ। ଅନ୍ୟପଟେ ଶସ୍ୟ, ଡାଲି ଏବଂ କନ୍ଦମୂଳକୁ ସମ୍ପୂର୍ଣ୍ଣ ଭାବରେ ତ୍ୟାଗ କରାଯାଏ ନଚେତ୍ ଅଳ୍ପ ଖିଆଯାଏ। ଏଥିରେ ରନ୍ଧା ଖାଦ୍ୟ ଖାଇବାକୁ ବାରଣ ରହିଛି। ଫଳଗୁଡ଼ିକ ଶରୀରକୁ ଭିଟାମିନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ପ୍ରଦାନ କରୁଥିବାବେଳେ ଏଥିରେ ପ୍ରୋଟିନ୍, ଚର୍ବି, କ୍ୟାଲସିୟମ୍, ଲୌହ, ଭିଟାମିନ୍ ବି-୧୨ ଏବଂ ଶରୀରକୁ ଶକ୍ତି ପ୍ରଦାନ କରିବା ଲାଗି ପର୍ଯ୍ୟାପ୍ତ କାର୍ବୋହାଇଡ୍ରେଟ୍‌ର ଅଭାବ ଥାଏ। ତା'ସହ ଏସବୁର ଅଭାବ ଅନ୍ତନଳୀର ଆସ୍ତରଣକୁ ଦୁର୍ବଳ ଏବଂ ଗତିକୁ ମନ୍ଥର କରିପାରେ ଏବଂ ଇଲେକ୍ଟ୍ରୋଲାଇଟ୍ ସ୍ତରକୁ ବିଗିଡ଼ିବା ସହିତ ଅନେକ ଅଙ୍ଗକୁ ସଙ୍କୁଚିତ କରିପାରେ। ତେଣୁ କେବଳ ଫଳଯୁକ୍ତ ଖାଦ୍ୟ ଦ୍ୱାରା ମେଟାବୋଲିଜିମ୍ ମନ୍ଥର ହୋଇଯିବା, ହାଡ଼ ଦୁର୍ବଳ ହୋଇଯିବା ଏବଂ ଅଙ୍ଗଗୁଡ଼ିକ ଅକାମୀ ହେବା ଆରମ୍ଭ କରେ। ଅନ୍ୟପଟେ ଅତ୍ୟଧିକ ଫଳ ଖାଇବାର ପ୍ରଭାବ ବିଷୟରେ ଡାକ୍ତର ମଧ୍ୟ ଚେତାବନୀ ଦେଇଛନ୍ତି। ସ୍ୱାସ୍ଥ୍ୟକୁ ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଚର୍ବି ଏବଂ ସୂକ୍ଷ୍ମ ପୋଷକ ତତ୍ତ୍ୱ ସହିତ ଏକ ସନ୍ତୁଳିତ ଖାଦ୍ୟ ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଛି।

# ପଞ୍ଚୁକ ବ୍ରତ



**କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ କରାଯାଏ 'ପଞ୍ଚୁକ'। କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ପର୍ଯ୍ୟନ୍ତ ଏହି ବ୍ରତ ପାଳନ ହୋଇଥାଏ। ଏହା 'ମହାପଞ୍ଚକ', 'ବକପଞ୍ଚକ', ବା 'ଭୀଷ୍ମପଞ୍ଚକ' ନାଁରେ ମଧ୍ୟ ପରିଚିତ। ଅନେକ ଅଁଳା ନବମୀ, ରାଧାପାଦ ଦର୍ଶନଠାରୁ ସାତ ଦିନ ପର୍ଯ୍ୟନ୍ତ ପଞ୍ଚୁକ ବ୍ରତ ପାଳନ କରିଥାନ୍ତି।**

କାର୍ତ୍ତିକ ମାସ ଶେଷ ପାଞ୍ଚଦିନକୁ ସବୁଠୁ ପବିତ୍ର ଦିନ ବୋଲି କୁହାଯାଏ। ତେବେ ଯେଉଁ ବ୍ରତଧାରୀ କାର୍ତ୍ତିକ ବ୍ରତ ମାସ ସାରା ହବିଷ ପାଳନ କରିପାରି ନ ଥାନ୍ତି, ସେମାନେ ଏହି ପଞ୍ଚୁକ ପାଞ୍ଚଦିନ ନିଷ୍ଠାର ସହ ହବିଷ ପାଳନ କରିଥାନ୍ତି। ତେବେ ପଞ୍ଚୁକରେ ଶ୍ରୀକ୍ଷେତ୍ର ପୁରୀରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। କେବଳ ସେତିକି ନୁହେଁ, ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଓ ସ୍ୱତନ୍ତ୍ର ବେଶରେ ମହାପ୍ରଭୁ ଦର୍ଶନ ଦେଇଥାନ୍ତି। ସେହିପରି ପଞ୍ଚୁକ ପାଞ୍ଚଦିନ ଯାକ ଲୋକମାନେ ଆମିଷ ତ୍ୟାଗ କରି ସାତ୍ତ୍ୱିକ ଆହର ଗ୍ରହଣ କରନ୍ତି। କିମ୍ବଦନ୍ତୀ ଅନୁସାରେ, ବଗ ମଧ୍ୟ ଏହି ପାଞ୍ଚଦିନ ଆମିଷ ତ୍ୟାଗ କରିଥାଏ। ସେଥିପାଇଁ ଏହାକୁ 'ବକ ପଞ୍ଚମୀ' କୁହାଯାଏ।

# କାର୍ତ୍ତିକ ପୂର୍ଣ୍ଣିମା

**କାର୍ତ୍ତିକ ମାସ ଶୁକ୍ଳ ପକ୍ଷରେ ପଡୁଥିବା ପୂର୍ଣ୍ଣିମାକୁ 'କାର୍ତ୍ତିକ ପୂର୍ଣ୍ଣିମା' କୁହାଯାଏ। ପୌରାଣିକ କାହାଣୀ ଅନୁସାରେ, ଏହିଦିନ ମହାଦେବ ତ୍ରିପୁରାସୁର ନାମକ ଏକ ଅସୁରକୁ ବଧ କରିଥିଲେ। ଏହି କାରଣରୁ କାର୍ତ୍ତିକ ପୂର୍ଣ୍ଣିମାକୁ 'ତ୍ରିପୁରା ପୂର୍ଣ୍ଣିମା' କୁହାଯାଏ।**



କାର୍ତ୍ତିକ ପୂର୍ଣ୍ଣିମାରେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଧାରଣ କରିଥିଲେ। ହିନ୍ଦୁ ପୁରାଣ ଅନୁସାରେ, ଏହିଦିନ ଧାର୍ମିକ ଦୃଷ୍ଟିରୁ ଖୁବ୍ ମହତ୍ତ୍ୱପୂର୍ଣ୍ଣ। ଏହି ଅବସରରେ କୌଣସି ପବିତ୍ର ନଦୀରେ ସ୍ନାନ ସାରି ଦାନ, ଧର୍ମ ସହ ଦୀପଦାନ କରିବାର ପରମ୍ପରା ବି ଅଛି। କୁହାଯାଏ, ଏଭଳି କରିବା ଦ୍ୱାରା ଲୋକଙ୍କ କଷ୍ଟ ଦୂର ହେବା ସହ ପାପ କ୍ଷୟ ମଧ୍ୟ ହୋଇଥାଏ। ପଦ୍ମ ପୁରାଣ, ସ୍କନ୍ଦ ପୁରାଣ ଓ ନାରଦ ପୁରାଣରେ କାର୍ତ୍ତିକ ପୂର୍ଣ୍ଣିମାରେ ଗଙ୍ଗା ସ୍ନାନର ମହତ୍ତ୍ୱ ସମ୍ପର୍କରେ କୁହାଯାଇଛି। ତା'ସହ ଭଗବାନ ବିଷ୍ଣୁଙ୍କ ପୂଜା ଦ୍ୱାରା କୃପା ପ୍ରାପ୍ତି ହୁଏ। ଏହିଦିନ ବୋଇତ ବନ୍ଦାଣର ପରମ୍ପରା ପାଳନ କରାଯାଏ।

ଅନ୍ୟପକ୍ଷରେ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗାଭସା ହୋଇଥାଏ। ଏହି ସମୟରେ 'ଆ କା ମା ବୈ...ପାନ ଗୁଆ ଥୋଇ...ପାନ ଗୁଆ ତୋର ମାସକ ଯାକ ଧର୍ମ ମୋର...' ଗୀତ ଗାଇ ପ୍ରତ୍ୟେକ ଓଡ଼ିଆ ଡଙ୍ଗା ଭସାନ୍ତି। କଦଳୀ ପଟୁରେ ଡଙ୍ଗା କରି ଭସା ଯିବାର ବିଶେଷ ମହତ୍ତ୍ୱ ଅଛି। ଡଙ୍ଗାଭସା ସହ କାର୍ତ୍ତିକ ମାସ ସମାପନ ହୋଇଥାଏ।

## ସ୍ୱସ୍ତି

# ବଡ଼ ଓଷା

**କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ପାଳିତ ହୁଏ ବଡ଼ଓଷା। ଏହିଦିନ ଦେବ ଦେବ ମହାଦେବଙ୍କୁ ବିଶେଷ ପୂଜାର୍ଚ୍ଚନା କରାଯାଏ। ପଦ୍ମ ପୁରାଣ ଅନୁସାରେ, ବ୍ରହ୍ମାଙ୍କ ଅଭିଶାପରୁ ମୁକ୍ତି ପାଇବା ପାଇଁ ଇନ୍ଦ୍ରଦେବ ଧବଳେଶ୍ୱରଙ୍କ ନିକଟରେ ବଡ଼ଓଷା ବ୍ରତ ପାଳନ କରି କାର୍ତ୍ତିକ ପୂର୍ଣ୍ଣିମାରେ ବୁଡ଼ ପକାଇ ଶାପରୁ ମୁକ୍ତ ହୋଇଥିଲେ। କଟକ ଜିଲ୍ଲାର ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ପର୍ବ ଆଡମ୍ବର ସହକାରେ ପାଳନ ହେଉଥିବା ବେଳେ ଏହାର ମୁଖ୍ୟ ଭୋଗ ହେଉଛି ଗଜପିଠା।**



ବଡ଼ଓଷାର କାହାଣୀ ପୁରାଣରେ ବର୍ଣ୍ଣିତ। ଏକଦା ଶିବଙ୍କ ପାଇଁ ନାରଦ ମୁନି କୈଳାସରେ ପହଞ୍ଚି ଥିଲେ। ମହାଦେବଙ୍କ ଦର୍ଶନ ସହ ଭକ୍ତଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ନାରଦ ମହାଦେବଙ୍କୁ ଅବଗତ କରାଇଲେ। ଏହାସହ ସେ ଭକ୍ତଙ୍କ ଦୁଃଖ ଲାଗି ଗୁହାରି କଲେ। ସେଇଠୁ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀରେ ଶିବ ଦର୍ଶନ କରି ବ୍ରତ ଧାରଣ କରିବାକୁ ମହାଦେବ କହିଲେ। ସେହି ଦିନଠାରୁ ବଡ଼ଓଷା ପାଳନ ହୋଇ ଆସୁଛି।

ଅନ୍ୟପଟେ ଏହିଦିନ ପ୍ରଭୁ ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ ଅନୁଷ୍ଠିତ ହୁଏ। ଏହି ବେଶକୁ ଦର୍ଶନ କରିବା ଦ୍ୱାରା କୋଟି ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଠାକୁରଙ୍କ ପାଖରେ ଗଜଭୋଗ ସହ ତରଣ ମଧ୍ୟ ଲାଗି କରାଯାଏ। ବ୍ରତଧାରୀ ଏହିଦିନ ନିର୍ଜଳା ଉପବାସ ରଖନ୍ତି। ସେହିପରି ବଡ଼ଓଷା ପରଦିନ ଅର୍ଥାତ୍ ପୂର୍ଣ୍ଣମୀ ଦିନ ଡଙ୍ଗା ଭସାଇ କାର୍ତ୍ତିକ ବ୍ରତ ଶେଷ କରନ୍ତି।

# ମାଣବସା ଗୁରୁବାର



**ନଭେମ୍ବର ୬ ତାରିଖରୁ ଆରମ୍ଭ ହେବ ପବିତ୍ର ମାର୍ଗଶିର ମାସ। ଏହା ହେଉଛି ଲକ୍ଷ୍ମୀଙ୍କ ଆରାଧନାର ମାସ। ଶାସ୍ତ୍ର ଅନୁସାରେ, ଏହି ମାସରେ ଶଙ୍ଖ ପୂଜାର ବିଶେଷ ମହତ୍ତ୍ୱ ରହିଛି। ସେହିପରି ଏହି ମାସ ମାଙ୍ଗଳିକ କାର୍ଯ୍ୟ ଲାଗି ଉତ୍ତମ। କୁହାଯାଏ, ଏହି ମାସରେ ବିବାହ କରିବା ଶୁଭଙ୍କର। କାରଣ ଉକ୍ତ ମାସରେ ଶ୍ରୀରାମ ଏବଂ ସୀତାଙ୍କର ବିବାହ ହୋଇଥିଲା ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି। ମାର୍ଗଶିର ମାସରେ ଅନେକ ବ୍ରତ ଓ ପର୍ବ ମଧ୍ୟ ପଡ଼ିଥାଏ।**

ବିଶେଷକରି ଏ ମାସରେ ଓଡ଼ିଆ ଘରେ ମାଣବସା ଗୁରୁବାର ପାଳନ କରାଯାଏ। ମାଣବସା 'ମାଣ ଓଷା' ନାଁରେ ପରିଚିତ। ଧନଦେବୀ ଲକ୍ଷ୍ମୀ ମା'ଙ୍କ ପୂଜାର୍ଚ୍ଚନା ବିଶେଷ ଭାବେ କରାଯାଏ। ଲକ୍ଷ୍ମୀଙ୍କ ଆଗମନକୁ ଦୃଷ୍ଟିରେ ରଖି ଘରର ସ୍ୱଚ୍ଛତା ତଥା ପବିତ୍ରତାକୁ ଗୁରୁତ୍ୱ ଦିଆଯାଇ ଥାଏ। ନାରୀମାନେ ଦିନକ ପୂର୍ବରୁ ଘରେ ଲିପାପୋଛା କରନ୍ତି। ତା'ସହ ସୁନ୍ଦର ଝୋଟି ଚିତା ବି ପକାଇ ଥାନ୍ତି। ଗୁରୁବାର ଦିନ ବଡ଼ି ଭୋରରୁ ମହିଳାମାନେ ସ୍ନାନ ସାରି ଶୁଦ୍ଧତା ଓ ନିଷ୍ଠାର ସହ ଲକ୍ଷ୍ମୀ ପୂଜା କରନ୍ତି। ଖଟୁଲିରେ ଧାନମଣା ବସାଯାଇ ପୂଜା କରିବାର ବିଧି ଅଛି। ପିଠାପଣା ମା'ଙ୍କ ପାଖରେ ଲାଗି ହୁଏ। ମହିଳାମାନେ ଏହାକୁ ବେଶ୍ ନିଷ୍ଠାର ସହ ପାଳନ କରନ୍ତି।

## ଶେଫାଳି ବର୍ମା ପ୍ଲେୟର୍ ଅଫ୍ ଦି ଫାଇନାଲ୍, ଦୀପ୍ତି ଶର୍ମା ପ୍ଲେୟର୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ

# ମହିଳା କ୍ରିକେଟ ଦଳକୁ ପ୍ରଥମ ବିଶ୍ୱକପ୍ ଟାଇଟଲ

ନଭି ମୁମ୍ବଇ,୨।୧୧(ଏଜେନ୍ସି): ଶେଫାଳି ବର୍ମା (୮୭ରନ୍, ୨ୱିକେଟ) ଓ ଦୀପ୍ତି ଶର୍ମା (୫୮ରନ୍, ୪ ୱିକେଟ)ଙ୍କ ଅଲରାଉଣ୍ଡ ସଫଳତା ବଳରେ ଭାରତ ପ୍ରଥମଥର ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ ଚାମ୍ପିଅନ ହୋଇଛି। ନଭି ମୁମ୍ବାଇସ୍ଥିତ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ରବିବାର ପେସାଦାର ଖେଳ ପ୍ରଦର୍ଶନ କରି ଭାରତ ତାହାର ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକା ୫୨ ରନ୍‌ରେ ପରାସ୍ତ କରିଛି। ଏହା ଫଳରେ ଭାରତ ତୃତୀୟ ଫାଇନାଲ ପଦାର୍ପଣରେ ପ୍ରଥମଥର ଟାଇଟଲ ଜିତିଛି। ପୂର୍ବରୁ ଦଳ ୨୦୦୫ ଓ ୨୦୧୭ରେ ରନର୍ସ ଅପ୍ ହୋଇଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ଫାଇନାଲ ଖେଳି ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହି ମ୍ୟାଚ୍‌ରେ ଯୁବ ଓପନର ଶେଫାଳି ବର୍ମା ୭୮ ବଲ୍‌ରେ ୮୭ ଓ ଦୀପ୍ତି ଶର୍ମା ୫୮ ବଲ୍‌ରେ ୫୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୯୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଷ୍ଟାର ଖେଳାଳି ତଥା ଦକ୍ଷିଣ ଆଫ୍ରିକା ଅଧିନାୟକ ଲୌରା ୱାଲଭାର୍ଟଙ୍କ ୧୦୧ ରନ୍ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନ୍ କରିବାକୁ ସମର୍ଥ ହୋଇଥିଲା। ୱାଲଭାର୍ଟଙ୍କୁ ସାଥିଖେଳାଳିଙ୍କ ସମର୍ଥନ ମିଳି ନ ଥିଲା। ଭାରତ ପକ୍ଷରୁ ଶର୍ମା ୫ଟି ଓ ବର୍ମା ୨ଟି ୱିକେଟ ଅକ୍ତିଆର କରିଥିଲେ। ଶେଫାଳିଙ୍କୁ ଫାଇନାଲ୍‌ର ଓ ଦୀପ୍ତିଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ମନୋନୀତ କରାଯାଇଛି।

୨୯୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ଆରମ୍ଭରୁ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ପ୍ରଥମ ୱିକେଟରେ ୱାଲଭାର୍ଟ ଓ ବ୍ରିଟ୍ସ ୫୧ ରନ୍ ଉଠାଇବା ପରେ ଦଳ ୯୭ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲା। ୩୦ତମ ଓଭରରେ ଦଳ ୫ ୱିକେଟ ହରାଇ ୧୫୦ ରନ୍‌ରେ ପହଞ୍ଚିବା ପରେ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରୁଥିବା ୱାଲଭାର୍ଟ ଓ ଆନେରୀ ଡେର୍କସେନ ୬୧ ବଲ୍‌ରୁ ୬୧ ରନ୍ ଉଠାଇ ଦଳକୁ ବିଜୟର ନିକଟତର କରାଇଥିଲେ। ୩୭ ବଲ୍‌ରେ ୩୫ ରନ୍ କରିଥିବା ଡେର୍କସେନ୍‌ଙ୍କୁ ବୋଲ୍ଡ କରି ଦୀପ୍ତି ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ଏହା ପରେ ଅଧିନାୟକ ୱାଲଭାର୍ଟଙ୍କ ସହ ଚୋଲେ ଟ୍ରାୟନ ଇନିଂସ ସଜାଡିବାକୁ ଉଦ୍ୟମ କରୁଥିଲାବେଳେ ୪୨ତମ ଓଭରରେ ଉଭୟଙ୍କୁ ଆଉଟ କରି ଦୀପ୍ତି ଶର୍ମା ଦକ୍ଷିଣ ଆଫ୍ରିକାର ଆଶାକୁ ଧୂଳିସାତ କରିଦେଇଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଥିବା ୱାଲଭାର୍ଟ ୯୮ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହ ୧୦୧ ରନ୍‌ରେ ଆଉଟ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ୫୭୧ ରନ୍ କରି ଟପ୍ ସ୍କୋରର ହୋଇଥିଲେ। ଭାରତ ପକ୍ଷରୁ ବ୍ୟାଟିଂରେ ଅର୍ଦ୍ଧଶତକ ହାସଲ କରିଥିବା ବର୍ମା ଓ ଶର୍ମା ମିଳିତ ଭାବେ ୭ଟି ୱିକେଟ ନେଇଥିଲେ। ଉଭୟ ସ୍ପିନର ହୋଇଥିଲାବେଳେ ଦୀପ୍ତି ଶର୍ମା ୩୯ ରନ୍‌ରେ ୫ଟି ଓ ଶେଫାଳି ବର୍ମା ୩୬ ରନ୍‌ରେ ୨ଟି ୱିକେଟ ନେଇ ଭାରତକୁ ଐତିହାସିକ ବିଜୟ ପ୍ରଦାନ କରିଥିଲେ।


ଦୀପ୍ତି ଶର୍ମା
୫୮ ରନ୍,
୫ ୱିକେଟ୍


ଶେଫାଳି ବର୍ମା
୮୭ ରନ୍,
୨ ୱିକେଟ୍

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ପରେ ଭାରତ ଆରମ୍ଭରୁ କୌଣସି ସୁଯୋଗ ନ ଦେଇ ରନ୍ ସଂଗ୍ରହ କରିଥିଲା। ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ଭଲ ବ୍ୟାଟିଂ କରି ପ୍ରଥମ ୱିକେଟରେ ୧୦୪ ରନ୍ ଉଠାଇଥିଲେ। ଏହି ଦୁଇ ବ୍ୟାଟର ପ୍ରତିପକ୍ଷ ଦଳର ସମସ୍ତ ବୋଲରଙ୍କୁ ଅତି ସହଜରେ ଖେଳୁଥିଲେ। କିନ୍ତୁ ୭ମ ବୋଲର ଭାବେ ବୋଲିଂ କରିବାକୁ ଆସି ବାମହାତୀ ସ୍ପିନର ଚୋଲେ ଟ୍ରାୟନ ୧୮ତମ ଓଭରରେ ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ଟ୍ରାୟନଙ୍କ ବଲ୍‌କୁ କଟ୍ କରିବାକୁ ଯାଇ ମନ୍ଧାନା କଟ୍ ବିହାଇଣ୍ଡ ହୋଇଯାଇଥିଲେ। ସେ ୫୮ ବଲ୍‌ରୁ ୮ ଚୌକା ସହ ୪୫ ରନ୍ କରିଥିଲେ। ମନ୍ଧାନାଙ୍କ ଆଉଟ ପରେ ଶେଫାଳି ଓ ସେମିଫାଇନାଲ ହିରୋଇନ୍ ଜେମିମା ରୋଡ୍ରିଗ୍ୱେଜ୍ ୬୨ ବଲ୍‌ରୁ ୬୨ ରନ୍ ଉଠାଇ ସ୍କୋରକୁ ଆଗକୁ ବଢ଼ାଇଥିଲେ। ଶେଫାଳି ୭୮ ବଲରୁ ୭ ଚୌକା ଓ ୨ଛକା ସହ ୮୭ ଓ ଜେମିମା ୩୭ ବଲ୍‌ରୁ ୨୪ ରନ୍ ଉଠାଇ ଆଉଟ ହୋଇଥିଲେ। ହରମନପ୍ରୀତ୍ ଓ ଦିପ୍ତି ଚତୁର୍ଥ ୱିକେଟରୁ ୫୨ ରନ୍ ଉଠାଇ ଦଳକୁ ଆଗକୁ ନେଇଥିଲେ। କିନ୍ତୁ ଏହି ସମୟରେ ଦକ୍ଷିଣ ଆଫ୍ରିକାର ବୋଲରମାନେ ଖେଳକୁ ନିୟନ୍ତ୍ରଣରେ ରଖିବା ପରେ ରନ୍ ସଂଗ୍ରହ ହାର କମିବା ସହ ୱିକେଟ ମଧ୍ୟ ଯାଇଥିଲା। ଗୋଟିଏ ପଟେ ଦୀପ୍ତି ଶର୍ମା ତିଷ୍ଠି ରହିଥିଲେ। ସେ ରିଚା ଘୋଷଙ୍କ ସହ ୭ମ ୱିକେଟରୁ ୪୭ ରନ୍ ଉଠାଇ ଦଳକୁ ୩୦୦ ରନ୍ ନିକଟକୁ ନେଇଯାଇଥିଲେ। କିନ୍ତୁ ଡି କ୍ଲେର୍କ ଶେଷ ଓଭରରେ ମାତ୍ର ୬ ରନ୍ ଦେବା ଫଳରେ ଭାରତ ୨୯୮ ରନ୍‌ରେ ଅଟକିଥିଲା। ଶେଷ ବଲ୍‌ରେ ରନ୍‌ଆଉଟ ହୋଇଥିବା ଦୀପ୍ତି ୫୮ ବଲରୁ ୫୮ ରନ୍ କରିଥିଲେ। ଏହା ମଧ୍ୟରେ ୩ଟି ଚୌକା ଓ ଗୋଟି ଛକା ରହିଥିଲା। ଦକ୍ଷିଣ ଆଫ୍ରିକାର ମିଡିୟମ୍ ପେସ୍ ବୋଲର ଆୟାବୋଙ୍ଗା ଖାକାଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଏକମାତ୍ର ବୋଲରଭାବେ ଘଣ୍ଟାପ୍ରତି ୧୩୦ କିଲୋମିଟରରୁ ଅଧିକ ବେଗରେ ବୋଲିଂ କରୁଥିବା ମାରିଜାନ କାପ୍‌ଙ୍କୁ କୌଣସି ସଫଳତା ମିଳି ନ ଥିଲା।

## ମିତାଲିଙ୍କୁ ଟପିଲେ ମନ୍ଧାନା

ନଭି ମୁମ୍ବଇ, ୨।୧୧ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ମହିଳା ବିଶ୍ୱକପ୍ ଫାଇନାଲରେ ଭାରତ ସ୍ମୃତି ମନ୍ଧାନା ୪୫ ରନର ପାଳି ଖେଳି ଭାରତକୁ ଭଲ ପ୍ରାରମ୍ଭ ଦେଇଥିଲେ। ମନ୍ଧାନା ଏଥିସହ ଏହି ବିଶ୍ୱକପ୍‌ରେ ୯ଟି ମ୍ୟାଚ ଖେଳି ୫୪.୨୫ ହାରରେ ୪୩୪ ରନ ସଂଗ୍ରହ କରିଛନ୍ତି। ବିଶ୍ୱକପ୍‌ର ଏହି ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ତାଲିକାରେ ସେ ଦକ୍ଷିଣ ଆଫ୍ରିକାର ଲୌରା ୱାଲଭର୍ଟଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଭାରତୀୟ ଭାବେ ମହିଳା ଦିନିକିଆ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହ କରିବାରେ ସେ ମିତାଲି ରାଜଙ୍କୁ ପଛରେ ପକାଇଦେଇଛନ୍ତି। ୨୦୧୭ ବିଶ୍ୱକପ୍‌ରେ ମିତାଲି ୪୦୯ ରନ କରିଥିଲେ। କିନ୍ତୁ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହ କରିବାର ବିଶ୍ୱରେକର୍ଡ ଅଷ୍ଟ୍ରେଲିଆର ଆଲିସା ହେଲୀଙ୍କ ନାମରେ ରହିଛି। ୨୦୨୨ ବିଶ୍ୱକପ୍‌ରେ ହେଲୀ ୫୦୯ ରନ କରିଥିଲେ।

## ଇଣ୍ଡୋନେସିଆ ପାରା ବ୍ୟାଡ୍‌ମିଣ୍ଟନ: ପ୍ରମୋଦଙ୍କୁ ୨ ପଦକ

ଭୁବନେଶ୍ୱର, ୨।୧୧ (ସମିସ): ପାରାଅଲିମ୍ପିକ ଚାମ୍ପିଅନ ଓଡ଼ିଶାର ପ୍ରମୋଦ ଭଗତ ଇଣ୍ଡୋନେସିଆ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଦୁଇଟି ପଦକ ବିଜୟୀ ହୋଇଛନ୍ତି। ଏସଏଲ୍-୩ ଓ ଏସଏଲ୍-୪ କାଟାଗୋରୀର ପୁରୁଷ ଡବଲ୍ସରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ସଫଳତା ପାଇଛନ୍ତି। ସୁକାନ୍ତ କଦମଙ୍କୁ ସାଥୀ କରି ଖେଳିଥିବା ପ୍ରମୋଦ ଫାଇନାଲରେ ୨୧-୧୬, ୨୧-୧୨ ସିଧାସଳଖ ଗେମରେ ଘରୋଇ ଇଣ୍ଡୋନେସିଆ



ଯୋଡ଼ି ଡିୱୋକୋ ଓ ସେତିଆୱାନଙ୍କୁ ପରାସ୍ତ କରିଥିଲେ। ସେହିଭଳି ଏସଏଲ-୩ ଓ ଏସୟୁ-୫ କାଟାଗୋରୀର ମିକ୍ସଡ ଡବଲ୍ସରେ ମଧ୍ୟ ମନୀଷାଙ୍କୁ ସାଥୀ କରି ପ୍ରମୋଦ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଅପରପକ୍ଷରେ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଦୀପ୍ ରଞ୍ଜନ ବିଶୋୟୀ ଏସଏଲ୍-୩ ଓ ଏସଏଲ୍-୪ କାଟାଗୋରୀର ମିକ୍ସଡ ଡବଲ୍ସରେ କାଂସ୍ୟ ପଦକ ହାସଲ କରିଛନ୍ତି।

### ଅସ୍ମିତା ରଗ୍‌ବୀ ଲିଗ୍

## କିଟ୍, କିସ୍ ଓ ପାହାଡିଆନ ଚାମ୍ପିଅନ

ଯାଜପୁର,୨।୧୧(ସମିସ): କିଟ୍, କିସ୍ ଓ ପାହାଡିଆନ ଯାଜପୁର ଟାଉନରେ ଅନୁଷ୍ଠିତ ଅସ୍ମିତା ରଗ୍‌ବୀ ଲିଗ୍‌ରେ ଚାମ୍ପିଅନ ହୋଇଛନ୍ତି। ଯାଜପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟର ସିନିଅର ବିଭାଗରେ କିଟ୍ ଚାମ୍ପିଅନ ଓ ଫ୍ୟୁଚର ଷ୍ଟାର ରନର୍ସ ଅପ୍ ହୋଇଛି। ଜୁନିଅର ବିଭାଗରେ କିସ୍ ଚାମ୍ପିଅନ ଓ କିଟ୍ ରନର୍ସ ଅପ୍, ସବ୍‌ଜୁନିଅର ବିଭାଗରେ ପହାଡିଆନ୍ ଚାମ୍ପିଅନ ଓ ଯାଜପୁର ରଗ୍‌ବୀ ଆସୋସିଏସନ ରନର୍ସ ଅପ୍ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ କିଟ୍ ଓ କିସ୍ ଭଳି ସାଙ୍ଗଠନିକ ଦଳ ସମେତ ୨୨ଟି ଜିଲ୍ଲାରୁ ଟିମ୍ ଅଂଶଗ୍ରହଣ କରିଥିଲେ। ଭାରତ ସରକାର କ୍ରୀଡ଼ା ମନ୍ତ୍ରଣାଳୟ ଓ ରଗ୍‌ବୀ ଇଣ୍ଡିଆର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଖେଳ ଶେଷରେ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ (ଓରଫା)ର ଯୁଗ୍ମ ତଥା ଯାଜପୁର ଜିଲ୍ଲା ରଗ୍‌ବୀ ଆସୋସିଏସନ ସମ୍ପାଦକ ଭରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନା ମୁଖ୍ୟ ଅତିଥି, ଆଡଭୋକେଟ ଫନୀନ୍ଦ୍ର ମିଶ୍ର, ଓରଫା କୋଷାଧ୍ୟକ୍ଷ ଶକ୍ତିପ୍ରସାଦ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଜିଲ୍ଲାପାଳ ଅମ୍ବରକୁମାର କର ଓ ଯାଜପୁର ବିଧାୟିକା ସୁଜାତା ସାହୁ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଯାଜପୁର ଜିଲ୍ଲା କ୍ରୀଡ଼ାଅଧିକାରୀ ଫକୀର ମୋହନ ଟୁଡୁ, ଓରଫା ସମ୍ପାଦକ ସୁଶାନ୍ତ ସାହୁ, ଯାଜପୁର ଜିଲ୍ଲା ରଗ୍‌ବୀ ସଂଘ ସଭାପତି ନାରାୟଣ ସାହୁ, ସମାଜସେବୀ ତରୁଣକୁମାର ନନ୍ଦ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

### ରଣଜୀ ଟ୍ରଫି: ଆନ୍ଧ୍ରପ୍ରଦେଶ ୪୭୫/୭

## ଓଡ଼ିଶାର ଫଲୋଅନ୍ ଡର

କଟକ,୨।୧୧(ସମିସ): ଚଳିତ ରଣଜୀ ଟ୍ରଫିର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆରମ୍ଭ ହୋଇ ସାରିଥିଲେ ସୁଦ୍ଧା ଓଡ଼ିଶାର ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ ଜାରି ରହିଛି। ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ଆନ୍ଧ୍ରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଫଲୋଅନ ଦ୍ୱାରରେ ରହିଛି। ପ୍ରଥମେ ବ୍ୟାଟିଂ କରୁଥିବା ଆନ୍ଧ୍ରପ୍ରଦେଶ ୭ ୱିକେଟ ବିନିମୟରେ ୪୭୫ ରନ କରି ପାଳି ଘୋଷଣା କରିଥିଲା। ଜବାବରେ ଓଡ଼ିଶା ୨୯ ଓଭର ଖେଳି ୪ ୱିକେଟ ହରାଇ ୮୦ରନ ସଂଗ୍ରହ କରିଛି। ଓପନର ସ୍ୱସ୍ତିକ ସାମଲ ଖାତା ଖୋଲିବା ଆଗରୁ ପ୍ୟାଭିଲିୟନ ଫେରିଥିଲେ। ପ୍ରଥମଥର ରଣଜୀ ଟ୍ରଫି ଖେଳୁଥିବା ଗୌରବ ଚୌଧୁରୀ ୪୮ ରନରେ ଆଉଟ ହୋଇଥିଲେ। ପରେ ନାଇଟ ୱାଚମ୍ୟାନ ବାଦଲ ବିଶ୍ୱାଳ ୧ ଏବଂ ଅଧିନାୟକ ଶୁଭ୍ରାଂଶୁ ସେନାପତି ୬ ରନରେ କ୍ରିଜ ଛାଡ଼ିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ସନ୍ଦୀପ ପଟ୍ଟନାୟକ ୨୪ ଏବଂ ଗୋବିନ୍ଦ ପୋଦ୍ଦାର ୧ ରନରେ ଅପରାଜିତ ଅଛନ୍ତି। ଆନ୍ଧ୍ରପ୍ରଦେଶର କାଭୁରି ସେିତେଜା ଓ ସୌରଭ କୁମାର



୨ଟି ଲେଖାଏ ୱିକେଟ ବାଣ୍ଟି ନେଇଛନ୍ତି। ଫଲୋଅନ ଏଡାଇବାକୁ ହେଲେ ଓଡ଼ିଶାକୁ ମୋଟ୍ ୩୨୫ରନ ସଂଗ୍ରହ କରିବାକୁ ହେବ। ତେବେ ପ୍ରମୁଖ ବ୍ୟାଟରଙ୍କ ବିଫଳତା ଯୋଗୁଁ ଘରୋଇ ପରିବେଶରେ ଦଳକୁ ଫଲୋଅନ ମିଳିପାରେ ବୋଲି ଅନୁମାନ କରାଯାଉଛି।

ପୂର୍ବରୁ ଅସମାପ୍ତ ପ୍ରଥମ ପାଳି ୨୨୨/୩ରୁ ଆନ୍ଧ୍ରପ୍ରଦେଶ ରବିବାର ଖେଳ ଆରମ୍ଭ କରି ୭ ୱିକେଟ୍‌ରେ ୪୭୫ ରନରେ ପାଳି ଘୋଷଣା କରିଥିଲା। ସେଖ୍ ରସିଦ ଏଠାରେ ପ୍ରଥମ ଶ୍ରେଣୀ କ୍ରିକେଟ କ୍ୟାରିୟରର ୪ର୍ଥ ଶତକ ହାସଲ କରିଥିଲେ। ୨୧ବର୍ଷୀୟ ରଶିଦ ୨୨୪ ବଲରୁ ୧୮ଟି ଚୌକା ସହାୟତାରେ ଅପରାଜିତ ୧୪୦ ରନର ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରନ ସିନ୍ଦେ ୩୨, କେଭି ଶଶୀକାନ୍ତ ୪୬ ଏବଂ ସୌରଭ କୁମାର ୩୮ ବଲରୁ ୬୯ ରନର ଦ୍ରୁତ ପାଳି ଖେଳିଥିଲେ। ଓଡ଼ିଶା ପକ୍ଷରୁ ସମ୍ବିତ ବରାଳ ଏବଂ ଗୋବିନ୍ଦ ପୋଦ୍ଦାରଙ୍କୁ ୨ଟି ଲେଖାଏ, ରାଜେଶ ମହାନ୍ତି, ତରଣୀ ସ ଓ ବାଦଲ ବିଶ୍ୱାଳ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ରାଜ୍ୟ ୧୫ ବର୍ଷରୁ କମ୍ ଓପନ ଚେସ୍

## ଆୟାବନ୍ତ ମହାନ୍ତି ଚାମ୍ପିଅନ



ଭୁବନେଶ୍ୱର,୨।୧୧(ସମିସ): ନୂଆପଲ୍ଲୀ ନାରାୟଣ ସ୍କୁଲର ଆୟାବନ୍ତ ମହାନ୍ତି ରାଜ୍ୟ ୧୫ ବର୍ଷରୁ କମ୍ ଓପନ ଚେସ ଚାମ୍ପିଅନ ହୋଇଛନ୍ତି। ଏହି ପ୍ରତିଯୋଗିତା ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ବଡଗଡ଼ କେନାଲ ରୋଡ୍‌ରେ ଥିବା ଓମ୍ ଗୁରୁକୂଳ ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍‌ର ମନୀଷ ରଞ୍ଜନ ଦାସ ରନର୍ସ ଅପ୍, ପଟିଆ ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲର ଆୟୁଷ ଦାସ ତୃତୀୟ, କେଦାରଗୌରୀ ସେଣ୍ଟ ଜାଭିୟର ହାଇସ୍କୁଲ୍‌ର ଜ୍ୟୋତିରାଦିତ୍ୟ ରାଉତ ଚତୁର୍ଥ ଓ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆକାଶ ପ୍ରକାଶ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଏହାକୁ ଉଦ୍‌ଘାଟନ କରିଥିଲାବେଳେ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଥିଲେ। କନୋଜ ବେହୁରିଆ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦାୟିତ୍ୱରେ ରହିଥିଲାବେଳେ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

### ● ପ୍ରଥମ ଅନଅଫିସିଆଲ ଟେଷ୍ଟ

## ଦକ୍ଷିଣ ଆଫ୍ରିକା-ଏ’କୁ ହରାଇଲା ଭାରତ-ଏ’

ବେଙ୍ଗାଲୁରୁ,୨।୧୧(ଏଜେନ୍ସି): ଅଧିନାୟକ ଋଷଭ ପନ୍ତଙ୍କ ଦମ୍‌ଦାର ଇନିଂସ ଓ ତନୁସ କୋଟିଆନଙ୍କୁ ଚତୁର ବୋଲିଂ ବଳରେ ଏଠାରେ ରବିବାର ଶେଷ ହୋଇଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ-ଏ ୩ ୱିକେଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ’କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୭୫ ରନ୍‌ରେ ଆଗୁଆ ରହିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୧୯୯ ରନ୍ କରିଅଲଆଉଟ ହୋଇଯାଇଥିଲା। ଏହା ଫଳରେ ୨୭୫ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ-ଏ ୭୩.୧ ଓଭରରେ ୭ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅଧିନାୟକ ଋଷଭ ପନ୍ତ ସର୍ବାଧିକ ୯୦ ରନ୍ କରିବା ସହ ନିଜର ଫିଟନେସ ପ୍ରମାଣ କରିଛନ୍ତି। ଏହା ଫଳରେ ଆସନ୍ତା ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ସେ ପ୍ରସ୍ତୁତ ବୋଲି ସୂଚେଇ ଦେଇଛନ୍ତି। ପନ୍ତଙ୍କ ଦୃଢ଼ ବ୍ୟାଟିଂ କରି ଆଉଟ ହେଲା ବେଳକୁ ଦଳ ୧୭୨ ରନ୍‌ରେ ଅଧା ୱିକେଟ ହରାଇଥିଲା। କିନ୍ତୁ ଶେଷ ୩ ବ୍ୟାଟର ତନୁସ କୋଟିଆନଙ୍କ ୨୩, ଦୁଇ ବୋଲର ମାନବ ସୂତାରଙ୍କ ଅପରାଜିତ ୨୦



ଓ ଅଂଶୁଲ କାମ୍ବୋଜଙ୍କ ଅପରାଜିତ ୩୭ ରନ୍ ବଳରେ ୩ ୱିକେଟ ବାକିଥାଇ ଦଳ ବିଜୟୀ ହୋଇଥିଲା। ଦକ୍ଷିଣ ଆଫ୍ରିକାର ଉଭୟ ଇନିଂସରେ ୪ଟି ଲେଖାଏଁ ମୋଟରେ ୮ଟି ୱିକେଟ ନେଇଥିବା ମୁମ୍ବାଇ ଅଲରାଉଣ୍ଡର କୋଟିଆନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏଠାରେ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ନଭେମ୍ବର ୬ରୁ ଆରମ୍ଭ ହେବ।

### ଅର୍ଶଦୀପ ସିଂହ ଶ୍ରେଷ୍ଠ ଖେଳାଳି; ନଭେମ୍ବର ୬ରେ ଚତୁର୍ଥ ମୁକାବିଲା

## ତୃତୀୟ ଟି-୨୦ ଜିତିଲା ଭାରତ: ସିରିଜ୍ ବରାବର

ହୋବାର୍ଟ, ୨।୧୧ (ଏଜେନ୍ସି): ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ଭାରତ ଏଠାରେ ରବିବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟି-୨୦କୁ ୫ ୱିକେଟରେ ଜିତିନେଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିକୁ ଆସିଯାଇଛି। ସିଡନୀରେ ଖେଳାଯାଇଥିବା ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଏହା ପରେ ମେଲବୋର୍ଣ୍ଣରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୪ ୱିକେଟରେ ଜିତିନେଇଥିଲା। ଏବେ ସିରିଜ୍‌ର ଶେଷ ଦୁଇଟି ମ୍ୟାଚ୍ ଯଥାକ୍ରମେ ଗୋଲ୍ଡ କୋଷ୍ଟରେ ନଭେମ୍ବର ୬ ଓ ବ୍ରିସ୍‌ବେନ୍‌ରେ ନଭେମ୍ବର ୮ରେ ଖେଳାଯିବ। ହୋବାର୍ଟରେ ଖେଳାଯାଇଥିବା ତୃତୀୟ ଟି-୨୦ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୬ ୱିକେଟରେ ୧୮୬ ରନ୍ କରିଥିଲା। ଜବାବରେ ଭାରତ ୧୮.୩ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଅଷ୍ଟ୍ରେଲିଆ ଇନିଂସରେ ୪ଓଭର ବୋଲିଂ କରି ୩୫ ରନ୍‌ରେ ୩ଟି ୱିକେଟ ନେଇଥିବା ଭାରତୀୟ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଅଷ୍ଟ୍ରେଲିଆ ପ୍ରଦତ୍ତ ୧୮୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ବିସ୍ଫୋରକ ବ୍ୟାଟିଂ ଆରମ୍ଭ କରିଥିଲେ ମଧ୍ୟ ପାୱାର ପ୍ଲେ’ରେ ଦୁଇ ଓପନର ଅଭିଷେକ ଶର୍ମା ୧୬ ବଲ୍‌ରେ ୨୫ ଓ ଶୁବମନ ଗିଲ୍ ୧୨ ବଲ୍‌ରେ ୧୫ ରନ୍ କରି ଆଉଟ ହୋଇଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୧ ବଲ୍‌ରେ ୨୪ ଓ ତିଳକ ବର୍ମା ୨୬ ବଲ୍‌ରେ ୨୯ ରନ୍ କରିଥିଲେ। ଅକ୍ଷର ପଟେଲ ୧୭ ରନ୍ କରି ସେମାନଙ୍କ ସହ ପାଭିଲିୟନ ଫେରିଥିଲେ। ୧୫ତମ ଓଭରରେ ଭାରତ ୧୪୫ ରନ୍‌ରେ ଅଧା ବା ୫ଟି ୱିକେଟ ହରାଇଥିଲା। ଏହି ସମୟରେ ଆଶ୍ଚର୍ଯ୍ୟଜନକ ଭାବେ ଅଷ୍ଟ୍ରେଲିଆ ଇନିଂସରେ ବୋଲିଂ କରି ନ ଥିବା ୱାଶିଂଟନ ସୁନ୍ଦର ଓ ସଞ୍ଜୁ ସାମସନଙ୍କ ସ୍ଥାନରେ ଖେଳିଥିବା ଜିତେଶ ଶର୍ମା ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ ଓ ୯ଟି ବଲ ବାକି ଥାଇ ଭାରତକୁ ବିଜୟୀ କରାଇଥିଲେ। ସୁନ୍ଦର ୨୩ ବଲ୍‌ରୁ ୩ ଚୌକା ଓ ୪ଛକା ସହ ୪୯ ଏବଂ ଜିତେଶ ୧୩ ବଲ୍‌ରୁ ୩ ଚୌକା ସହ ୨୨ ରନ୍‌ରେ ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ୬ଷ୍ଠ ୱିକେଟରେ ୨୫ ବଲ୍‌ରୁ ୪୩ ରନ୍ ମିଳିଥିଲା। ଜୋଶ ହାଜ୍‌ଲେଉଡ୍‌ଙ୍କ ବ୍ୟତୀତ ଖେଳିଥିବା ଅଷ୍ଟ୍ରେଲିଆର ପେସର ଏଠାରେ ସୁନ୍ଦର ବୋଲିଂ କରିଥିଲେ। ସେମାନଙ୍କ ମଧ୍ୟରୁ ନାଥାନ ଏଲିସଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା।

ଦୀର୍ଘ ଦିନ ପରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏଠାରେ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ଲାଗି ଅଷ୍ଟ୍ରେଲିଆକୁ ଆମନ୍ତ୍ରଣ କରିଥିଲେ। ଅଷ୍ଟ୍ରେଲିଆର ବ୍ୟାଟରମାନେ ଛୋଟିଆ ପଡ଼ିଆରୁ ମନ ଇଚ୍ଛା ବାଉଣ୍ଡାରୀ ମାରି ଯେପରି ଦ୍ରୁତ ହାରରେ ରନ୍ ସଂଗ୍ରହ କରିଥିଲେ ସେହିପରି ୱିକେଟ ମଧ୍ୟ ହରାଇଥିଲେ। ନଂ-୪ରେ ବ୍ୟାଟିଂ କରିଥିବା ଟିମ୍ ଡେଭିଡ୍‌ଙ୍କ କ୍ଲିନ୍ ଓ ହାର୍ଡ ହିଟ୍ ଭାରତକୁ ଅଡୁଆରେ ପକାଇଥିଲା। ସେ ୨୩ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲାବେଳେ ୩୮ ବଲ୍‌ରୁ ୮ ଚୌକା ଓ ୫ଛକା ସହାୟତାରେ ସର୍ବାଧିକ ୭୪ ଓ ମାର୍କସ ଷ୍ଟୋଇନିସ ୩୯ ବଲ୍‌ରୁ ୬୪ ରନ୍ କରିଥିଲେ। ମାଥ୍ୟୁ ସର୍ଟଙ୍କ ୧୫ ବଲରୁ ୨୬ ରନ୍ ମଧ୍ୟ ବେଶ ଉପଯୋଗୀ ହୋଇଥିଲା। ଭାରତ ପକ୍ଷରୁ ଅର୍ଶଦୀପ୍‌ଙ୍କ ୩ ୱିକେଟକୁ ବାଦ୍ ଦେଲେ ଗୋଟିଏ ଓଭରରେ ବରୁଣ ଚକ୍ରବର୍ତ୍ତୀ ୨ଟି ଓ ଓଭର ପ୍ରତି ୧୪.୩୦ ହାରରେ ରନ୍ ଦେଇଥିବା ଶିବମ ଦୁବେ ଗୋଟିଏ ୱିକେଟ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS